R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୬୬
ତିଥି : ନବମୀ
୨୪ ମାର୍ଚ୍ଚ ୨୦୨୫, ସୋମବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 166
24 March 2025, Monday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ଆତ୍ମସମର୍ପଣ କଲେ ୨୨ ନକ୍ସଲ

ମାଲକାନଗିରି, ୨୩।୩ (ସବ୍ୟୁ) : ସୀମାନ୍ତ ଛତିଶଗଡର ବିଜାପୁର ଜିଲ୍ଲା ପୁଲିସ ନିକଟରେ ୨୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଗତ ୨୦ ତାରିଖରେ ବିଜାପୁର ପୁଲିସ ୨୬ ଜଣ ନକ୍ସଲଙ୍କୁ ମାରିବା ପରେ ସଂଗଠନରେ ହଡକମ୍ପ ମଚିଥିଲା । ନକ୍ସଲ ମୃତ୍ୟୁକୁ ଭୟ କରିବା ସହ ସଂଗଠନ ଛାଡିବା ପାଇଁ ଆଗେଇ ଆସିଥିଲେ । ନକ୍ସଲ ସଂଗଠନରେ ନର୍ଯାତନା ଏବଂ ପୁଲିସର ଘନ ଘନ ଚଢାଉରେ ନକ୍ସଲଙ୍କର ମୃତ୍ୟୁ ଅନ୍ୟ ନକ୍ସଲମାନଙ୍କୁ ଭୟଭିତ କରାଇଛି ।



ଆନ୍ଧ୍ର ଓଡିଶା ବଡର ଡିଭିଜନ ଏବଂ ତେଲେଙ୍ଗାନା ଷ୍ଟେଟ ଏରିଆ କମିଟିର ୨୨ ଜଣ ନକ୍ସଲ ଜିଲ୍ଲା ପୁଲିସ ଏବଂ ଆଇଜି ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୧୧ ଜଣଙ୍କ ନାମରେ ୬ ଲକ୍ଷ ଟଂକାର ପୁରସ୍କାର ରାଶି ରହିଥିଲା । ୨୦୨୬ ମାର୍ଚ୍ଚ ସୁଦ୍ଧା ନକ୍ସଲ ଦେଶରୁ ହଟିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କରିଥିବା ଘୋଷଣା ଧୀରେଧୀରେ ସଫଳତା ଆଡକୁ ମୁହାଁଉଥିବା ଦେଖିବାକୁ ମିଳିଛି । ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ପ୍ରଶାସନ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ସହ ଆତ୍ମନିର୍ଭରଶୀଳ କରାଯିବା ବୋଲି କହିଛି । ଏବେ ବି ସମୟ ଅଛି ବୋଲି ପୁଲିସ କହିଛି । ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ସୁଖରେ କଟାନ୍ତୁ ବୋଲି ପୁଲିସ କହିଛି ।

ଛତିଶଗଡର ସୁକମା ଜିଲ୍ଲାର ମରକନଗୁଡା ଏବଂ ମେଟାଗୁଡା ଜଂଗଲରୁ ମାଓବାଦୀ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ରକୁ ଯବାନ ଉଦ୍ଧାର କରିଛନ୍ତି । ସୁରକ୍ଷା ବାହିନୀର ଯବାନମାନେ ଦୁଲେଡ଼ ଠାରେ ଅବସ୍ଥାପିତ ପୁଲିସ କ୍ୟାମ୍ପ ତରଫରୁ ମରକନଗୁଡା ଠାରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଂଗଲରୁ ୬ଟି ଦେଶୀ ବନ୍ଧୁକ, ୧୮ଟି

## ବିପୁଳ ପରିମାଣର ବିସ୍ଫୋରକ ଜବତ

ବିଜିଏଲ ସେଲ, ଡିଟୋନେଟର, ଲୁହାର ସ୍ପାଇକ, ବିସ୍ଫୋରକ ଇତ୍ୟାଦି ଜବତ କରାଯାଇଛି । ସେହିପରି ମେଟାଗୁଡ଼ା ଠାରେ ନୂତନ କ୍ୟାମ୍ପ ପ୍ରତିଷ୍ଠା ପରେ ଯବାନ ସେହି ଜଂଗଲରେ କୁମ୍ବିଂ କରୁଥିବା ବେଳେ ୩ଟି ଦେଶୀ ବନ୍ଧୁକ, ୨ଟି ବିଜିଏଲ ସେଲ, ରାଇଫଲ, ୬ଟି ଦେଶି ଡିଟୋନେଟର, ୧୦୦ ଗ୍ରାମ୍ ଗନ ପାଉଡର, ବୋମା, (୯ ପୃଷ୍ଠାରେ)

### ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ପୁଞ୍ଜିଲାଲଙ୍କ ଜାମିନ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୩।୩ : ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ସୁପ୍ରିମକୋର୍ଟରୁ ଝଟକା ଲାଗିଛି । ତାଙ୍କ ଜାମିନ ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି । ଜଷ୍ଟିସ୍ ଏମ୍ଏମ୍ ସୁନ୍ଦରେଶ ଓ ବିଚାରପତି ଜଷ୍ଟିସ୍ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ମାମଲାରେ ସାକ୍ଷୀମାନଙ୍କ ଜେରା ଶେଷ ହୋଇଥିବା ତଥା ପକ୍ଷ-ପ୍ରତିପକ୍ଷ ଆଇନଜୀବୀଙ୍କ ଯୁକ୍ତି ଆରମ୍ଭ ହେବାକୁ ଯାଉଥିବାକୁ ପୁଞ୍ଜିଲାଲଙ୍କ ଜାମିନ ଖାରଜ ସଂପର୍କିତ ଓଡ଼ିଶା ହାଇକୋର୍ଟଙ୍କ ଆଦେଶରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ । ଏହା ସହ ଖଣ୍ଡପୀଠ ପୁଞ୍ଜିଲାଲଙ୍କ ଦ୍ୱାରା



ଦାଖଲ କରାଯାଇଥିବା ଜାମିନ ଆବେଦନ ଏସ୍ଏଲ୍ପିକୁ ଖାରଜ କରିଦେବା ସହ ଟ୍ରାଏଲ କୋର୍ଟ ମାମଲାର ଶୁଣାଣିରେ ତୀବ୍ରତା ଆଣିବା ସହ ତିନିମାସ ଭିତରେ ଶୁଣାଣିକୁ ଶେଷ କରିବା ପାଇଁ ସମୟସୀମା ଧାର୍ଯ୍ୟ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ୨୩ ଫେବ୍ରୁଆରି ୨୦୧୮ରେ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ଗୋଟିଏ ପରିବାରର ଦୁଇଜଣ ସଦସ୍ୟଙ୍କ ମୃତ୍ୟୁ ହୋଇଥିଲା ଏବଂ ଜଣେ ଗୁରୁତର ହୋଇଥିଲେ । ଏହି ଘଟଣା ସମଗ୍ର ଦେଶରେ ଚହଳ ପକାଇଥିଲା । ଘଟଣା ଘଟିବାର ଦୁଇମାସ ପରେ ଅର୍ଥାତ ୨୦୧୮ ଏପ୍ରିଲ ୨୪ରେ ପାର୍ସଲ ବୋମା ପଠାଇଥିବା ଅଭିଯୁକ୍ତ (୯ ପୃଷ୍ଠାରେ)

### ସେକ୍ସଟର୍ସନ ଅଭିଯୋଗ

# ଦିଲ୍ଲୀରୁ ନାଇଜେରିଆ ଯୁବକଙ୍କୁ ବାନ୍ଧିଲା ଓଡିଶା ପୋଲିସ

କଟକ, ୨୩।୩ (ସବ୍ୟୁ) : କଟକରେ 'ସେକ୍ସଟର୍ସନ' ଅଭିଯୋଗ ମାମଲାରେ ଦିଲ୍ଲୀରୁ ଜଣେ ବିଦେଶୀ ନାଗରିକ ଗିରଫ ହୋଇଛି । ଗିରଫ ଅଭିଯୁକ୍ତ ନାଇଜେରିଆର ନାଗରିକ ବୋଲି କମିସନରେଟ ପୁଲିସ କହିଛି । ସଂପୃକ୍ତ ବ୍ୟକ୍ତି କଟକର ଜଣେ ବ୍ୟକ୍ତିଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିବା ସହ ବ୍ଲାକମେଲ୍ କରି ଟଙ୍କା ମାଗୁଥିଲା । ଲକ୍ଷାଧିକ ଟଙ୍କା ନେବାପରେ ମଧ ବିଦେଶୀ ନାଗରିକ ଜଣକ ଆହୁରି ଟଙ୍କା ମାଗିଥିଲା । ହେଲେ ପୀଡିତ ବ୍ୟକ୍ତି ଟଙ୍କା ନଦେବାରୁ ତାଙ୍କ ଫଟୋ ଭିଡିଓକୁ ନାଇଜେରିଆର ନାଗରିକ ଜଣକ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା । ଫଳରେ ସଂପୃକ୍ତ ବ୍ୟକ୍ତି ଜଣକ ଜୀବନ ହାରିଥିଲେ । ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିବା ପରେ କଟକ ପୁଲିସ ଦିଲ୍ଲୀରୁ ଜଣେ ନାଇଜେରିଆ ନାଗରିକଙ୍କୁ ଗିରଫ କରିଛି ।

ପୁଲିସ ଜାଣିବାକୁ ପାଇଛି ନାଇଜେରିଆର ଏହି ବ୍ୟକ୍ତି ଜଣକୁ ନିଜକୁ ଡାକ୍ତର କହୁଥିଲା । ମଧୁର କଥା କହି ଯୁବତୀଙ୍କୁ ଜାଲରେ ଫସାଉଥିଲା । ପ୍ରଥମେ ଫେସବୁକରେ ସଂପର୍କ ସୃଷ୍ଟି କରୁଥିଲା । ପରେ ହ୍ୱାଟ୍ସଅପ୍ ଓ ମୋବାଇଲ୍ କଲିଂ ମାଧ୍ୟମରେ ସିଧାସଳଖ କଥା ହେଉଥିଲା । ଯେଉଁ ଯୁବତୀମାନେ ସଂପୃକ୍ତ ବ୍ୟକ୍ତିର ଜାଲରେ ଫସୁଥିଲେ, ପରେ ଟଙ୍କା ହରାଉଥିଲେ । ଅଭିଯୁକ୍ତ ଯୁବକ ଅନଲାଇନରେ କଥାବାର୍ତ୍ତା ବେଳେ ପ୍ରାୟ ୩୦୦୦ ଯୁବତୀଙ୍କର ସ୍କ୍ରିନ୍ ସଟ୍ ରଖିଛି । ଏହାକୁ ମାଧ୍ୟମ କରି ସେ ଧମକ ଦେଉଥିଲା । ନାଇଜେରିଆ ନାଗରିକଙ୍କ ଗିରଫ ସଂପର୍କରେ କଟକ (୯ ପୃଷ୍ଠାରେ)

### ବିଦ୍ୟୁତ୍ କ୍ଷେତ୍ର ସମୀକ୍ଷା

# ଫ୍ଲାଏ ଆଶ୍ ପରିବହନ ଲାଗି ହେବ ରେକ୍ ବ୍ୟବସ୍ଥା

ଭୁବନେଶ୍ୱର, ୨୩।।୩ (ସବ୍ୟୁ) : କେନ୍ଦ୍ର ଶକ୍ତି, ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶ ଉପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି । ଏହି ବୈଠକରେ ପାଉଁଶ (ଫ୍ଲାଏ ଆଶ୍) ର ଉପଯୋଗ, କ୍ଷମତା ବୃଦ୍ଧି, ସଞ୍ଚାରଣ ଭିତ୍ତିଭୂମି ଏବଂ ବିଦ୍ୟୁତ ଆବଣ୍ଟନ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।




ଫ୍ଲାଇ ଆଶ ଉପଯୋଗ ଲକ୍ଷ୍ୟ ପ୍ରାପ୍ତି ପ୍ରସଙ୍ଗରେ ଶ୍ରୀ ଲାଲ ଆଶ୍ୱାସନା ଦେଇଥିଲେ ଯେ, ଫ୍ଲାଇ ଆଶ ପରିବହନ ପାଇଁ ପର୍ଯ୍ୟାପ୍ତ ରେଳ ରେକ୍ ବ୍ୟବସ୍ଥା ସମେତ ଏହି ପ୍ରସଙ୍ଗର ବ୍ୟାପକ ସମାଧାନ ନିମନ୍ତେ କୋଇଲା, ପରିବେଶ ଏବଂ ରେଳ ମନ୍ତ୍ରଣାଳୟ ସହିତ ଏକ ମିଳିତ ବୈଠକ ଡକାଯିବ । ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି ରାଜ୍ୟ ସରକାର ବୈଠକରେ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ୨୦ ଗିଗାୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି ଏବଂ ୧୦ ଗିଗାୱାଟ ଅତିରିକ୍ତ କ୍ଷମତା ବିକାଶ ପାଇଁ ଯୋଜନା କରାଯାଇଛି ଯାହା ଆସନ୍ତା ୫ ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି । କେନ୍ଦ୍ର ମନ୍ତ୍ରୀ ଓଡ଼ିଶାରେ ଅଧିକ ପିଟ-ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟର ବିକାଶକୁ ପ୍ରୋତ୍ସାହିତ କରିଥିଲେ, ଯେଉଁଥିରେ ଅନ୍ୟ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସାମିଲ ରହିଛି ।

ସଞ୍ଚାରଣ କ୍ଷେତ୍ରରେ ରାଜ୍ୟବ୍ୟାପୀ ଯୋଜନା ରଣନୀତି ଏବଂ ଭୁବନେଶ୍ୱର ଓ କଟକ ଭଳି ସହରକୁ ବିଦ୍ୟୁତ ଯୋଗାଣ ସୁଦୃଢ଼ କରିବା ଲାଗି ନିକଟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ରାଇଟ୍ ଅଫ୍ ୱେ (ଆରଓଡବ୍ଲ୍ୟୁ) ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ଦ୍ୱାରା (୯ ପୃଷ୍ଠାରେ)

### ଚା' ଦୋକାନକୁ ମାଡ଼ିଗଲା ହାଇୱା

# ମହିଳାଙ୍କ ସମେତ ୩ ମୃତ

ରାଉରକେଲା/କୋଇଡ଼ା, ୨୩।୩ (ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲାରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି । ଜିଲ୍ଲାର କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ଟୋଲଗ୍ଟେ ନିକଟରେ ଏକ ହାଇୱା ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଚା' ଦୋକାନ ଭିତରକୁ ପଶିଯାଇଛି । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ହୋଇଛି । ରିପୋର୍ଟ ଲେଖାଯିବା ବେଳକୁ ମୃତକମାନଙ୍କର ପରିଚୟ ମିଳିପାରି ନାହିଁ ।

ସ୍ଥାନୀୟ ଲୋକଙ୍କର କହିବା ଅନୁସାରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜାମୁଡିହି ଟୋଲଗ୍ଟେ ନିକଟରେ ଏକ ହାଇୱା ଦ୍ରୁତଗତିରେ ଆଗକୁ ବୁଥିଲା । ଫଳରେ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଚା' ଦୋକାନ ଉପରକୁ ମାଡ଼ି ଯାଇଥିଲା । ଦୋକାନ ଭିତରେ କିଛି ଲୋକ ଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ପାଇ ପୁଲିସ ପହଞ୍ଚି ଦୁଘଟଣାଗ୍ରସ୍ତ ହାଇୱାକୁ ଜବତ କରିଛି । ମୃତ ତିନି ଶବ ଜବତ କରି ବଣାଇ ହସ୍ପିଟାଲକୁ ପଠାଇଛି । ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ଜଳିଗଲା ବହି ଗୋଦାମ, ୩ ଗୁରୁତର

ଜଗତସିଂହପୁର, ୨୩।୩ (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଜନତାକୋଠି ଠାରେ ଥିବା ଏକ ବହି ଗୋଦାମରେ ବିସ୍ଫୋରଣ ଫଳରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବହି ଜଳି ପାଉଁଶ ହୋଇଯାଇଛି ।ଏହା ସହିତ ଘରର କାନ୍ଥ ମଧ ଫାଟି ସହିତ ପଡିଯିବା ଫଳରେ ତିନି ଜଣ ଗୁରୁତର ଆହତ ହୋଇ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।ଆହତ ହୋଇଥିବା ବ୍ୟକ୍ତିମାନେ ହେଲେ ମାଛଗାଁ ଓଚିନ୍ଦାର ବୁଟୁ ନାୟକ,ଓଚିନ୍ଦାର ନଗେନ୍ଦ୍ର ବାରିକଙ୍କ ପୁଅ ନରୋତ୍ତମ ବାରିକ ଓ ଅନ୍ୟ ଜଣେ ନାଉଗାଁ ଥାନା ତେନ୍ଟୋଇ ଗ୍ରାମର ତ୍ରିଲୋଚନ ସାସମଲଙ୍କ ପୁଅ ଅଜିତ କୁମାର ସାସମଲ ବୋଲି ଜଣାଯାଇଛି ।



ମିଳିଥିବା ସୁଚନା ଅନୁସାରେ ସ୍ଥାନୀୟ ଅରିଲୋ ଗ୍ରାମର ଦିଲ୍ଲିପ କୁମାର ଜେନାଙ୍କ ଘରେ ସାହୁ ବୁକ ଏଜେନ୍ସି ନାମକ ଏକ ସିବିଏସଇ ଓ ଆଇସିଏସଇ ବହି ହୋଲସେଲିଂ ଷ୍ଟୋର ରହିଥିଲା ।ଏହି ଷ୍ଟୋରକୁ ଓଚିନ୍ଦାର ଆଶିଷ ସାହୁ ଡିଷ୍ଟ୍ରିବ୍ୟୁଟର ଭାବରେ ଚଳାଉଥିଲେ ।ସେହି ବିଲ୍ଡିଙ୍ଗରେ ଗୋଟିଏ ପାଖରେ ବୁକ ଏଜେନ୍ସି ହୋଇଥିବା ବେଳେ ଅନ୍ୟ ପାଖରେ ବିଦ୍ୟୁତ (୯ ପୃଷ୍ଠାରେ)

# ଆଜି ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର, ୨୩।୩ (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା କାଲି ଛତିଶଗଡ ଓ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ଗସ୍ତ କାଳରେ ସେ ରାୟପୁର ଠାରେ ଛତିଶଗଡ ବିଧାନସଭାର ରୌପ୍ୟ ଜୟନ୍ତୀ ସମାରୋହରେ ଅଂଶ ଗ୍ରହଣ କରିବେ । ଏହା ବ୍ୟତିତ ଆସନ୍ତାକାଲି ଓଡ଼ିଶାର ନୟାଗଡ଼ କାଳିଆପଲ୍ଲୀ ଠାରେ ଭାରତୀୟ ବିଶ୍ୱବସି ଶବର ସମାଜର ପ୍ରତିଷ୍ଠା ଦିବସ ସମାରୋହରେ ଅତିଥି ଭାବେ ଯୋଗଦେବେ ।

# ଜଷ୍ଟିସଙ୍କ ଘର ପଛପଟୁ ମିଳିଥିଲା ପୋଡ଼ା ନୋଟ୍

ନୂଆଦିଲ୍ଲୀ ୨୩।୩ : ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶବନ୍ତ ବର୍ମାଙ୍କ ଘରୁ ବିପୁଳ ପରିମାଣରେ ଟଙ୍କା ମିଳିବା ମାମଲାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମନାକୁ ଆସୁଛି । ନୂଆ ସୂଚନା ଅନୁସାରେ ବିଚାରପତିଙ୍କ ଘର ନିକଟରେ ଥିବା ଅଳିଆଗଦାରୁ ବିପୁଳ ପରିମାଣର ପୋଡ଼ା ନୋଟ ଦେଖିବାକୁ ମିଳିଥିଲା ।

ଖୋଦ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ ସଂଜୀବ ଖନ୍ନାଙ୍କୁ ପଠାଇଥିବା ରିପୋର୍ଟରେ ଏ ନେଇ ଉଲ୍ଲେଖ ରହିଛି । ଦିଲ୍ଲୀ ପୁଲିସ ଓ ଦିଲ୍ଲୀ ହାଇକୋର୍ଟ ରିପୋର୍ଟରୁ ମିଳିଥିବା ତଥ୍ୟ, (୯ ପୃଷ୍ଠାରେ)

# ଜୁନ୍ ସୁଦ୍ଧା ଟ୍ରକ୍ ଟର୍ମିନାଲ କାର୍ଯ୍ୟକ୍ଷମ, ହଟିବ ବେଆଇନ ପାର୍କିଂ

ସମ୍ବଲପୁର, ୨୩।୩ (ସବ୍ୟୁ) : ଜାତୀୟ ରାଜପଥ ଉପରେ ମାଳମାଳ ଟ୍ରକ ଓ ଭାରୀଯାନ ଅବ୍ୟବସ୍ଥିତ ଭାବେ ପାର୍କିଂ କରୁଛନ୍ତି । ଫଳରେ ପ୍ରତ୍ୟହ ଟ୍ରାଫିକ ସମସ୍ୟା ଦେଖାଯାଉଛି । ଯାନବାହାନ ଯାତାୟତରେ ଅନେକ ସମସ୍ୟା ଉପୁଜୁଛି । ଏହା ମଧ୍ୟ ଅନେକ ସମୟରେ ଦୁର୍ଘଟଣାର କାରଣ ପାଲଟୁଛି । ଏସବୁର ସ୍ଥାୟୀ ପ୍ରତିକାର ପାଇଁ ସମ୍ବଲପୁରରେ ୩ଟି ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ଯୋଜନା କରାଯାଇଛି । ଜିଲ୍ଲାର ଜମନକିରାର ବଡରମା , ଚାରମାଳର ରାଶିବେଡାରେ ଟ୍ରକ ଟର୍ମିନାଲ ନିର୍ମାଣ କାମ ଚାଲୁ ରହିଛି । ରେଙ୍ଗାଲିର ପାଣ୍ଡୋଲୋଇରେ ଟ୍ରକ ଟର୍ମିନାଲ ନିର୍ମାଣ ପାଇଁ ପୁନଃ ଟେଣ୍ଡର



କରାଯାଇଛି । ଏହା ଚୂଡ଼ାନ୍ତ ହେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । ଏଥିରେ ଟ୍ରକ ଚାଳକ ଓ ସହାୟକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଉଛି । ଏଥିସହ ଗ୍ୟାରେଜ, ରେଷ୍ଟୋରାଁ, ବିଶ୍ରାମାଗାର, ଶୌଚାଳୟ ସହ ଅନ୍ୟାନ୍ୟ ସୁବିଧା ରହିବ । ଫଳରେ ଜାତୀୟ ରାଜପଥ ଦେଇ ଯାଉଥିବା ଗାଡି ଚାଳକଙ୍କ ପାଇଁ ଏହା ବେଶ ସହାୟକ ହେବ ।

ସମ୍ବଲପୁର ଦେଇ ପ୍ରତ୍ୟହ ପ୍ରାୟ ୫ ହଜାରରୁ ଅଧିକ ଟ୍ରକ ଚଳାଚଳ କରିଥାଏ । ୩ଟି ଜାତୀୟ ରାଜପଥ ଓ ୨ଟି ରାଜ୍ୟ ରାଜପଥକୁ ସମ୍ବଲପୁର ସଂଯୋଗ କରୁଛି । କୋଲକାତା-ମୁମ୍ବାଇ ୫୩ନମ୍ବର, ମୁମ୍ବାଇ-ପାରାଦ୍ୱୀପ ୫୫ନମ୍ବର ରାସ୍ତାରେ ସମ୍ବଲପୁର ଅବସ୍ଥିତ । ଏହି ଟ୍ରକର ଡ୍ରାଇଭର ଗୁଡିକ ସମ୍ବଲପୁରର ଜମନକିରା ଓ ମାନେଶ୍ୱରରୁ ରେଢାଖୋଲ ମଧ୍ୟରେ ପାର୍କିଂ କରି ବିଶ୍ରାମ ନେଇଥାନ୍ତି । ଅନେକ ସମୟରେ ଚାଳକ ମାନେ ରାସ୍ତା ଉପରେ ଗାଡି ରଖି ରୋଷେଇ କରି ଖାଇଥାନ୍ତି । ତେବେ ରାସ୍ତା ଉପରେ ଭାରୀଯାନ ପାର୍କିଂ (୯ ପୃଷ୍ଠାରେ)

# ପାକିସ୍ତାନରେ କ୍ଷମତା ବିଦ୍ରୋହ ଆଶଙ୍କା

ଇସଲାମାବାଦ, ୨୩।୩ : ପାକିସ୍ତାନ ବର୍ତ୍ତମାନ ଏକ ବଡ଼ ଅସ୍ଥିରତା ଦେଇ ଗତି କରୁଛି । ଆତଙ୍କବାଦ, ବୋମା ବିସ୍ଫୋରଣ, ଅଜ୍ଞାତ ବନ୍ଧୁକଧାରୀଙ୍କ ଆକ୍ରମଣ ଏବଂ ବୃଦ୍ଧି ପାଉଥିବା ଦାରିଦ୍ର୍ୟ ସମଗ୍ର ଦେଶକୁ ସଙ୍କଟରେ ପକାଇଛି । ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ)ର ବର୍ଦ୍ଧିତ ଆକ୍ରମଣ ସରକାର ଏବଂ ସେନା ଉଭୟଙ୍କ ନିଦ ହଜାଇ ଦେଇଛି ।

ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିରଙ୍କ ପାଇଁ ସୁରକ୍ଷା ଚ୍ୟାଲେଞ୍ଜ ରହିଛି । କିନ୍ତୁ ଏବେ ଏହି ପ୍ରସଙ୍ଗ କେବଳ ଆତଙ୍କବାଦ ପର୍ଯ୍ୟନ୍ତ ସୀମିତ ନାହିଁ । ପାକିସ୍ତାନରେ ଏକ ବିଦ୍ରୋହର ଗୁଞ୍ଜରଣ ଆରମ୍ଭ ହୋଇଛି । କାରଣ ମୁନିର ଶାହବାଜ ଯେଉଁଭଳି ଭାବରେ ସରକାରଙ୍କୁ ଦୁର୍ବଳ କହୁଛନ୍ତି, ତାହା ଏହି କଥାର ସଙ୍କେତ ଦେଉଛି ଯେ, ପାକିସ୍ତାନରେ ନୱାଜ ସରିଫଙ୍କ କାହାଣୀ ପୁନରାବୃତ୍ତି ହୋଇପାରେ । ଦେଶରେ ସେନା ଏବଂ ସରକାର ମୁହାଁମୁହିଁ ହୋଇଛନ୍ତି । ପାକିସ୍ତାନର ଲୋକମାନେ ଯେଉଁ ନିଆଁରେ ଜଳୁଛନ୍ତି, ତାହା ସେନା ଏବଂ ସରକାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱକୁ ମଧ ଇଙ୍ଗିତ କରୁଛି । ସେନା ମୁଖ୍ୟ ଅସୀମ ମୁନିର ଲଗାତାର ଶାହବାଜ ସରକାରଙ୍କୁ ଟାର୍ଗେଟ କରି ଏହାକୁ ଦୁର୍ବଳ ବୋଲି କହୁଛନ୍ତି । ସମ୍ପ୍ରତି ଏକ ସୁରକ୍ଷା ବୈଠକରେ, ସେ ଦେଶର ବିପର୍ଯ୍ୟସ୍ତ ସୁରକ୍ଷା ପରିସ୍ଥିତି ପାଇଁ ସରକାରଙ୍କୁ ଦାୟୀ କରିଥିଲେ ଏବଂ କହିଥିଲେ ଯେ, ପାକିସ୍ତାନକୁ ଉତ୍ତମ ଶାସନ ଆବଶ୍ୟକ । ସେ ପ୍ରଶ୍ନ ଉଠାଇଥିଲେ, ଦୁର୍ବଳ ଶାସନ ଯୋଗୁ ପାକିସ୍ତାନ କେତେ ଦିନ ପର୍ଯ୍ୟନ୍ତ ନିଜର ନାଗରିକଙ୍କ ଜୀବନ ହରାଇବ ।

ମୁନିରଙ୍କ ଏହି ବୟାନ ସ୍ପଷ୍ଟ କରିଦେଇଛି ଯେ, ସେ ଶାହବାଜ ସରିଫଙ୍କୁ ଜଣେ ଦୁର୍ବଳ ପ୍ରଧାନମନ୍ତ୍ରୀ ପ୍ରମାଣିତ କରିବାକୁ ଚେଷ୍ଟା କରୁଛନ୍ତି । ଠିକ୍ ଯେପରି ୧୯୯୯ ମସିହାରେ, ପରଭେଜ ମୁଶାରଫ ନୱାଜ ସରିଫଙ୍କ ବିରୁଦ୍ଧରେ ଏକ ପରିବେଶ ସୃଷ୍ଟି କରିଥିଲେ । ବିଏଲଏ ଦ୍ୱାରା ବଢୁଥିବା ଆକ୍ରମଣର ବାହାନାରେ, ସେନା ସରକାରଙ୍କୁ ଦୋଷ ଦେବା ଆରମ୍ଭ କରିଛି । ପାକିସ୍ତାନରେ (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



"ଫିଲ୍ମ ପ୍ରସ୍ତୁତ କରିବା ଏକ କଳା ତାହା ବ୍ୟବସାୟ ନୁହେଁ । ସେହିଭଳି କଣ୍ଟେଣ୍ଟ କ୍ରିଏସନ ମଧ୍ୟ ଏକ ସୁନ୍ଦର କଳା । ତେଣୁ କ୍ରିଏଟରମାନେ ନିଜ ଅର୍ଥ ଏଥିରେ ଲଗାନ୍ତୁ, ସବୁ ସମସ୍ୟାର ସମାଧାନ ହୋଇଯିବ ।

**ଏକ୍ତା କପୁର, ଫିଲ୍ମ ମେକର**



"ସବାନା ଆଜମୀଙ୍କ ଅଭିନୟ ଅତୁଳନୀୟ । ତାଙ୍କ ପାଖରୁ ସବୁବେଳେ ଅନେକ କିଛି ଶିଖିଛି । ତାଙ୍କ ଅଭିନୟ ଦେଖି ଅନେକ ନ୍ୟୁକମର ଫିଲ୍ମ ଇଣ୍ଡଷ୍ଟ୍ରୀରେ ଯୋଗ ଦେଇଥାଆନ୍ତି ।

**ସବା ଆଜାଦ, ଅଭିନେତ୍ରୀ**



"ଆଶ୍ରମ ୩ରେ ମୋ ଚରିତ୍ର କରିବା ଖୁବ ଚାଲେଞ୍ଜିଂ ଥିଲା । ଏହି ଚରିତ୍ର ମାନସିକ ସ୍ତରରେ ମୋତେ ଖୁବ ସମସ୍ୟାରେ ପକାଇଛି । ଅନ୍ୟ ସିଜିନ ଅପେକ୍ଷା ଏହା କଷ୍ଟଦାୟକ ଥିଲା ।

**ଅଦିତି ପୋହାଣକର, ଅଭିନେତ୍ରୀ**

## ବିଶ୍ୱ ଯକ୍ଷ୍ମା ଦିବସ





ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଯକ୍ଷ୍ମା ଦିବସ । ୧୮୮୨ ମସିହାରେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଯାହାର ଭୟାବହତାପରେ ବର୍ଲିନର ଡା. ରବର୍ଟ କୋକ୍ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡା. କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ସେ ଏହି ସଫଳତା ୧୮୮୨ ମାର୍ଚ୍ଚ ୨୪ ତାରିଖରେ ପାଇଥିଲେ, ଯେଉଁ ଦିନକୁ 'ବିଶ୍ୱ ଯକ୍ଷ୍ମା ଦିବସ'ଭାବେ ପାଳନ କରାଯାଇ ଆସୁଛି । ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା । ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତିବର୍ଷ ବିଭିନ୍ନ ଥିମ୍‌କୁ ନେଇ ଏହି ଦିବସ ପାଳନ କରାଯାଇଥାଏ । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସହଯୋଗ କରିବ । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳୋତ୍ପାଟନ ମଧ୍ୟ ହୋଇପାରୁଛି । ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ସୂଚନା ଅନୁସାରେ ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ । ତେଣୁ ଯଦି କୌଣସି ବି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ମାଇକ୍ରୋ ଫରେଷ୍ଟ



ବର୍ତ୍ତମାନ ପ୍ରଦୂଷଣରେ ସାରା ବିଶ୍ୱ ଘାଣ୍ଟି ହେଉଥିବାବେଳେ ଏହାକୁ କମ କରିବାପାଇଁ ବିଭିନ୍ନ ପ୍ରୟାସ ଜାରିରହିଛି । ଏପରିସ୍ଥଳେ ଏହାକୁ ରୋକିବାର ଏକ ଛୋଟ ଉପାୟ ଭାବେ ଏବେ ଟ୍ରେଣ୍ଡ୍‌ରେ ରହିଛି ତାହା ହେଉଛି ମାଇକ୍ରୋ ଫରେଷ୍ଟ । ମାଇକ୍ରୋ ଫରେଷ୍ଟର ଅର୍ଥ ହେଉଛି ଛୋଟଛୋଟ ସହରାଞ୍ଚଳରେ ସେଠିକାର ପାଣିପାଗରେ ହେଉଥିବା ସ୍ଥାନୀୟ ଗଛକୁ ଲଗାଇ ଜଙ୍ଗଲ ସୃଷ୍ଟି କରିବା । ଏହି ପ୍ରକ୍ରିୟା ବର୍ତ୍ତମାନ ବିଭିନ୍ନ ଦେଶରେ ବେଶ୍ ପରିଚିତ ହୋଇଛି । ଏସିଆ, ସାଉଥ୍ ଆମେରିକା, ନର୍ଥ ଆମେରିକା, ୟୁରୋପ, ଆଫ୍ରିକା ଭଳି ଦେଶରେ ଏହି ପ୍ରକ୍ରିୟାର କ୍ରେଜ ବଢି ଚାଲିଛି । ଏହି ପ୍ରକ୍ରିୟାକୁ ବ୍ୟବହାର କରି ଲୋକମାନେ ପାର୍କିଂ ଅଞ୍ଚଳ, ସ୍କୁଲର ପ୍ଲେ ଗ୍ରାଉଣ୍ଡ, କଲୋନି ଗ୍ରାଉଣ୍ଡ ଭଳି ବଡ ସ୍ଥାନକୁ ଜଙ୍ଗଲରେ ପରିଣତ କରିବାରେ ଲାଗିଛନ୍ତି । ପରିବେଶ ସୁରକ୍ଷା ଉପରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର ତଥ୍ୟ ଅନୁସାରେ ଏହାର ବେଶ୍ ଫାଇଦା ମଧ୍ୟ ମିଳୁଛି । ଏହା କ୍ଲାଇମେଟ୍ ଚେଞ୍ଜ ସମସ୍ୟା ବିପକ୍ଷରେ ବଡ ଅସ୍ତ୍ର ହୋଇପାରିଛି । ଏହି କୁନି ଜଙ୍ଗଲରେ ପ୍ରଥମରୁ ୩ ବର୍ଷ ପର୍ଯ୍ୟନ୍ତ ଗଛ ଗୁଡିକରେ ପାଣି ଓ ଏହାର ଯତ୍ନ ନିଆଯାଉଛି । ପରେ ଏହା ମନକୁ ମନ ବଢୁଛି । ବିଶ୍ୱ ତାପନ କାରଣରୁ ନଷ୍ଟ ହେଉଥିବା ଜଙ୍ଗଲର ବିକଳ୍ପ ଭାବେ ଏହା ଉଭା ହୋଇଛି । ଏହା ଆମ ପରିବେଶକୁ କିଛିମାତ୍ରାରେ ସନ୍ତୁଳନ କରିବା ସହ ଛୋଟ ବନ୍ୟ ପଶୁଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି ।

## ଟେକ୍ନୋ ରିସ୍କ

ବର୍ତ୍ତମାନ ସମୟରେ ଏଆଇର ବ୍ୟବହାର ବହୁଳମାତ୍ରାରେ ବଢ଼ିଚାଲିଛି । ହେଲେ ଏହା ଯେ ସବୁ କ୍ଷେତ୍ରରେ ସକାରାତ୍ମକ ତାହା ନୁହେଁ, ଏହାର ନକାରାତ୍ମକ ଦିଗ ମଧ୍ୟ ରହିଛି । ଯାହାକୁ ନେଇ ଏବେ ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି । ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ବା ଏଆଇ ଏକ ସ୍ୱତନ୍ତ୍ର ଭୂମିକା ଗ୍ରହଣ କରୁଛି । ଏଭଳି ଏକ ଅତ୍ୟାଧୁନିକ ଟେକ୍ନୋଲୋଜି ଆସିବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ସହଜ ହୋଇଛି । ଏପରିକି ଏହା ଦ୍ୱାରା ମାନବକୁ ରିପ୍ଲେସ୍ କରିବା ପାଇଁ ବୈଜ୍ଞାନିକମାନେ ପଦକ୍ଷେପ ନେଉଛନ୍ତି । ହେଲେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାକୁ ବିରୋଧ କରାଯାଉଛି । ଏଆଇକୁ ନେଇ ଏହି କ୍ଷେତ୍ରରେ ଅସନ୍ତୋଷ ବୃଦ୍ଧି ପାଉଛି । ସ୍ୱାସ୍ଥ୍ୟକ୍ଷେତ୍ରରେ ବିଭିନ୍ନ ପ୍ରକାରର ଚିକିତ୍ସାକୁ ସହଜ କରିବା ପାଇଁ ଏଆଇ ରୋବୋଟ୍‌କୁ ବିକଶିତ କରାଯାଇଛି । ମାତ୍ର ଅନେକ ସମୟରେ ସିଷ୍ଟମ୍‌ରେ ଏରର୍ ଯୋଗୁ ରୋଗୀଙ୍କର ବଡ଼ କ୍ଷତି ହେବାର ରିସ୍କ ରହୁଛି । ଏହାସହିତ ରୋଗୀଙ୍କର ବିଭିନ୍ନ ବ୍ୟକ୍ତିଗତ ତଥ୍ୟ ବାହାରକୁ ଯିବାର ଆଶଙ୍କା ମଧ୍ୟ ରହୁଛି । ଆମେରିକାର ଜଣେ ୪୯ ବର୍ଷୀୟା ମହିଳା ଡାକ୍ତରଙ୍କ ପରିବର୍ତ୍ତେ ଏଆଇର ସାହାଯ୍ୟ ନେଇ ହାରାସ ହେବା ପରେ ଏହାର ନକାରାତ୍ମକ ଦିଗକୁ ନେଇ ଆଶଙ୍କା ଉପୁଜିଛି । ହେଲ୍‌ଥ ଏକ୍ସପର୍ଟଙ୍କ ମତରେ ରୋଗୀଙ୍କୁ କୌଣସି ଏକ ଗମ୍ଭୀର ସମସ୍ୟା ସମ୍ପର୍କରେ କହିବା



ବେଳେ ଡାକ୍ତରମାନଙ୍କୁ ୱାନ୍ ଟୁ ୱାନ୍ ଆଲୋଚନା କରିବା ଆବଶ୍ୟକ । ମାନବୀୟ ସମ୍ପର୍କ ରୋଗୀଙ୍କୁ ଆତ୍ମସନ୍ତୁଷ୍ଟି ପ୍ରଦାନ କରିଥାଏ । ମେଡିକାଲ୍ ପ୍ରାକ୍ଟିସ୍ ହେଉଛି ଏକ କଳା । କୌଣସି ବି ଟେକ୍ନୋଲୋଜି ଏହି ତଥ୍ୟକୁ ଅସ୍ୱୀକାର କରିପାରିବ ନାହିଁ । ରୋଗୀଙ୍କ ଆତ୍ମସନ୍ତୁଷ୍ଟି ଏବଂ ନିଷ୍ପତ୍ତି ପାଇଁ ରୋଗୀମାନଙ୍କ ସହିତ ଡାକ୍ତରଙ୍କର ପ୍ରତ୍ୟକ୍ଷ ସମ୍ପର୍କ ରହିବା ଗୁରୁତ୍ୱପୂର୍ଣ୍ଣ । ତେବେ ସମସ୍ତଙ୍କ ପକ୍ଷରେ କେବଳ ଚିକିତ୍ସାର ଗୁରୁତ୍ୱ ସର୍ବାଧିକ ନଥାଏ, ବରଂ ଅନେକ ସମୟରେ ଆଶ୍ୱାସନା ଏବଂ ସହାନୁଭୂତି ମଧ୍ୟ ଆବଶ୍ୟକ ହୋଇଥାଏ ।



## ଲାଇଭ୍ ଆର୍ଟ



ଯେଉଁ ବିଷୟକୁ ଆମେ ଛବି ମାଧ୍ୟମରେ ଦେଖିଥାଉ ତାହା ଅନେକ ଦିନ ମାନସପଟରେ ରହିଯାଇଥାଏ । ତେଣୁ ସବୁବେଳେ ଛୋଟ ପିଲାଙ୍କୁ ଛବି ମାଧ୍ୟମରେ ଶିକ୍ଷା ଦିଆଯାଇଥାଏ । ଏହି ଆର୍ଟର ବିଭିନ୍ନ ପ୍ରକାର ରହିଛି, ଯଥା ଆନିମେସନ, ଆର୍କିଟେକଚରାଲ, ଲାଇନ ଡ୍ରଇଂ ଆଦି । ଏଥିମଧ୍ୟରୁ ସବୁଠୁ ପରିଚିତ ଆର୍ଟ ଫର୍ମ ହେଲା ଥ୍ରୀଡି । ବର୍ତ୍ତମାନ ବହୁ ସ୍ଥାନରେ ଥ୍ରୀଡି ଷ୍ଟ୍ରିଟ ଆର୍ଟର ବ୍ୟବହାର କରାଯାଉଛି । ଥ୍ରୀଡି ଆର୍ଟ ଏକ ପ୍ରକାର ଫର୍ମ ଯାହାକୁ ଦେଖୁଥିବା ଲୋକ ଦ୍ୱନ୍ଦରେ ପଡିଯାଆନ୍ତି, ଏହା ସତ ନା ଚିତ୍ର । ଏ ପ୍ରକାର ଚିତ୍ର ଶୈଳୀରେ ଉଚ୍ଚତା ଓ ଗଭୀରତାକୁ ନେଇ ବିଭିନ୍ନ କୌଶଳ ଆପଣା ଯାଇଥାଏ । ଏହି ଆର୍ଟ ଫର୍ମ ବହୁତ ମଜାଦାର ହେବାସହ କଥାକୁହା ଆର୍ଟ ଫର୍ମ ଅଟେ, ଯାହା ଏହାକୁ ବହୁଳମାତ୍ରାରେ ଆଦୃତି ଆଣିଦେଇଛି । ଆଧୁନିକ ଷ୍ଟ୍ରିଟ୍ ଆର୍ଟର ଆରମ୍ଭ ଗ୍ରେଟ ବ୍ରିଟେନରୁ ହୋଇଥିଲା । ଲଣ୍ଡନରେ ୧୮୯୦ ମସିହାବେଳକୁ ଅନେକ ପେଣ୍ଟର ଷ୍ଟ୍ରିଟ ଆର୍ଟର ଆରମ୍ଭ କରିଥିଲେ । ତେବେ ୧୯୮୦ରେ ଥ୍ରୀଡି ଷ୍ଟ୍ରିଟ ଆର୍ଟର ଆରମ୍ଭ କରାଯାଇଥିଲା । ଏହାକୁ କୁର୍ଟ ୱେନର ନାମକ ବ୍ୟକ୍ତି ଆରମ୍ଭ କରିଥିଲେ । ଏହି ଆର୍ଟ ଫର୍ମରେ ଦର୍ଶକଙ୍କ ବ୍ରେନ ସହ ଏକ ଟ୍ରିକ ଖେଳାଯାଇଥାଏ । ଏହା ବିଜ୍ଞାନ ଓ ଉଚ୍ଚକୋଟିର ଚିତ୍ରକଳା କୌଶଳର ସମାହାର । ବିଜ୍ଞାନ ଅନୁଯାୟୀ ଆମ ଆଖିରୁ ଦୂରରେ ଥିବା ସାମଗ୍ରୀ ଛୋଟ ଦେଖାଯାଉଥିବା ବେଳେ ପାଖରେ ଥିବା ସାମଗ୍ରୀ ବଡ ଦେଖାଯାଇଥାଏ । ଥ୍ରୀଡି ଆର୍ଟ ପେଣ୍ଟରମାନେ ଏହାର ଫାଇଦା ଉଠାଇଥାଆନ୍ତି । ଆମ ବ୍ରେନ ଓ ଆଖିର ଏହି ତାଳମେଳକୁ ବ୍ୟବହାର କରି ଆର୍ଟିଷ୍ଟମାନେ ଉଚ୍ଚତାକୁ ନେଇ ଭ୍ରମାତ୍ମକ ବା ଇଲ୍ୟୁଜନ ସୃଷ୍ଟି କରନ୍ତି । ସେମାନେ ଏହି ଆର୍ଟଗୁଡ଼ିକରେ ରଙ୍ଗ ଓ ଲାଇନସକୁ ନେଇ ବିଭିନ୍ନ ଟ୍ରିକ ଆପଣାଇଥାଆନ୍ତି । ବର୍ତ୍ତମାନ ଏହାକୁ ବିଭିନ୍ନ ଆଧୁନିକ ପ୍ରଣାଳୀ ମଧ୍ୟମରେ ଅଙ୍କାଯାଉଛି, ଯାହା ଏକ ନିଆରା ରୂପ ନେଉଛି । ବର୍ତ୍ତମାନ ଏହି ଥ୍ରୀଡି ଷ୍ଟ୍ରିଟ ଆର୍ଟକୁ ବିଭିନ୍ନ ବ୍ରାଣ୍ଡ୍ ଓ ବ୍ୟବସାୟୀମାନେ ନିଜର ପ୍ରଡକ୍ଟକୁ ଗ୍ରାହକଙ୍କ ପାଖରେ ସଫଳରୂପେ ପହଞ୍ଚାଇବା ପାଇଁ ବ୍ୟବହାର କରୁଛନ୍ତି । ଏହି ଷ୍ଟ୍ରିଟ ଆର୍ଟ ବିଜ୍ଞାପନ ବର୍ତ୍ତମାନ ବେଶ ଭାଇରାଲ ହେଉଛି । ସେମାନେ ବିଭିନ୍ନ ଥ୍ରୀଡି ଆର୍ଟ ଜରିଆରେ ଅନଲାଇନ କଣ୍ଟେଣ୍ଟ କ୍ରିଏଟ କରୁଛନ୍ତି ଯାହା ସାହଯ୍ୟରେ ନିଜର ବ୍ରାଣ୍ଡର ମେସେଜକୁ ଗ୍ରାହକଙ୍କ ନିକଟରେ ପହଞ୍ଚାଉଛନ୍ତି ।



## ବିଜୟଙ୍କ ସଫେଇ

ନିକଟରେ ବିଜୟ ଦେବରକୋଣ୍ଡାଙ୍କ ନାମରେ ବେଟିଂ ଆପକୁ ପ୍ରମୋଟ କରିବା ଅଭିଯୋଗ ଆସିଥିଲା । ଏହାପରେ ନିଜ ସପକ୍ଷରେ ସଫେଇ ଦେଇଛନ୍ତି ବିଜୟ । ଏହି ଅଭିଯୋଗ ପରେ ବିଜୟଙ୍କ ନାଁରେ ମାମଲା ମଧ୍ୟ ଦାୟର କରାଯାଇଥିଲା । ତେବେ ବର୍ତ୍ତମାନ ବିଜୟଙ୍କ ଟିମ୍ ପକ୍ଷରୁ ଏକ ପ୍ରେସ ରିଲିଜ୍ କରାଯାଇ ଘଟଣାରେ ସଫେଇ ଦିଆଯାଇଛି । ବିଜୟଙ୍କ ଟିମ୍‌ର ଦାବି ସେ କୌଣସି ଇଲିଗାଲ ବ୍ୟାଟିଂ ଆପର ପ୍ରମୋସନ କରି ନାହାନ୍ତି । ସେ କେବଳ ଆଇନ୍ ସମ୍ମତ ଅନ୍‌ଲାଇନ୍ ସ୍କିଲ୍ ବେସ୍ଡ ଖେଳକୁ ପ୍ରମୋସନ କରିଛନ୍ତି । ସୂଚନା ଅନୁସାରେ ତେଲେଙ୍ଗାନାର ଜଣେ ୩୨ ବର୍ଷୀୟ ବ୍ୟବସାୟୀ ଅନ୍‌ଲାଇନ୍ ବେଟିଂ ଆପ୍‌କୁ ନେଇ ଅଭିଯୋଗ କରିଥିଲେ ଯାହାର ଶୁଣାଣୀ ଅନେକ ସେଲିବ୍ରିଟିଙ୍କ ନାଁ ଆଗକୁ ଆସିଥିଲା । ଯେଉଁମାନେ ଏହି ଗେମ୍ ଗୁଡିକର ପ୍ରମୋସନ କରୁଥିଲେ । ସେହି ସେଲିବ୍ରିଟିଙ୍କ ନାଁରେ ପୋଲିସ ମାମଲା ମଧ୍ୟ ରୁଜୁ କରିଥିଲା ।

## ଅଣ୍ଡାର ଦାମ୍ ୪୩ ହଜାର

ସାଧାରଣତଃ ବଜାରରେ ମିଳୁଥିବା ଅଣ୍ଡାର ଦାମ ୭ ଟଙ୍କାରୁ ଆରମ୍ଭ ହୋଇ ୧୫ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ । ହେଲେ ନିକଟରେ ଏକ ଅଣ୍ଡା ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛି, ଏହି ଅଣ୍ଡାର ଦାମ ରହିଛି ୪୩ ହଜାର । ବ୍ରିଟେନ୍‌ରେ ଏହି ଅଣ୍ଡାଟି ଏତେ ଟଙ୍କାରେ ନିଲାମ ହୋଇଛି । ଏହି ଅଣ୍ଡାଟିର ଆକୃତି ସାଧାରଣ ଅଣ୍ଡାଠାରୁ ଟିକେ ଭିନ୍ନ । ଯାହା ଖୁବ ବିରଳ, ଏପରିକି ଗୋଟେ ମିଲିଅନ ଅଣ୍ଡାରେ ଏଭଳି ଗୋଟିଏ ଅଣ୍ଡା ଦେଖିବାକୁ ମିଳିଥାଏ । ଏହି ବିରଳ ଅଣ୍ଡାଟିକୁ ଜଣେ କୃଷକ ସଂରକ୍ଷିତ କରି ରଖିଥିଲେ । ଏହା ପୂର୍ବରୁ ୨୦୨୩ରେ ମଧ୍ୟ ଏଭଳି ଏକ ଅଣ୍ଡା ନିଲାମ ହୋଇଥିଲା ।



## ଇତିହାସ

୧୮୩୭– କାନାଡ଼ାରେ ଅଶ୍ୱେତ ନାଗରିକଙ୍କୁ ଭୋଟ୍ ଦେବା ଲାଗି ଅଧିକାର ଦିଆଗଲା ।

୧୮୫୫– ବ୍ରିଟିଶ କ୍ୟାବିନେଟ ମିଶନ ଭାରତରେ ପହଞ୍ଚିଲା ।

୧୮୮୩– ଚିକାଗୋ ଓ ନ୍ୟୁୟର୍କ ମଧ୍ୟରେ ପ୍ରଥମ ଥର ପାଇଁ ଫୋନ୍‌ରେ ବାର୍ତ୍ତାଳାପ କରାଗଲା ।

୧୯୩୨– ଆମେରିକାରେ ପ୍ରଥମ ଥର ପାଇଁ ଚଳନ୍ତା ଟ୍ରେନ୍‌ରୁ ରେଡ଼ିଓ ପ୍ରସାରଣ କରାଗଲା ।

୧୯୭୭– ମୋରାରଜୀ ଦେଶାଇ ଭାରତର ଚତୁର୍ଥ ପ୍ରଧାନମନ୍ତ୍ରୀ ହେଲେ ।

୧୯୯୦– ଭାରତୀୟ ସେନା ଶ୍ରୀଲଙ୍କା ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ।

୨୦୦୭– ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ବିଶ୍ୱକପ୍‌ର ସବୁଠୁ ଦ୍ରୁତ ଶତକ କଲେ ।

୨୦୦୮– ଭୁଟାନ ଲୋକତାନ୍ତ୍ରିକ ଦେଶ ରୂପେ ଗଠିତ ହେଲା ।



ରାଜ୍ୟ ଅତିଥି ଭବନ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରୁଛନ୍ତି ।

## ଜାଭିୟର ହାଇସ୍କୁଲ ପର୍ପଲ୍ ଟର୍ଟଲ୍ସ ଇଣ୍ଟରନ୍ୟାସନାଲ ସମାବର୍ତ୍ତନ ଉତ୍ସବ ଉଦଯାପିତ

କଟକ,(ସବ୍ୟୁ): କୋମଳମତି ଶିଶୁ ମାନଙ୍କୁ ଦିଆଯାଇନି ବହି ବସ୍ତାନିର ବୋଝ । ନା ଧରୁଥିଲେ ଖାତାବହି ନା ଧରୁଥିଲେ ଖଡ଼ି ସିଲଟ । ବିଦ୍ୟାଳୟକୁ ଆସୁଥିଲେ ହସଖୁସିରେ । ଶିକ୍ଷକ ଶିକ୍ଷୟତ୍ରୀ ମାନେ ଶିଶୁମାନଙ୍କର ହେଉଥିଲେ ନିକଟତର । ଯେଉଁ କେତେ ଘଣ୍ଟା ପିତାମାତାଙ୍କୁ ଛାଡି ବିଦ୍ୟାଳୟରେ ରହୁଥିଲେ ସେହି ସମୟରେ ଚାଲୁଥିଲା ନାଚ, ଗୀତ,ହସ, ଖେଳକୁଦ ଓ ସାଙ୍ଗ ସାଥିଙ୍କ ମେଳ । ନଭେମ୍ବର ୧୪ ଶିଶୁ ଦିବସରୁ କଲେଜ ଛକ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ପର୍ପଲ ଟର୍ଟଲ୍ସ ଇଣ୍ଟରନସନାଲ ଦ୍ୱାରା ୩ ମାସ ଯାଏ ଶିଶୁମାନଙ୍କ ବିକାଶ ପାଇଁ ଆୟୋଜିତ ହୋଇଥିବା ସମାବର୍ତ୍ତନ ଉତ୍ସବ ଉଦଯାପିତ ହୋଇଯାଇଛି । କେବଳ ସେତିକି ନୁହେଁ ଏଥିରେ ଅଂଶ ଗ୍ରହଣ କରିଥିବା ଦୁଇ ବର୍ଷରୁ ଉର୍ଦ୍ଧ କୋମଳମତି ଶିଶୁମାନଙ୍କ ପାଇଁ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମାବର୍ତ୍ତନ ଉତ୍ସବରେ ସେମାନଙ୍କୁ ଗାଉନ ଓ କ୍ରାଉନ୍ ପିନ୍ଧାଇ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଛି । ଫଳରେ ଆଗମୀ ଦିନରେ ଶିଶୁଟି ବିଦ୍ୟାଳୟକୁ ଆସିବାକୁ ଅମଙ୍ଗ ହେବା ପରିବର୍ତ୍ତେ ଆଗ୍ରହ ପ୍ରକାଶ କରୁଛି । ବିଦ୍ୟାଳୟର ଏହି ପ୍ରୟାସକୁ ସମସ୍ତେ ସ୍ୱାଗତ କରୁଥିବା ଉଦଯାପନୀ ଉତ୍ସବରେ ଯୋଗଦେଇ ଅତିଥି ମାନେ କହିଛନ୍ତି । ବିଦ୍ୟାଳୟର ଅଧକ୍ଷ ନିକୋଲ ହ୍ୟାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୪୦ନଂ ୱାର୍ଡ କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଇଣ୍ଟରନାସନାଲ ହ୍ୟୁମାନ ରାଇଟସ୍ ର ରାଜ୍ୟ ସଭାପତି ଆଶୁତୋଷ କୁମାର ସିଂହ, ରାଜ୍ୟ ହ୍ୟୁମାନ ରାଇଟସ ର ରାଜ୍ୟ ସଭାପତି ଇମ୍ରାନ ବାବା ପ୍ରମୁଖ ଯୋଗ ଦେଇଥିଲେ ।

## କିଟ୍, କିସ୍ ପରିଦର୍ଶନରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରତିନିଧିମଣ୍ଡଳ



ଭୁବନେଶ୍ୱର, (ସବ୍ୟୁ): ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍, କିସ୍ ପରିଦର୍ଶନ କରିଛନ୍ତି । ସେମାନେ କିଟ୍ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରିବା ସହ କିସ୍ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିଥିଲେ । ଏହି ଅବସରରେ ସେମାନେ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ । ଏହି ପ୍ରତିନିଧିମଣ୍ଡଳ ପ୍ରଥମ ଦିନରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭାବ ବିନିମୟ କରିଥିଲେ । ଦୀର୍ଘ ଦେ ଘଣ୍ଟା କାଳ ସେମାନେ କିଟ୍, କିସ୍ ଓ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ବିଷୟରେ ବ୍ୟାପକ ଆଲୋଚନା କରିବା ସହ ଓଡ଼ିଶାର ଶିକ୍ଷା, କଳା ଓ ସଂସ୍କୃତି ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ସାମନ୍ତଙ୍କ ସହ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ରହିଥିଲା । ଏଥିରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଖତର ବାଦଶାହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୧ଜଣ ଛାତ୍ରଛାତ୍ରୀ ଏବଂ ୨ଜଣ କିଟ୍ ମ୍ୟାନେଜମେଣ୍ଟ ସ୍କୁଲର ୧୧ ଛାତ୍ରଛାତ୍ରୀଙ୍କ ମିଶି ଏକ ପ୍ରକଳ୍ପରେ ତାଲିମ୍ ଗ୍ରହଣ କରିବେ । ଏହା ସହିତ ୫ଜଣ ଅଧ୍ୟାପକ କିଟ୍ ଓ କିସରେ ଜ୍ଞାନ ବିନିମୟ କାର୍ଯ୍ୟକ୍ରମରେ ନିୟୋଜିତ ହେବା ସହ ଶ୍ରେଣୀଗୃହ ଶିକ୍ଷାଦାନ ଓ ଶୈକ୍ଷିକ ଆଲୋଚନାରେ ଭାଗ ନେବେ । ପ୍ରଥମ ଥର ଲାଗି ଆମେରିକାର ଏକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ କିଟ୍ ଓ କିସ୍ ଛାତ୍ରଛାତ୍ରୀ ତଥା ଅଧ୍ୟାପକଙ୍କ ଜ୍ଞାନ ବିନିମୟ ଓ ଶୈକ୍ଷିକ କାର୍ଯ୍ୟକ୍ରମରେ ଯୋଗଦେବା କିଟ୍ ଓ କିସ୍ ପାଇଁ ଗୌରବର ବିଷୟ ।

## ଧାରଣାରେ ସାମିଲ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ସଂଘର ସମସ୍ତ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ କର୍ମଚାରୀ ନିଜର ୨ ଦଫା ଦାବିକୁ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଜିଲ୍ଲା ସ୍ତରର ସମସ୍ତ କାର୍ଯ୍ୟକ୍ରମ କୁ ସ୍ଥଗିତ ରଖି ଦେଇଛନ୍ତି । ରାଜ୍ୟ ସଂଘର ଆହ୍ୱାନ କ୍ରମେ ଜିଲ୍ଲାର ସମସ୍ତ କର୍ମଚାରୀ ଲୋୟର ପିଏମଜି ଛକରେ ଧାରଣାରେ ସାମିଲ ହୋଇ ଥିବାରୁ ୧୦ଦିନରୁ ଉର୍ଦ୍ଧ୍ୱ ହେବ ଜିଲ୍ଲାର ସମସ୍ତ କାର୍ଯ୍ୟକ୍ରମ କେନ୍ଦ୍ରାପଡା ଜିଲ୍ଲା ଓ ବ୍ଲକ ସ୍ତରର ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟାଳୟ ବନ୍ଦ ହେବା ଦ୍ୱାରା ସ୍ୱାସ୍ଥ୍ୟସେବା ଗୋଟିଏ ପ୍ରକାର ବିପର୍ଯ୍ୟସ୍ତ ହୋଇଛି । ଏହି ଧାରଣାରେ ସଭାପତି ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ସଂପାଦ ଅନିଲ କୁମାର ଧଳ, କୋଷାଧ୍ୟକ୍ଷ ଆଶୁତୋଷ ଜେନା, ସର୍ବେଶ୍ୱର ପ୍ରଧାନଙ୍କ ସେମତ ସମସ୍ତ କର୍ମଚାରୀ ସାମିଲ ହୋଇଥିବା ଜଣାପଡିଛି ।

## ଗଣତାନ୍ତ୍ରିକ ମହିଳା ସମିତିର ଦାବି

# ଋଣ ପ୍ରଦାନ କ୍ଷେତ୍ରରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେଉ

ଭୁବନେଶ୍ୱର (ସବ୍ୟୁ): ଓଡିଶାରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ବେସରକାରୀ ଋଣ ପ୍ରଦାନ କାରୀ ସଂସ୍ଥାମାନଙ୍କର କାର୍ଯ୍ୟ ଓ ମହିଳା ମାନଙ୍କ ଉପରେ ଏହାର ପ୍ରଭାବ ସମ୍ପର୍କରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଦ୍ୱାରା ହୋଇଥିବା ସର୍ବେକ୍ଷଣ ର ନିର୍ଯ୍ୟାସ ଭୁବନେଶ୍ୱର ଠାରେ ପ୍ରକାଶ କରା ଯାଇଥିଲା । ଏଥିରୁ ଜଣା ପଡୁଛି ଯେ ଋଣ କରୁଥିବା ୯୦% ଉର୍ଦ୍ଧ ମହିଳାଙ୍କର ମାସିକ ଆୟ ୧୫୦୦୦ ଟଙ୍କାରୁ କମ । ସେମାନେ ଅଧିକ ମାତ୍ରା ରେ ଋଣ ଯନ୍ତା ରେ ପଡୁଛନ୍ତି । ସରକାରୀ ବ୍ୟାଙ୍କରୁ ଋଣ ନପାଇଥିବା ଯୋଗୁ ଦୁଇ ତୃତୀୟାଂସ ମହିଳା ବେସରକାରୀ ଋଣ ପ୍ରଦାନ କାରି ସଂସ୍ଥା ଠାରୁ ଋଣ ନେବା ପାଇଁ ବାଧ ହେଉଛନ୍ତି । ଋଣ ଗ୍ରହୀତାଙ୍କ ମଧ୍ୟରୁ ୩୦% ମହିଳା ଏକାସାଥିରେ ଏକାଧିକ ଋଣ ଗ୍ରହଣ କରିବା ସହିତ ୭୫% ମହିଳା ଉଚ୍ଚ ସୁଧ ହାରରେ ଓ ଅତିରିକ୍ତ ଦେୟ ଦେଇ ଋଣ ଆଣୁଛନ୍ତି । ୪୫%ମହିଳା ଖାଦ୍ୟ, ରୋଜଗାର ହରେଇବା ପାଇଁ ଋଣ ନେଉଛନ୍ତି । ଋଣ ପାଇବା ପାଇଁ ଅନେକଙ୍କୁ ଜମି, ସୁନା ଗହଣା, ଆସବାବପତ୍ର ପ୍ରଭୃତି ବନ୍ଧା ପକେଇବାକୁ ପଡୁଛି । ଗୋଟିଏ କିସ୍ତି ଶୁଝିବାରେ ବିଳମ୍ବ ହେଲେ ମଧ ମହିଳାମାନଙ୍କୁ ଅକଥନିୟ ଦୁର୍ବ୍ୟବହାର, ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଶିକାର ହେବାକୁ ପଡୁଛି । ମହିଳା ମାନଙ୍କର ବିକାଶ ସମ୍ପର୍କରେ ସରକାର ଯେଉଁ ଡ଼ିଣ୍ଡିମ ପିଟୁଛନ୍ତି, ବାସ୍ତବ ଚିତ୍ର ଏହା ଠାରୁ ସମ୍ପୂର୍ଣ ଅଲଗା ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରୀ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଣ, ଘରୋଇ ଋଣ ପ୍ରଦାନକାରୀ ସଂସ୍ଥାଙ୍କ ଉପରେ ନିୟନ୍ତ୍ରଣ ଓ ସୁଧ ନିର୍ଦ୍ଧାରଣ ପାଇଁ ଆଇନ୍ ପ୍ରଣୟନ, ଋଣ ନେଇଥିବା ମହିଳାମାଙ୍କର ଅଭିଯୋଗ ଶୁଣିବା ଓ ନ୍ୟାୟ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ କୋଭିଡ ସମୟର କିସ୍ତିକୁ ଛାଡ କରାଯିବା ପାଇଁ ଦାବି କରାଯାଇଛି । ସଂଗଠନର ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ ଏଥିରେ ଅଧକ୍ଷତା କରିଥିବା ବେଳେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ, ଉତ୍କଳ ବିଶ୍ୱବିଦ୍ୟାଳୟ ର ଆର୍ଥିନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଶିବ ଶଙ୍କର ମହାନ୍ତି, ୟୁକୋ ବ୍ୟାଙ୍କ ର ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ସୁଭାଷ ମହାପାତ୍ର, ଓଡିଶା କୃଷକ ସଭାର ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ, ନାବାର୍ଡ ର ପୂର୍ବତନ ଅଧିକାରୀ ସୁଭାଷ ମଙ୍ଗରାଜ, ସଂଗଠନ ର ରାଜ୍ୟ ସମ୍ପାଦିକା ଶ୍ରୀମତୀ ସୁରାଜିତା ନାୟକ, ଅଧାପିକା ସ୍ୱର୍ଣ୍ଣଲତା ତ୍ରିପାଠୀ ଏହି ପ୍ରସଙ୍ଗରେ ନିଜ ମତ ରଖିବା ସହିତ ଶ୍ରୀମତୀ ଜେସ୍ମିନ ଗିରି ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଥିଲେ ଓ କୋଷଧ୍ୟକ୍ଷ ମିନତୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।




## ଟିପିଡବ୍ଲ୍ୟୁଓଡିଏଲର ଭୁକ୍ତା ଜେଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ଆକ୍ରମଣ

ଭୁବନେଶ୍ୱର (ସବ୍ୟୁ): ଗତ ୨୧ ତାରିଖ ଦିନ ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅମ୍ବାବନା ଥାନାରେ ପଞ୍ଜିକୃତ ହୋଇଥିବା ଏଫ୍ଆଇଆର୍ ସଂଖ୍ୟା-୫୭ ଅନୁସାରେ ଟିପିଡବ୍ଲ୍ୟୁଓଡିଏଲର ସେକ୍ସନ ଅଫିସର ଗଜେନ୍ଦ୍ର ରାଉତଙ୍କୁ ଇଷାନ ଚନ୍ଦ୍ର ଭୋଇ ଗାଳିଗୁଲଜ ତଥା ମାଡ଼ ମାରିବା ଘଟଣା ଦାୟିତ୍ୱବାନ ପୋଲିସ ଅଧିକାରୀଙ୍କ ଦ୍ୱାରା ଅନୁସନ୍ଧାନ କରାଯାଉଛି । ଏହି ଘଟଣାର ଅନୁସନ୍ଧାନ ଏବଂ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ପୋଲିସ୍ ଅଧିକାରୀଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । ଜୈନିକ ବିଦ୍ୟୁତ୍ ଗ୍ରାହକ ଜାରିମୁଲି ଗ୍ରାମର ସୌଦାଗର କୁଅଁର ( ଗ୍ରାହକ କ୍ରମାଙ୍କ- ୫୧୨୪୨୨୦୨୦୨୪୭) ଙ୍କ ଆଜି ସୁଦ୍ଧା ୯୧ ହଜାର ୫୫୦ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଅଛି । ଯାହା ମଧ୍ୟରୁ ତା. ୦୧.୦୧.୨୦୨୧ ରିଖ ପରଠାରୁ ୪୩ ହଜାର ୭୮୨ ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଅଛି । ଚଳିତ ଆର୍ଥିକ ବର୍ଷରେ ସେ ମାତ୍ର ଦୁଇଥରରେ ମୋଟ୍ ୭୩୭ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରିଛନ୍ତି । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ବିଭ୍ରାନ୍ତିକର ଭାବରେ ପ୍ରକାଶ କରାଯାଇଅଛି । ଯଦିଓ ଏହା ଅନୁସନ୍ଧାନ ସାପେକ୍ଷ, ତଥାପି ଆମର ହସ୍ତଗତ ହୋଇଥିବା ଆଭ୍ୟନ୍ତରୀଣ ଖବର ଅନୁଯାଇ ବୁଙ୍ଗାପଲି ଗ୍ରାମର ଇଷାନ ଚନ୍ଦ୍ର ଭୋଇ, ରାମଖୋଲ ଗ୍ରାମଠାରେ ଟିପିଡବ୍ଲ୍ୟୁଓଡିଏଲର ସେକ୍ସନ ଅଫିସର୍ ତଥା ଅନ୍ୟାନ୍ୟ ରକ୍ଷଣାବେକ୍ଷଣ କର୍ମଚାରୀଙ୍କ ଗାଡ଼ ଅଟକାଇ ଗାଳି ଗୁଲଜ କରିବା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା । ବିଦ୍ୟୁତ୍ ଗ୍ରାହକମାନ ଯଦି ମାସ ମାସ ଧରି ବିଦ୍ୟୁତ୍ ବିଲ୍ ପ୍ରଦାନ ନ କରିବେ ଏବଂ ହଜାର ହଜାର ଟଙ୍କା ବିଦ୍ୟୁ ବିଲ୍ ବକେୟା ରଖିବା ପରେ, ଯଦି ସେମାନଙ୍କ ବିଦ୍ୟୁତ୍ ସେବା ବିଚ୍ଛିନ୍ନ କରାଯାଏ, ତେବେ ଅନ୍ୟମାନଙ୍କ ଦ୍ୱାରା ବିଦ୍ୟୁତ୍ ସେବା ପ୍ରଦାନକାରୀ ସଂସ୍ଥାର କର୍ମଚାରୀମାନଙ୍କୁ ରାସ୍ତାରେ ଅଟକାଇ ଗାଳି ଗୁଲଜ କରିବା ତଥା ମାଡ଼ ମାରିବା ନିଶ୍ଚିତ ଭାବେ ସେହି ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ଗ୍ରହଣୀୟ ହେବ ନାହିଁ । କମ୍ପାନୀ ତରଫରୁ ପୁଣିଥରେ ସମସ୍ତ ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କୁ ବିନିତ ଅନୁରୋଧ କରାଯାଉଅଛି, ଦୟାକରି ବକେୟା ବିଦ୍ୟୁତ୍ ବିଲ୍ ଉପଲବ୍ଧ ମାଧ୍ୟମରେ ସମୟସୀମା ମଧ୍ୟରେ ପ୍ରଦାନ କରନ୍ତୁ ଏବଂ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ଭଳି ପରିସ୍ଥିତିକୁ ଏଡ଼ାନ୍ତୁ । ଟିପିଡବ୍ଲ୍ୟୁଓଡିଏଲର ସମସ୍ତ ପ୍ରତ୍ୟେକ୍ଷ ତଥା ପରୋକ୍ଷ କର୍ମଚାରୀଙ୍କୁ ଗ୍ରାହକମାନଙ୍କ ସହିତ ସମ୍ମାନ ପୂର୍ବକ ବ୍ୟବହାର କରିବା ପାଇଁ କମ୍ପାନା ପକ୍ଷରୁ ଶକ୍ତ ନିର୍ଦ୍ଦେଶ ରହିଛି ।

## ବିହାର ଦିବସରେ ସ୍ନେହ ମିଳନ କାର୍ଯ୍ୟକ୍ରମ




କଟକ, (ସବ୍ୟୁ): ବିଭିନ୍ନତା ମଧ୍ୟରେ ଏକତା ବଜାୟ ରଖିବା ହେଉଛି ଆମର ମୂଳଲକ୍ଷ୍ୟ । ଯିଏ ଯେଉଁଠି ଅବସ୍ଥାନ କରୁଥିଲେ ବି ଆମେ ନିଜକୁ ଭାରତୀୟ ଭାବେ ଗର୍ବ କରିଥାଉ । ତେଣୁ ଏକ ଭାରତ ହେଉଛି ଶ୍ରେଷ୍ଠ ଭାରତ ବୋଲି କଟକ ସାରଳା ଭବନ ଠାରେ ବିହାର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ମୁଖ୍ୟବକ୍ତା ଭାବେ ବିହାରର ସୁଚନା, ପ୍ରଯୁକ୍ତି ଓ ଯୋଗାଯୋଗ ବିଭାଗ ମନ୍ତ୍ରୀ କ୍ରିଷ୍ଣା କୁମାର ମଣ୍ଟୁ ଓ ସମ୍ମାନୀତ ଅତିଥି ଭାବେ ବିହାର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟିକା ସଙ୍ଗୀତା କୁମାରୀ ଏଥିରେ ଯୋଗଦେଇ ଶ୍ରେଷ୍ଠ ଭାରତ ଗଠନ ପାଇଁ ସମସ୍ତେ ଏକ ମନ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ବିହାର ଅଧିବାସୀ ମାନଙ୍କୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଦର ବିଧାୟକ ପ୍ରକାଶ ସେଠୀ, ବରିଷ୍ଠ ବିଜେପି ନେତା ନୟନ ମହାନ୍ତି, ବିନୋଦ ଦାଶ, ତୁଷାର ଚକ୍ରବର୍ତ୍ତୀ, ଲଲାଟେନ୍ଦୁ ବଡୁଙ୍କ ସମେତ ବହୁ ବିଜେପି କର୍ମୀ ଯୋଗ ଦେଇ କଟକରେ ଏଭଳି ସ୍ନେହ ମିଳନ କାର୍ଯ୍ୟକ୍ରମ ଆୟୋଜନକୁ ସ୍ୱାଗତ କରିଥିଲେ ।

## ହାଇୱା ଧକ୍କାରେ ମା, ଝିଅ ଆହତ

ନିମାପଡା,(ସବ୍ୟୁ) : ରବିବାର ସକାଳେ ନିମାପଡା ଏନଏସି ଅନ୍ତର୍ଗତ ପାଟପୁର ଗ୍ରାମ ଠାରେ ଏକ ହାଇୱା ସ୍କୁଟିକୁ ଧକ୍କା ଦେବାରୁ ସ୍କୁଟିରେ ଯାଉଥିବା ମା ଓ ଝିଅ ଆହତ ହୋଇଥିବା ବେଳେ ମା ଅବସ୍ଥା ଗୁରୁତର ଥିବା ଜଣାପଡିଛି । ପ୍ରକାଶ ଯେ, ନିମାପଡା ବ୍ଲକ ବାମନାଳ ପଂଚାୟତ ବଡନିନିଗାଁ ର ବିଦୁଲତା ପ୍ରଧାନ ଏକ ସ୍କୁଟିରେ ଝିଅ ସହିତ ନିମାପଡା ଯାଉଥିବା ବେଳେ ପାଟପୁର ଠାରେ ଏକ ଟ୍ରକ ନଂ (ଓଡି ୦୫ ବିଏମ୍ ୯୨୨୩) ସ୍କୁଟି ଧକ୍କା ଦେବାରୁ ବିଦୁଲତା ଏବଂ ତାଙ୍କ ଝିଅ ରାସ୍ତାରେ ପଡିଯିବାରୁ ବିଦୁଲତାଙ୍କ ଡାହାଣ ଗୋଡ ଉପରେ ଟ୍ରକ ଚକା ମାଡିଯାଇଥିଲା । ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ମହିଳା ବିଦୁଲତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଖବର ପାଇ ନିମାପଡା ପୁଲିସ ଘଟଣା ସ୍ଥଳରେ ପହଂଚି ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

# କଳିଙ୍ଗ ସାହିତ୍ୟ ମହୋତ୍ସବ ଉଦଯାପିତ




ଭୁବନେଶ୍ୱର, (ସବ୍ୟୁ): ଦୀର୍ଘ ତିନି ଦିନ ଧରି ଭୁବନେଶ୍ୱର ରେ ଚାଲିଥିବା ଏଗାରତମ କଳିଙ୍ଗ ସାହିତ୍ୟ ମହୋତ୍ସବ ର ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ମହୋତ୍ସବ ରେ ଦେଶ ବିଦେଶ ର ଶତାଧିକ କବି, ଲେଖକ, ସମାଲୋଚକ, ଅଧ୍ୟାପକ ଓ ଉଦ୍ୟୋଗୀ ଯୋଗଦେଇ ସାହିତ୍ୟ, ସଂସ୍କୃତି, ସମାଜ, ସଂସ୍କାର ଓ ପରମ୍ପରା ଉପରେ ଆଲୋଚନା କରି, ଲେଖକୀୟ ସ୍ୱାଧୀନତା ଏବଂ ପ୍ରକାଶ କରିବାର ଅଧିକାର ଉପରେ ନିଜସ୍ୱ ମତ ଦେଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅଥିତି ଭାବେ ଯୋଗଦେଇ ଛତିଶଗଡ଼ ଉପ ମୁଖ୍ୟମନ୍ତ୍ରୀ ଅରୁଣ କୁମାର ସାଓ କହିଲେ ଯେ ସାହିତ୍ୟ ସମାଜର ଦର୍ପଣ ହିସାବରେ ସମାଜକୁ ରୂପାନ୍ତରିତ ଓ ନୂଆ ଦିଶା ଦେବାରେ ସାମର୍ଥ୍ୟ ରଖେ । ଏହି ସମାବେଶ ସାହିତ୍ୟ, ସଂସ୍କୃତି ଓ ସଂସ୍କାର କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ଭାବେ ଉଭା ହେବ । ଓଡ଼ିଶାରେ ଓ ଛତିଶଗଡ଼ ର ପାରସ୍ପରିକ ପାରିବାରିକ ଓ ସାଂସ୍କୃତିକ ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ ଯେ ଦୁଇ ରାଜ୍ୟର ଐତିହ ଓ ସଂସ୍କୃତି ଅତ୍ୟନ୍ତ ପ୍ରାଚୀନ, ଏ ନେଇ ଅଧିକ ରୁ ଅଧିକାର ସାହିତ୍ୟ ରଚନା ହେବା ଦରକାର । ଆୟୋଜକ ସଂସ୍ଥା ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ଓ ଅନୁଷ୍ଠାନ କୁ ପୁରସ୍କୃତ କରାଯାଇଥିଲା । କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ରଶ୍ମି ରଞ୍ଜନ ପରିଡା କହିଲେ ଯେ ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା ଉଦ୍ୟମରେ ଆମେ ସଫଳ ହେଇଛୁ ଓ ଦକ୍ଷିଣ ପୂର୍ବ ଏସିଆ ଦେଶର କବି ଓ ସାହିତ୍ୟକଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନରେ ଆମେ ମାଧ୍ୟମ ହେଇଛୁ । ତୃତୀୟ ଦିବସରେ କଳା, ସାହିତ୍ୟ ଓ ସଂସ୍କୃତି ଉପରେ ପ୍ରାୟ କୋଡ଼ିଏ ଟି ଅଧିବେଶନ ବିଭିନ୍ନ ସଭାକକ୍ଷରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ବଳ ଅଥିତି ଓ ଦେଶ ବିଦେଶରୁ ଆସିଥିବା ପ୍ରତିନିଧିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

DSPL-433

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୫ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ଉପଭୋକ୍ତାମାନଙ୍କୁ ମୋର ଅଭିନନ୍ଦନ ତଥା ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରି ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭେକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତାମାନଙ୍କୁ ସଚେତନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଜସ୍ୱ ମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ତଥା ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ କର୍ମଶାଳା ଓ ଆଲୋଚନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ସେହିପରି ଉପଭୋକ୍ତାଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରାଇବା ପାଇଁ ମଧ୍ୟ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଅଛି ।

ଏହି ଦିବସର ଯଥାର୍ଥ ପ୍ରତିପାଳନ ଉପଭୋକ୍ତାମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ । ଉପଭୋକ୍ତା ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR- 07001/13/0021/24-25



ସୋମବାର ରାଷ୍ଟ୍ରପତିଙ୍କ ଆଗମନ ପାଇଁ ଭୁବନେଶ୍ୱରରେ କାରକେଡ୍ ରିହଲସଲ୍

### ହୋଲି ରଙ୍ଗ ବୋଳାକୁ ନେଇ ବିବାଦ
## ୧୧ଜଣଙ୍କ ନାମରେ ମାମଲା

ଭାପୁର, (ସବ୍ୟୁ) :ହୋଲି ଖେଳରେ ରଙ୍ଗ ବୋଳିବାକୁ କେନ୍ଦ୍ର କରି ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଅସବର୍ଣ୍ଣ ସମ୍ପ୍ରଦାୟ ପକ୍ଷରୁ ଏନେଇ ଫତେଗଡ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଅଭିଯୋଗ ଆଧାରରେ ୧୧ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିବା ଜଣା ପଡିଛି। ଘଟଣାରୁ ପ୍ରକାଶ, ହୋଲି ଖେଳ ଦିନ ବାଇଗୁଣିଆ ପଞ୍ଚାୟତ ଧଳାବନ୍ଧ ଗ୍ରାମ ହରିଜନ ସାହିର କିଛି ଯୁବକ ଗୋପାଳପ୍ରସାଦ ଗ୍ରାମର କିଛି ବ୍ୟକ୍ତିଙ୍କୁ ନିଜ ଗ୍ରାମ ଦେଇ ଯାଇଥିବା ରାସ୍ତା ଉପରେ ରଙ୍ଗ ବୋଳି ଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ଗଣ୍ଡଗୋଳର ସୂତ୍ରପାତ ହୋଇଥିବା ଜଣାପଡିଛି। ଏନେଇ ଫତେଗଡ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଥାନା ପକ୍ଷରୁ ଗୋପାଳପ୍ରସାଦ ଗ୍ରାମର ସୁବାଷ ପ୍ରଧାନ, ପପୁ ଆଲୁକ, ଟୁକୁନା ବରାଡ, ଲକ୍ଷ୍ମଣ ବରାଡ, ଗଣେଶ ବିଶ୍ୱାଳ, ବିଶ୍ୱନାଥ ପ୍ରଧାନ, ରାଜେନ୍ଦ୍ର ବେହେରା, ପପୁ ବରାଡ, ଭାଗବତ ପ୍ରଧାନ, ଟୁକୁନା ପ୍ରଧାନ, ବ୍ରଜ କିଶୋର ଆଲୁକଙ୍କ ସମେତ ଅନ୍ୟ ୫୦ଜଣ ଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି।

## ପ୍ରାଚୀ ଏନକ୍ଲେଭ୍‌ର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀ ଏନକ୍ଲେଭ୍ କଲୋନୀର ୱେଲ୍‌ଫେୟାର୍ ଆସୋସିଏସନ ଆନୁକୁଲ୍ୟରେ ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ସଭାରେ ଯୋଗଦାନ କରି ଅତିଥିମାନେ ବିଡ଼ିଏ ଦ୍ୱାରା ସ୍ଥାପିତ ଏହି କଲୋନୀକୁ ସ୍ୱଚ୍ଛତା ଓ ସବୁଜିମାରେ ପରିପୂର୍ଣ୍ଣ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱରର ଏକ ଆଦର୍ଶ ଅଞ୍ଚଳରେ ପରିଣତ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ମନ୍ତ୍ରୀ, ଏମ୍‌ପି, ଏମ୍‌ଏଲ୍ଏ, ବିଭିନ୍ନ ଉଚ୍ଚପଦସ୍ଥ ଅଧିକାରୀ ବସବାସ କରୁଥିବା ଏହି କଲୋନୀର ସମସ୍ତ ଅଧିବାସୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଏବଂ ଗୁଣାତ୍ମକ ମାନର ପରିବେଶ ସୃଷ୍ଟି ବାସିନ୍ଦାଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ସମସ୍ତେ ମତ ବ୍ୟକ୍ତ କରିଥିଲେ । ଆସୋସିଏସନ ସଭାପତି ଭଗବାନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରି ଗୃହୀତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସୂଚନା ପ୍ରଦାନ କରିଥିଲେ । ଉପ-ସଭାପତି ବିଜୟ କୁମାର ସାହୁ କେତେକ ପ୍ରସ୍ତାବ ଆଗତ ଓ କୋଷାଧ୍ୟକ୍ଷ ପାର୍ବତୀ ଦାଶ ଆୟବ୍ୟୟର



ବିବରଣୀ ଉପସ୍ଥାପନ କରିଥିଲେ । ସରକାରୀ ସ୍ତରରେ କଲୋନୀର ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିହିତ ପଦକ୍ଷେପ ନେବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ସ୍ମାର୍ଟ ସିଟି ଇଞ୍ଜିନିୟର ଅରୁଣ କୁମାର ନାୟକ ଏବଂ ବର୍ତ୍ତମାନ କାର୍ଯ୍ୟରତ ସ୍ମାର୍ଟ ସିଟି ଇଞ୍ଜିନିୟର ବିକାସ କୁମାର ବେହେରାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ଦୁଇ ବର୍ଷ ନିମନ୍ତେ ଆସୋସିଏସନର ନୂତନ କର୍ମକର୍ତ୍ତା ରୂପେ ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ, ସଭାପତି ଭାଗିରଥୀ ସୋରେନ, ଉପ-ସଭାପତି ଡ଼. କୀର୍ତ୍ତି ରଞ୍ଜନ ମଲ୍ଲିକ, ସମ୍ପାଦକ ସରିତା ଦାସ, ଯୁଗ୍ମ ସମ୍ପାଦକ ଏବଂ ଶ୍ରୀକାନ୍ତ ଦାଶ, କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ପାର୍ବତୀ ଦାଶ ଓ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ସରିତା ଦାସ । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲୋନୀର ବାସିନ୍ଦା ବହୁ ସଂଖ୍ୟାରେ ଏଥିରେ ଯୋଗଦାନ କରିଥିଲେ ।

### ସ୍ୱପ୍ନ ଫାଉଣ୍ଡେସନର ରକ୍ତଦାନ ଶିବିର, ୪୦୩ ୟୁନିଟ୍ ସଂଗ୍ରହ
## ଜୀବନଦାତାମାନଙ୍କୁ ଉତ୍ସାହିତ କରିବାକୁ ପଦକ୍ଷେପ ନିଆଯିବ

କଟକ, (ସ୍ୱପ୍ର): ରାଜ୍ୟରେ ଏବେ ରକ୍ତର ବହୁତ ଅଭାବ ଦେଖା ଦେଇଛି । ଯାହାଦ୍ୱାରା ବହୁତ ରୋଗୀ ଓ ଥାଲାସିମିଆ ରୋଗରେ ପୀଡିତ ଛୋଟଛୋଟ ଛୁଆମାନେ ରକ୍ତ ନପାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଲକ୍ଷ୍ୟ କରି କଟକର ଅଗ୍ରଣୀ ସାମାଜିକ ସଙ୍ଗଠନ ସ୍ୱପ୍ନ ଫାଉଣ୍ଡେସନ ଓ ଭୁବନେଶ୍ୱର କଟକ କମିଶନରେଟ ପୋଲିସର ମିଳିତ ଉଦ୍ୟମରେ ରବିବାର ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରୀକ୍ଷେତ୍ର ମଣ୍ଡପ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ବହୁ ରକ୍ତଦାତା ଶିବିରରେ ପହଞ୍ଚି ରକ୍ତଦାନ କରିଥିଲେ। ଏହି ଶିବିରଟିରେ ମୋଟ ୪୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ବିଭିନ୍ନ ସମୟରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସହ ଗ୍ରୀଷ୍ମ ଦିନେ ଶହଶହ ୟୁନିଟ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରକୁ ସମୃଦ୍ଧ କରିବା ନିମନ୍ତେ ସ୍ୱପ୍ନ ଫାଉଣ୍ଡେସନ ପ୍ରତିଥର ପ୍ରୟାସ ଜାରି ରଖୁଛି । ଯଦ୍ୱାରା ବହୁତ ରୋଗୀ ଓ ଥାଲାସିମିଆ ରୋଗରେ ପୀଡିତ କୁନିକୁନି ପିଲାମାନଙ୍କ ଜୀବନ ରକ୍ଷା ହୋଇପାରିବ । ରକ୍ତଦାନାମାନେ ହେଲେ ଜୀବନଦାତା ସେମାନଙ୍କୁ ଉତ୍ସାହିତ କରିବାକୁ ଆଗାମୀ ଦିନରେ ବହୁ ପଦକ୍ଷେପ ନିଆଯିବ ବୋଲି




ମତ ଦେଇଥିଲେ ସ୍ୱପ୍ନ ଫାଉଣ୍ଡେସନ ସଭାପତି ସୁଧାଂଶୁ ପାତ୍ର। ଏହି କାର୍ଯ୍ୟକ୍ରମରେ କଟକ ଡିସିପି ଖିଲାରୀ ଋଶିକେଶ, ଅତିରିକ୍ତ ଡିସିପି ଅମରେଶ ପଣ୍ଡା, ଦେବଦତ୍ତ କର, ଏସିପି କୃଷ୍ଣଚନ୍ଦ୍ର ସେଠୀ, ଅମିତାଭ ମହାପାତ୍ର, ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେସ୍ୱର ମୁଣ୍ଡା, ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ, ମାଲଗୋଦାମ ଥାନା ଅଧିକାରୀ ରଜନୀକାନ୍ତ ଦାସ, ସିଆରଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ, କର୍ପୋରେଟର ଗଗନ ଓଝା, ଇଂ ସୁବ୍ରତ ଘଡେଇ, ଚାଉଳିଆଗଞ୍ଜ ପୂଜା କମିଟି ସମ୍ପାଦକ ନିରଞ୍ଜନ ସାହୁ (ଶିବ), ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ ସାହୁ, ସମ୍ପାଦକ ଓ ଖାନନଗର ପୂଜା କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସୂଚନାଅଧିକାର କର୍ମୀ ଜିତେନ୍ଦ୍ର ସାହୁ, ଆଡଭୋକେଟ ସ୍ମୃତି ଦାସ ଆଦି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା ସହ ବହୁ ଅଭିନେତା ଓ ଗାୟକ ମାନେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

### ବିଦ୍ୟୁତ କାଟ କରି ଶକ୍ତି ସଞ୍ଚୟ, ଟାଟା ପାୱାର ପାଇଁ ନିତି ଦିନିଆ ଖେଳ

ବେତନଟୀ (ସବ୍ୟୁ) ବିଦ୍ୟୁତ ସରବରାହ ଦାୟିତ୍ୱ ଟାଟା ପାୱାର ନେବା ଦିନ ଠାରୁ ବୈଶିଙ୍ଗା ବିଦ୍ୟୁତ ସେକସନ୍ ଅଧିନରେ ଗ୍ରାହାକ ଙ୍କ ଅସନ୍ତୋଷ ବଢି ବଢି ଚାଲୁଥିବାରୁ ଖବର ମିଳୁଛ । ପ୍ରଥମତଃ ମାସିକିଆ ବିଲ୍ ଆସୁଛି ସତ ମାତ୍ର ସେଥିରେ ୨୨/୨୪ଦିନର ବୋଲି ଉଲ୍ଲେଖ ରହୁଛି । ତା ଦ୍ୱାରା ବିଲ୍ ରେ ଥିବା ସ୍ଲାବ ଜରିଆରେ ଟାଟା ପାୱାର କୋଟି କୋଟି ଟଙ୍କା ସାରା ରାଜ୍ୟର ଉପଭୋକ୍ତା ଙ୍କୁ ଲୁଟି ଚାଲିଛି । ପୁରଣା ତାର ଓ ଖୁଣ୍ଟି ବଦଳାଇବା ନାମରେ ବର୍ଷ ବର୍ଷ କାମ ଚାଲୁଛି ସେଥିପାଇଁ ଦିବସ ବ୍ୟାପୀ ପାୱାରକଟ୍ କରାଯାଇ ଉପଭୋକ୍ତାଙ୍କୁ ହଇରାଣ କରାଯାଉଥିବାର ଅଭିଯୋଗ ହେଉଛି । ଏହାବାଦ୍ ସବଡିଭିଜନ୍ ରେ ଯନ୍ତ୍ରାଂଶ ମରାମତି ପାଇଁ ମାସରେ ୨/୪ ଥର ଦିବା ୧୦ଘ. ରୁ ଅପରାହ୍ନ ୫ ଘ . ପର୍ଯ୍ୟନ୍ତ ପାୱାର କଟ ରହିବାର ଘୋଷଣା କରୁଛନ୍ତି । ଏତଦ ବ୍ୟତୀତ ଗୋଟିଏ ଗୋଟିଏ ଦିନରେ ମୋବାଇଲ୍ କୁ ମେସେଜ ଆସୁଛି ୩୯ମି./୪୨ମି./୪୮ମି./୫୯ମି. ବିଦ୍ୟୁତ ସରବରାହ ବନ୍ଦ ରହିବ । ସନ୍ଧ୍ୟା ପରେ ଘଣ୍ଟା ଘଣ୍ଟା ଧରି ଏଭଳି ବିଦ୍ୟୁତ କାଟ ହେବା ଯୋଗୁଁ ପିଲାଙ୍କ ପାଠ ପଢ଼ା, ବ୍ୟବସାୟୀ ଙ୍କ ବେପାର,ଗୃହିଣୀ ଙ୍କ ଟିଭି ଦେଖା ରେ ବାଧା ସୃଷ୍ଟି ହେଉଛି । ଏଭଳି କରିବା ଦ୍ୱାରା ଶକ୍ତି ବିଭାଗ ଲାଭବାନ ହେଉଛି, ନା ଟାଟା ପାୱାର ଲାଭବାନ ହେଉଛି ନା ଅଧିକାରୀ ଙ୍କ ପ୍ରମୋଶନ ହେଉଛି । ଏହା ଉପଭୋକ୍ତା ଙ୍କ ମନକୁ ଆନ୍ଦୋଳିତ କରୁଛିଛ ଏଥିପାଇଁ ସରକାର ଧ୍ୟାନ ଦେବାକୁ ଦାବି ହେଉଛି ।

## ଶିକ୍ଷାବିତ୍ ଗିରିଜା ଶଙ୍କର ମିଶ୍ରଙ୍କ ପରଲୋକ

କଟକ, (ସ୍ୱପ୍ର): ଶିକ୍ଷାବିତ୍ ତଥା ସମାଜସେବୀ ଗିରିଜା ଶଙ୍କର ମିଶ୍ରଙ୍କ ଶନିବାର ରାତିରେ କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା । ସାଲେପୁର ଅନ୍ତର୍ଗତ ଗୋପୀନାଥପୁରର ମୂଳ ବାସିନ୍ଦା ସ୍ୱର୍ଗତ ମିଶ୍ର ଟାଙ୍ଗୀର ରାମଗଡ ଠାରେ ସ୍ଥାୟୀ ଭାବରେ ବସବାସ କରୁଥିଲେ। ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବରେ ସେ ଜଣାଶୁଣା ଥିଲେ ଏବଂ କୁମାରପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବରେ କାର୍ଯ୍ୟ କରି ଅବସର ନେଇଥିଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। କୋଟେଶ୍ୱର ମହାଦେବଙ୍କ ବିଭିନ୍ନ



ପର୍ବପର୍ବାଣୀ ଓ ମନ୍ଦିରର ଉନ୍ନୟନ କାର୍ଯ୍ୟରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ । ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପୁରୀ ନିଆଯାଇ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ୫ଝିଅଙ୍କ ମଧ୍ୟରୁ ମଧ୍ୟମା କନ୍ୟା ମୁଖାଗ୍ନି ଦେଇଥିଲେ । ଶ୍ରୀ କୋଟେଶ୍ୱର କଲ୍ୟାଣ ସମିତିର ମୁଖ୍ୟପୃଷ୍ଠ ପୋଷକ ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସଭାପତି ପ୍ରଦୀପ୍ତ ଚନ୍ଦ୍ର ରଥ, ସଂପାଦକ ଶୁଭେନ୍ଦ୍ରନାଥ ଷଡଙ୍ଗୀ, ନାରାୟଣ ସ୍ୱାଇଁ, ବାବାଜୀ ମହାନ୍ତି, ଲିଙ୍ଗରାଜ ନାଥ, ଲକ୍ଷ୍ମୀ ନାରାୟଣ ଦାସ, ରମେଶ ବେହେରା, ପ୍ରଦୀପ ଷଡଙ୍ଗୀ, ସନ୍ତୋଷ ସାହୁ, ରବିନ୍ଦ୍ର ଲେଙ୍କା, ବିନୋଦ ବେହେରା, ଅକ୍ଷୟ ବେହେରାଙ୍କ ସମେତ ସମିତିର କର୍ମକର୍ତ୍ତା ଗିରିଜାଶଙ୍କରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । କୋଟେଶ୍ୱର କଲ୍ୟାଣ ସମିତି ଜଣେ ଉତ୍ସର୍ଗୀକୃତ ସେବକଙ୍କୁ ହରାଇଲା ବୋଲି ମୁଖ୍ୟ ପୃଷ୍ଠପୋଷକ ଡ. ରଥ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି ।

## ନୂଆବଜାର ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର

କଟକ, (ସବ୍ୟୁ) :ନୂଆବଜାର ସ୍ଥିତ ମହିମା ନଗରରେ ଥିବା ସେଣ୍ଟ ଜାଭିୟର୍ସ ଉଚ୍ଚ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବସନ୍ତ କାଳୀନ ଶିବିର ଉଦଯାପିତ ହୋଇଯାଇଛି । ୭ ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ପ୍ରଦୀପ କୁମାର ତ୍ରିପାଠି ଉଦ୍‌ଘାଟନ କରିଥିଲେ । ଏହି ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଗ୍ରୀଷ୍ମକାଳୀନ ଶିବିର ମୁଖ୍ୟ ଆକର୍ଷଣ ଥିଲା ଯୋଗଶିବିର, ବାଦ୍ୟସଂଗୀତ ଶ୍ରୀମଦ୍ ଭଗବତ ଗୀତାର ଶ୍ଲୋକ ଆବୃତି, ଅଶ୍ୱଚାଳନା, ନୃତ୍ୟ ଓ ସଂନ୍ତରଣ ଇତ୍ୟାଦି । ଏହାଦ୍ୱାରା ପିଲାମାନଙ୍କର ଭୌତିକ ଶାରିରୀକ ଓ ମାନସିକ ବିକାଶ ର ଏକ ଅଭିନବ ପ୍ରୟାସ ଥିଲା ।



ପିଲାମାନେ ଏକାଠି ହୋଇ ସମସ୍ତ କଳା କୌଶଳକୁ ଆନନ୍ଦର ସହିତ ଶିକ୍ଷା କରି ନିଜ ନିଜ ଭିତରେ ଏକାଗ୍ରତାର ଭାବ ଜାଗ୍ରତ କରାଇଥିଲେ । ଉକ୍ତ ଶିବିରରେ ଅଭିଭାବକ ଓ ଅଭିଭାବିକା ମାନଙ୍କୁ ଅଗ୍ନି ବିହୀନ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଉତ୍ସାହିତ କରାଯାଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନ ଦିବସରେ ବିଦ୍ୟାଳୟର ପ୍ରଧାନ ଅଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ପିଲାମାନଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା ।

## ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖାର ସ୍ଥାପନା ଦିବସ ପାଳନ

ଭୁବନେଶ୍ୱର, (ସବ୍ୟୁ): ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖାର ଏକ ବିଂଶ ତମ ସ୍ଥାପନା ଦିବସ ସ୍ଥାନୀୟ ନିଳାଦ୍ରୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଶାଖାର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାରଣାଙ୍କ ପୌରୋହିତ୍ୟରେ ସଂପନ୍ନ ହୋଇଥିବା ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ସମାଜ ସେବୀ ସୁବ୍ରତ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ପୂର୍ବ ପ୍ରାନ୍ତର ଉପାଧ୍ୟକ୍ଷ ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଶ୍ରୀଧର ସାହୁ ଯୋଗ ଦେଇ ଥିଲେ । ଅଧ୍ୟକ୍ଷଙ୍କ ସ୍ୱାଗତ ଭାଷଣ ପରେ ଶାଖା ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନୀତ ଅତିଥି ଶ୍ରୀଧର ସାହୁ ଭାରତ ବିକାଶ ପରିଷଦରେ ଯୁବ କାର୍ଯ୍ୟକର୍ତ୍ତା ଙ୍କ ଆବଶ୍ୟକତା ଓ ସମାଜରେ ବୟସ୍କ ପିତା ମାତାଙ୍କ ସେବାରେ ସେମାନଙ୍କ ସନ୍ତାନ ମାନେ କିଭଳି ଆଚରଣ କରିବା ଉଚିତ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଏ ଦିଗରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇ ଥିଲେ ।

ମୁଖ୍ୟ ଅତିଥି ସୁବ୍ରତ ତ୍ରିପାଠୀ ସାଂସ୍କୃତିକ ରାଷ୍ଟ୍ର ବାଦ ବିଚାର ସଂପର୍କରେ ଆଲୋଚନା କରି ପାଶ୍ଚାତ୍ୟ ଦେଶରେ କିପରି ଭାରତୀୟ ସଂସ୍କୃତି ଓ ସଭ୍ୟତାର ପ୍ରସାର ଘଟିଛି ତାର ଏକ ସୁନ୍ଦର ଚିତ୍ର ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ଏଦିଗରେ ଆମର କର୍ତ୍ତବ୍ୟ ସମ୍ପର୍କରେ




ଆଲୋକପାତ କରିଥିଲେ । ପରେ ପରେ ବର୍ଷ ମଧ୍ୟରେ ଶାଖାର ସଦସ୍ୟା ମାନଙ୍କ ମଧ୍ୟରେ ହୋଇଥିବା ରଜ ଏବଂ ମହିଳା ସହଭାଗିତା କାର୍ଯ୍ୟକ୍ରମର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଶାଖା ସଦସ୍ୟା ମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଏବଂ ପରେ ପରେ ଶାଖା ସଚିବ ପୂର୍ଣ୍ଣଚନ୍ଦ୍ର ସାହୁ ଏକ କୃଷ୍ଣ ଭଜନ ଗାନ କରିଥିଲେ । ସମାରୋହରେ ସମାଜ ସେବୀ ସନ୍ତୋଷ ନାୟକଙ୍କୁ ଶାଖା ପକ୍ଷରୁ ୨୦୨୫ ବର୍ଷର ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବ ରେ ଡ. ସର୍ବେଶ୍ୱର ଦାଶ, ଦେବେନ୍ଦ୍ର ନାଥ ଦାସ , ଗୋପାଳ ଚନ୍ଦ୍ର ଦାସ, ଅଶୋକ କୁମାର ବଳ, ରଞ୍ଜନ କୁମାର ଓଝା, ଶକ୍ତି କାନ୍ତ ଜେନା, ମନୋରଞ୍ଜନ ଦାସ ଙ୍କ ସମେତ କେନ୍ଦ୍ରୀୟ ଶାଖାରୁ ଶ୍ରୀମତୀ ଗୀତା ପଟ୍ଟନାୟକ, ଡ ମହେଶ ପ୍ରସାଦ ରାଉତ, ଶ୍ରୀମତୀ ଗୀତା ରାଉତ, ପ୍ରମୋଦ କୁମାର ଦାସ, ଉତ୍ତର ଶାଖାରୁ ଶ୍ରୀମତୀ ପ୍ରେମଲତା ଦେବୀ,ଶ୍ରୀମତୀ ପୌର୍ଣ୍ଣ ମାସୀ ଦାସ ,ଡ. ତ୍ରିନାଥ ହୋତା, ବାଣୀବିହାର ଶାଖାରୁ ଲକ୍ଷ୍ମଣ କୁମାର ମହାନ୍ତି , ଗୌରାଙ୍ଗ ନାୟକ ଙ୍କ ସମେତ ଆମ ଶାଖାରୁ ଶ୍ରୀମତୀ ଅପର୍ଣ୍ଣା ସ୍ୱାଇଁ, ଶ୍ରୀମତୀ ନମିତା ଦାସ, ଶ୍ରୀମତୀ ଅପର୍ଣ୍ଣା ଦାସ, ଶ୍ରୀମତୀ ଗାୟତ୍ରୀ ନାୟକ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ମାନେ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀମତୀ ମଧୁସ୍ମିତା ମହାନ୍ତି ଓ ଶ୍ରୀମତୀ ନିନାଦିନୀ ମହାନ୍ତି । କାର୍ଯ୍ୟକ୍ରମ ରେ ଶ୍ରୀମତୀ ବିଜୟଲକ୍ଷ୍ମୀ ରଥଙ୍କ ରାଧା ଏବଂ ମୀରା ଙ୍କ ଉପରେ ଆଧାରିତ ସୁମଧୁର ସଂଗୀତ ଗାୟନ କରିଥିଲେ । ପରେ ପରେ ଶାଖାର ବାର୍ଷିକ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଚଳିତ ବର୍ଷ ୨୦୨୫-୨୬ ପାଇଁ ଶ୍ରୀ ପ୍ରଦୀପ୍ତ କୁମାର ମହାରଣା, ଦଶରଥ ନାୟକ ଓ ଧ୍ରୁବ ଚରଣ ରାଉତ ଯଥାକ୍ରମେ ଶାଖାର ଅଧ୍ୟକ୍ଷ, ସଚିବ ତଥା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ । ଉପାଧ୍ୟକ୍ଷ ଦଶରଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବଡ଼ଗଡ଼ ହାଇସ୍କୁଲର ସମୀକ୍ଷା କଲେ ଭୁବନେଶ୍ୱର ସାଂସଦ
## ୩ ମାସ ଭିତରେ ସରିବ ଶତାୟୁ ବିଦ୍ୟାଳୟର ଉନ୍ନତିକରଣ କାମ

ଭୁବନେଶ୍ୱର (ସବ୍ୟୁ): ସାଂସଦ ଅପରାଜିତା ଷଡ଼ଙ୍ଗୀ ବଡ଼ଗଡ଼ସ୍ଥିତ ୱାର୍ଡ ନ ୪୪ରେ ଥିବା ହାଇସ୍କୁଲ ପରିଦର୍ଶନ କରିଛନ୍ତି । ସ୍ଥାନୀୟ ବୁଦ୍ଧିଜୀବିଙ୍କ ଅନୁରୋଧକ୍ରମେ ୧୦୬ ବର୍ଷର ଏହି ପୁରୁଣା ସ୍କୁଲକୁ ଯାଇ ଏହାର ସମସ୍ୟା ବୁଝିବା ସହ ଓ ଉନ୍ନତି ନେଇ ସମୀକ୍ଷା କରିଥିଲେ । ଅନେକ ଦିନ ଧରି ବଡ଼ଗଡ଼ ଗ୍ରାମବାସୀଙ୍କର ଏହି ବିଦ୍ୟାଳୟର ସମସ୍ୟା ସମାଧାନ ପାଇଁ ଦାବି ରହି ଆସିଥିଲା । ଏହାର ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକମାନେ ଭୁବନେଶ୍ୱର ସାଂସଦଙ୍କୁ ଏକାଧିକ ଥର ନିବେଦନ କରିଥିଲେ । ଏହି ଅନୁରୋଧ ରକ୍ଷା କରି ଭୁବନେଶ୍ୱର ସାଂସଦ ଏହି ପୁରାତନ ଶତାୟୁ ବିଦ୍ୟାଳୟକୁ ଗସ୍ତ କରିଥିଲେ । ଏହି ପୁରାତନ ସ୍କୁଲରେ ରହିଛି ଅନେକ ସମସ୍ୟା । ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ସାଇକେଲ ରଖିବାକୁ ଷ୍ଟାଣ୍ଡ ନାହିଁ । ଏଥିପାଇଁ ସେମାନେ ବହୁ ସମସ୍ୟା ଭୋଗୁଛନ୍ତି । ବହୁତ ଛାତ୍ରଛାତ୍ରୀ ଏଠାରେ ପାଠ ପଢୁଛନ୍ତି । ସେମାନଙ୍କ ଭିତରୁ ଅନେକ ଖେଳରେ ଆଗ୍ରହ ରଖୁଛନ୍ତି । ଟିମ କରି କ୍ରିକେଟ, ଫୁଟବଲ ଓ ଖୋ ଖୋ ଭଳି ଅନେକ ଖେଳ ଖେଳୁଛନ୍ତି । ଅନେକ ଛାତ୍ରଛାତ୍ରୀ ଖୋ ଖୋ ସମେତ ଅନ୍ୟ ଖେଳରେ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି । କିନ୍ତୁ ଖେଳ ପଡିଆ ନ ଥିବାରୁ ସେମାନେ ସୁବିଧାରେ ଖେଳି ପାରୁନାହାନ୍ତି । ଖେଳପଡ଼ିଆର



ବିକାଶ ପାଇଁ ବିଡିଏ ପାଖରେ ପ୍ରସ୍ତାବ ଅଛି, କିନ୍ତୁ ଏହା ଆଗେଇ ପାରୁନିଛ ୨୦୨୧ରେ ବିଡିଏ ଏଥିପାଇଁ ପୁଲିସ ହାଉସିଂ ବୋର୍ଡ କର୍ପୋରେସନକୁ ୪କୋଟି ଟଙ୍କା ଦେଇଥିଲା. ଏଥିରେ ବହୁମୁଖୀ ଖେଳପଡ଼ିଆ ସହ ସାଇକେଲ ଷ୍ଟାଣ୍ଡ ଓ ନୂଆ ଶ୍ରେଣୀଗୃହ ତିଆରି ପ୍ରସ୍ତାବ ଥିଲା । ବିଭିନ୍ନ କାରଣ ପାଇଁ ଏହା ହୋଇପାରୁନଥିଲା । ବଡ଼ଗଡ଼ ଗାଁ କମିଟି ସାଂସଦଙ୍କୁ ଭେଟି ଏଥିପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ. ସାଂସଦ ତତ୍କାଳ ପୁଲିସ ହାଉସିଂ ବୋର୍ଡ ଅଧ୍ୟକ୍ଷ ଓ ଭୁବନେଶ୍ୱର ତହସିଲଦାରଙ୍କ ସହ ଏ ପ୍ରସଙ୍ଗରେ କଥା ହୋଇଥିଲେ । ଏପ୍ରିଲ ୨ ତାରିଖରୁ ପ୍ରସ୍ତାବରେ ଥିବା ଉନ୍ନତିକରଣ କାମ ଆରମ୍ଭ ହେବ ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଓ ବଡ଼ଗଡ଼ ଗାଁ କମିଟିର ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସ୍କୁଲ ପାଇଁ ବହୁମୁଖୀ ଖେଳପଡ଼ିଆ ବିକାଶ କରାଯିବ. ତିନି ମାସ ଭିତରେ କାମ ସାରିବାକୁ ସମସ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଖୁବଶୀଘ୍ର ଏକ ସାଇକେଲ ଷ୍ଟାଣ୍ଡ ତିଆରି କରାଯିବ ବୋଲି ମଧ୍ୟ ସେ କହିଛନ୍ତି । ଏହି ପରିଦର୍ଶନ ସମୟରେ ସ୍ଥାନୀୟ କର୍ପୋରେଟର ଅଜିତ ବେହେରା, ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ମନୋଜା ମଞ୍ଜରୀ ସାହୁ, ସ୍କୁଲ ପୁରାତନ ଛାତ୍ର ସଙ୍ଘର ସଭାପତି ମାନସ ମହାନ୍ତି ଓ ଗାଁ କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ ।

### ସେନ୍ସୋଡାଇନ ପକ୍ଷରୁ ଗିନିସ ୱାର୍ଲ୍ଡ ରେକର୍ଡ ସ୍ଥାପନ

ଭୁବନେଶ୍ୱର, (ସବ୍ୟୁ): ହାଲିଅନ (ପୂର୍ବରୁ ଗ୍ଲାକ୍ସୋସ୍ମିଥକ୍ଲାଇନ କ୍ୟୁମର ହେଲ୍‌ଥକେୟାର ଭାବେ ପରିଚିତ)ର ଏକ ଅଗ୍ରଣୀ ଓରାଲ କେୟାର ବ୍ରାଣ୍ଡ ସେନ୍ସୋଡାଇନ ୨୪ ଘଂଟା ମଧ୍ୟରେ ସର୍ବାଧିକ ଅନ୍‌ଲାଇନ ଡେଂଟାଲ ସ୍କ୍ରିନିଂ ଟେଷ୍ଟ ସଫଳତାର ସହ ସମ୍ପୂର୍ଣ୍ଣ କରିବା ପାଇଁ ଏକ ଗିନିସ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛି। ମହାକୁମ୍ଭ ୨୦୨୫ରେ ଆୟୋଜିତ ଏହି ରେକର୍ଡ-ବ୍ରେକିଂ ପଦକ୍ଷେପରେ ୨୭,୦୦୦ରୁ ଅଧିକ ଲୋକ ନିଜର ଦାଂ ଓ ମାଢ଼ି ଯାଂଚ କରାଇଥିଲେ, ଯାହା ସକ୍ରିୟ ମୁଖ ତଥା ପାଟି ଯତ୍ନର ମହତ୍ୱ ସମ୍ପର୍କରେ ଭାରତୀୟମାନଙ୍କୁ ସଚେତନ କରିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି। ସେନ୍ସୋଡାଇନ ନିକଟରେ ଲଂଚ ହୋଇଥିବା ଏହାର ୨୦ ଟଙ୍କା ମୂଲ୍ୟର ଛୋଟ ଟୁଥପେଷ୍ଟ ପ୍ୟାକ ବିତରଣ କରିଥିଲା, ଯାହାକୁ ସମ୍ବେଦନଶୀଳତା ସୁରକ୍ଷାକୁ ଅଧିକ ପହଂଚଯୋଗ୍ୟ ଓ ସୁଲଭ କରିବା ପାଇଁ ଡିଜାଇନ କରାଯାଇଛି। ଏହି ବିଶ୍ୱ ରେକର୍ଡ ସେନ୍ସୋଡାଇନର ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସ କ୍ୟାମ୍ପେନର ଶୁଭାରମ୍ଭକୁ ଚିହ୍ନିତ କରୁଛି, ଯାହା ଲୋକମାନଙ୍କୁ ଉତମ ମୁଖ ସ୍ୱାସ୍ଥ୍ୟ ଦିଗରେ ପ୍ରଥମ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି।

## ଭିଏସ୍ଏସ୍ ନଗରରେ ରକ୍ତଦାନ ଶିବିରରେ

ଭୁବନେଶ୍ୱର (ସବ୍ୟୁ): ପୋଲିସ କମିସନରେଟ ରେଡ଼୍‌କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭି.ଏସ୍.ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୧୦୨ ୟୁନିଟ୍ ରକ୍ତଦାନ କରାଯାଇଥିବା ବେଳେ ପୋଲିସ୍ କମିଶନର ତଥା ରେଡ଼୍‌କ୍ରସ୍ ଆଞ୍ଚଳିକ ଶାଖାର ଅଧ୍ୟକ୍ଷ ଦେବଦତ୍ତ ସିଂ, ପୂର୍ବତନ ସାସଂଦ ତଥା ଆମ ଓଡିଶାର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ପ୍ରମୁଖ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ବେଳେ ସହିଦ ନଗର ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ ରକ୍ତଦାନ କରିଥିଲେ । ଏହି ଶିବିରରେ ପୋଲିସ୍ କମିଶନରେଟ୍ ରେଡ଼୍‌କ୍ରସ୍ ଯୁଗ୍ମ ସମ୍ପାଦକ ଆଡିସନାଲ ଡିସିପି ମାନସ ଗଡନାୟକ, ପୂର୍ବତନ ଯୁଗ୍ମ ସମ୍ପାଦକ ଲଳିତେନ୍ଦୁ ମହାନ୍ତି ଓ ସ୍ଥାନୀୟ କରପୋରେଟର ପ୍ରଭାଶିନୀ ମହାନ୍ତି ଆଦି ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରକୁ ଭି.ଏସ୍.ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୋଲିସ୍ କମିଶନରେଟ୍ ରେଡ଼୍‌କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ବାବା ଆଖଣ୍ଡଳମଣୀ ଯୁବକ ସଂଘର ସଭାପତି ମନୋଜ କୁମାର ସାହୁ ଓ



ସାଧାରଣ ସମ୍ପାଦକ ସଂଜୟ କୁମାର ସ୍ୱାଇଁ ପରିଚାଳନା କରିଥିଲେ । ଏହି ରକ୍ତଦାନ ଶିବିରରେ ଉନ୍ନୟନ ପରିସଦର ସଭାପତି କୃପାସିନ୍ଧୁ ସାହୁ, ଦୁର୍ଗାପୂଜା ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡା, ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ପ୍ରତାପ ନନ୍ଦ, ଶିତଳଚନ୍ଦ୍ର ମହାନ୍ତି, ମହେଶ୍ୱର ବିଶ୍ୱାଳ, ରାମଚନ୍ଦ୍ର ସାମଲ, ପ୍ରକାଶ ଦାସ, ପ୍ରସନ୍ନ ରଥ, ନିତ୍ୟରନ ନନ୍ଦ, ଅଜୟ କାନୁନଗୋ, ଯୁବକ ସଂଘର କୋଷାଧ୍ୟକ୍ଷ ବରୁଣ ସାହୁ, ଦୀପକ ସୁବୁଦ୍ଧି, ସମରନ ମହାନ୍ତି, ସସ୍ମିତ ମହାନ୍ତି, ନିରଞ୍ଜନ ପାତ୍ର, ରଞ୍ଜିତ ପୃଷ୍ଟି, ଜ୍ଞାନରଞ୍ଜନ ବେହେରା, ଆଦିତ୍ୟ ସେଠୀ, ନିରଞ୍ଜନ ବେହେରା, ତାପସ ସାହୁ, ପ୍ରମୁଖ ସହଯୋଗ କରିଥିଲେ । ଏହି ରକ୍ତଦାନ ଶିବିରରେ ସ୍ୱେଚ୍ଛାକୃତ ରକ୍ତଦାନ ଉପରେ ଏକ ପ୍ରଦର୍ଶନୀ ସର୍ବସାଧାରଣ ମାନଙ୍କ ଉଦେଶ୍ୟରେ ଆୟୋଜନ କରାଯାଇଥିଲା ଯାହାକି ଅତିଥୀ ମାନଙ୍କ ମଧ୍ୟରେ ବହୁ ପ୍ରସଂଶିତ ହୋଇଥିଲା ।

## ଗଜପତିରେ ପୁଣି ଜନନୀ ଯନ୍ତ୍ରଣା
# ଭାରରେ ୮ କିମି ବୁହାହେଲେ ଗର୍ଭବତୀ



ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ମୋହନା ବ୍ଲକର ଦୁର୍ଗମ ଅଂଚଳରେ ଥିବା ଗ୍ରାମ ଗୁଡିକୁ ଭଲ ରାସ୍ତା ଖଣ୍ଡେ ନଥିବାରୁ ୮ କିମି ଭାରରେ ବୁହାହେଲେ ଗର୍ଭବତୀ। ଏଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମୋହନା ବ୍ଲକ ଅନ୍ତର୍ଗତ ମାଣ୍ଡିମେରା ପଞ୍ଚାୟତ ଅଧିନ ଗବେଲ ଗ୍ରାମରେ। ଗାଁର ଗର୍ଭବତୀ ମହିଳା ଲଳିତା ମାଝୀଙ୍କ ଗର୍ଭ ଯନ୍ତ୍ରଣା ଅସହ୍ୟ ହେବାରୁ ପରିବାର ଲୋକେ ସ୍ଥାନୀୟ ଆଶାଦିଦି ମେରୀ ମାଝୀଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ୧୦୮କୁ ଫୋନ୍ କରିଥିଲେ। କିନ୍ତୁ ଗାଁର ରାସ୍ତା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ନପାରି ଜାତୀୟ ରାଜପଥରେ ଅଟକି ରହିଥିଲା। ମାଣ୍ଡିମେରା ପଞ୍ଚାୟତର ନାଏବ ସରପଞ୍ଚ ଜହନ ମାଝୀ ଓ ପରିବାର ଲୋକେ ଭାରକରି ଦୀର୍ଘ ୮ କିମି ପଥୁରିଆ ଜଙ୍ଗଲ ରାସ୍ତା ଅତିକ୍ରମ କରି ଆମ୍ବୁଲାନ୍ସ ନିକଟରେ ପହଞ୍ଚି ସେଠାରୁ ବିରିକୋଟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଠାରେ ତାଙ୍କର ଏକ ଶିଶୁ କନ୍ୟା ଜନ୍ମ ହୋଇଥିଲା ।

## ବାଙ୍ଗିରିପୋଷୀ ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ
# ପ୍ରଭାବିତ ଲୋକଙ୍କୁ ଅତିଶୀଘ୍ର ସହାୟତା ପ୍ରଦାନ କରାଯିବ : ମନ୍ତ୍ରୀ

ବାରିପଦା, (ସବ୍ୟୁ) : ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ପ୍ରବଳ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗିରିପୋଷୀ ବ୍ଲକର ସୋରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକର ଖଡମବେଡା, ପୁଣ୍ଡିଦା, କେଶରଗଡିଆ, ସାରସପଡା, ମୂଷାମାରି ଓ ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ସେଦିନ ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ସହ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ, ସାରସକଣା ବିଧାୟକ ଭାଦବ ହାଁସଦାଃ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷୀ ବିଧାୟିକା ସଂଞ୍ଜଳି ମୁର୍ମୁଙ୍କ ସହ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ପ୍ରଭାତ କୁମାର ବେହେରା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାମଚନ୍ଦ୍ର ସୋରେନ, କାନ୍ଦ୍ରା ସୋରେନ ଏବଂ ବିଭିନ୍ନ ପଦାଧିକାରୀ ମାନେ



ଉପସ୍ଥିତ ଥିଲେ। ଏହି ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ଆବଶ୍ୟକ ସରକାରୀ ସହାୟତା ଯଥା ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଶିଶୁ ଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚାରି ବୁଝିଥିଲେ ଏବଂ ସୁହାନୁଭୂତି ପ୍ରଦର୍ଶନ ପୂର୍ବକ ବର୍ତ୍ତମାନ ପରିସ୍ଥିତିରେ ଧର୍ଯ୍ୟହରା ନହେବା ପାଇଁ ଆଶ୍ୱାସନା ଦେଇଥିଲେ। ଲୋକମାନଙ୍କ ଏହି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ। ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭିତ୍ତିରେ ଏ ବାବଦରେ କ୍ଷତିପୂରଣ ରାଶି ତୁରନ୍ତ ଡିବିଟି ଜରିଆରେ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବ। ଅନ୍ୟାନ୍ୟ ବାବଦରେ କ୍ଷତି ପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତିଗ୍ରସ୍ତ ଲୋକ ଯେମିତି କ୍ଷତି ପୂରଣ ପାଇବାରୁ ବାଦ ନ ପଡନ୍ତି ସେଥିପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏତଦ୍‌ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ଚାହିଁଲେ ସେଲଟର ସେଣ୍ଟରରେ ରହି ପାରିବେ ଏବଂ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆନ୍ଦୋଳନ : ସ୍ୱାସ୍ଥ୍ୟ ସେବା କାର୍ଯ୍ୟ ପ୍ରଭାବିତ

ଆସିକା, (ସବ୍ୟୁ): ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କୁ ନିୟମିତ କରିବା ସହିତ କେଡ଼େର ଗଠନ ଦାବୀରେ ରାଜ୍ୟର ସହସ୍ରାଧିକ ବିଭିନ୍ନ କର୍ମଚାରୀ ଲୋୟାର ପିଏମଜିରେ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି । ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜି ୧୪ ଦିନରେ ପହଁଚିଥିବା ବେଳେ ଆସିକା ବ୍ଲକ ଅନ୍ତର୍ଗତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଅନୁପସ୍ଥିତି କାରଣରୁ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହୋଇଛି। ଆସିକା ବ୍ଲକରେ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ ପ୍ରୋଗ୍ରାମ ମ୍ୟାନେଜର, ବ୍ଲକ ଆକାଉଣ୍ଟ ମ୍ୟାନେଜର, ବ୍ଲକ ଡାଟା ମ୍ୟାନେଜର, ରିଷ୍ଟ ଟିଭି ସୁପ୍ରଭାଇଜର, ଭିବିଡିଟିଏସ, ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜୁନିଅର ହସ୍ପିଟାଲ ମ୍ୟାନେଜର, ଆକାଉଣ୍ଟ ମ୍ୟାନେଜର, ଡାଟା ମ୍ୟାନେଜର ଅନୁପସ୍ଥିତ ଥିବା କାରଣରୁ ପ୍ରସୂତିଙ୍କ ସହାୟତା ରାଶି ପ୍ରଦାନ, ଆଶା କର୍ମୀଙ୍କ ପ୍ରୋତ୍ସାହନ ରାଶି ପ୍ରଦାନ, ସ୍ୱାସ୍ଥ୍ୟକେନ୍ଦ୍ରର ସମଗ୍ର ପରିଚଳନାରେ ବ୍ୟାଘାତ ସୃଷ୍ଟି ହୋଇଛି। ଏହା ସହିତ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ତଥା ଟିଭି ମୁକ୍ତ ପଞ୍ଚାୟତ ଗଠନ ଲକ୍ଷ ବାଧାପ୍ରାପ୍ତ ହୋଇଛି। ଆସନ୍ତା ମାସ ଏକ ତାରିଖ ଠାରୁ ଆୟୁଷ୍ମାନ କାର୍ଡ ବଣ୍ଟନ ପାଇଁ ହିତାଧିକାରୀଙ୍କ ଚୟନ ପ୍ରମୁଖ ଭୂମିକା ନେଇଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ କାରଣରୁ କାର୍ଡ ବଣ୍ଟନ ପ୍ରଭାବିତ ହେବ। ବର୍ତ୍ତମାନ ସ୍ୱାସ୍ଥ୍ୟ ବିଭାଗର ୨୫ରୁ ଉର୍ଦ୍ଧ୍ୱ ପୋର୍ଟାଲରେ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ କାରଣରୁ ବନ୍ଦ ହୋଇଥିବା ଓ ବିଭିନ୍ନ ହିତାଧିକାରୀ ସେମାନଙ୍କ ସୁବିଧା ସୁଯୋଗ ପାଇ ପାରିବାରେ ସମସ୍ୟା ଦେଖାଦେଇଛି। ଗତ ୨୦ ବର୍ଷ ହେଲା ସ୍ୱାସ୍ଥ୍ୟ ବିଭାଗରେ ବନ୍ୟା, ବାତ୍ୟା ଓ କରୋନା ଭଳି ସମୟରେ ତୃଣମୂଳ ସ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ନ୍ୟାୟ୍ୟ ଦାବିପ୍ରତି ଅବହେଳା କରୁଥିବା ଅଭିଯୋଗ କରି ଏହି ଆନ୍ଦୋଳନ ଜାରି ରହିଛି। ଇତି ମଧ୍ୟରେ ସ୍ୱଳ୍ପ ବେତନରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ ଆକାଳ ବିୟୋଗ କାରଣରୁ ତାଙ୍କ ପରିବାର ମଧ୍ୟ କଷ୍ଟରେ ରହୁ ଥିବା କର୍ମଚାରୀ ସଂଗଠନ ପକ୍ଷରୁ କୁହାଯାଇଛି। କର୍ମଚାରୀଙ୍କ କାର୍ଯ୍ୟବନ୍ଦ କାରଣରୁ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ବାଧା ସୃଷ୍ଟି ହେଉଥିବା କାରଣରୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ସମାଧାନ କରିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଭୁକିଲା ବୋଲି କୁକୁରକୁ ଗୋଡାଇ ଗୋଡାଇ ହାଣିଲେ

ବ୍ରହ୍ମପୁର, (ସବ୍ୟୁ): ଟାଉନ ଥାନା ଅନ୍ତର୍ଗତ ଗାନ୍ଧିନଗରରେ ଏକ ବୁଲା କୁକୁର କୁ କିଛି ଯୁବକ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଏହି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମ ରେ ଘୁରି ବୁଲୁଛି। ଯୁବକ ମାନେ ନିଜର ମାନବିକତା ହଜାଇ ବୁଲା କୁକୁରକୁ ବିଚ୍ ରାସ୍ତାରେ ଜଣକ ପରେ ଜଣେ ଖଣ୍ଡାରେ ହାଣିଲେ। କୁକୁରଟି ରାତି ଅଧରେ ସେମାନଙ୍କୁ ଦେଖି ଭୁକିବାରୁ ବର୍ବରତାର ସବୁ ସୀମା ଟପିଗଲେ ଯୁବକ। ଗଞ୍ଜାମରେ ଗତକାଲି ଭୋର ୪ଟା ୧୮ ମିନିଟରେରେ ଏକ ସ୍କୁଟରରେ ୩ ଜଣ ଦୁର୍ବୃତ୍ତ ଖଣ୍ଡା ଧରି ବ୍ରହ୍ମପୁର ଗାନ୍ଧି ନଗର ସପ୍ତମ ଲାଇନ ଦେଇ ଯାଉଥିଲେ। ଏହି ସମୟରେ କଲୋନୀରେ ଥିବା ବୁଲା କୁକୁର ସେମାନଙ୍କୁ ଦେଖି ଭୁକିଥିଲେ। କୁକୁର ଭୁକୁଥିବା ଦେଖି ଦୁର୍ବୃତ୍ତମାନଙ୍କ ମୁଣ୍ଡକୁ ବିଷ ଚଢିଯାଇଥିଲା। ଗାଡିରୁ ଓହ୍ଲାଇ ଆସି ଦୁଇ ଯୁବକ ଏକ ଖଣ୍ଡାରେ କୁକୁରକୁ ଚୋଟ ଚୋଟ ପରେ ମାରି ଚାଲିଥିଲେ। କୁକୁରଟି ଜୀବନ ବିକଳେ ଦୌଡିବାକୁ ଲାଗିଥିଲା। ଏହାପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାର ଭିଡିଓ ସିସିଟିଭିରେ କଏଦ ହୋଇଛି। କାହିଁକି ରାସ୍ତାରେ ଶୋଇଥିବା କୁକୁରକୁ ହାଣିଲେ ଏପର୍ଯ୍ୟନ୍ତ ଜଣାପଡି ନାହିଁ। କୁକୁରଟିର ଅବସ୍ଥା ଗୁରୁତର ରହିଛି। ଅଞ୍ଚଳରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦୃବାକୁ ପଶୁପ୍ରେମି ଲଲଟେନ୍ଦୁ ଚୌଧୁରୀ ଦାବି କରିଛନ୍ତି।

# ଦୁର୍ଦ୍ଧାନ୍ତ ଅପରାଧୀ ପିଣ୍ଟୁ ନାହାକ ଗିରଫ

ଗୋପାଳପୁର, (ସବ୍ୟୁ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣ୍ଡା ପଞ୍ଚାୟତର ଦୁର୍ଦାନ୍ତ ଅପରାଧୀ ଓ ଚୋରା ମୋରମ ମାଫିଆ ଗୋଲନ୍ଥରା ପୋଲିସ କବାଜରେ। ଅଭିଯୁକ୍ତ ପିଣ୍ଟୁ ନାହାକ ଏହା ପୂର୍ବରୁ ବହୁ ଅପରାଧିକ ମାମଲାରେ ଜଡିତ ଥାଇ ବହୁ ବାର ଜେଲ ଯିବାର ନଜିର ରହିଛି। ତାସହ ବେଆଇନ ଚୋରା ମରମ କାରବାରର ମୁଖ୍ୟ ଖଳନାୟକ ବିଥିଲା ବୋଲି ଅଞ୍ଚଳରେ ଚର୍ଚ୍ଚାରେ ଥିଲା। ଗତ ୧୪ ତାରିଖରେ ସେ ବେଆଇନ ମରମ ଚୋରା ଚାଲାଣ



କରୁଥିବା ବେଳେ ତା ଗାଡି ନମ୍ବର ଈଛ ୦୨ ଅଟ୮୬୩ ପୋଲିସ ଦ୍ୱାରା ଜବତ ହେବା ସହ ଚାଳକ ସହ ହେଲପର ଗିରଫ ହୋଇ ଜେଲ ଯାଇଥିଲେ। ମାତ୍ର କୁଖ୍ୟାତ ପିଣ୍ଟୁ ନାହାକ ପୋଲିସକୁ ଚକମା ଦେଇ ଫେରାର ଥିଲା। ଆଜି ଗୋଲନ୍ଥରା ଥାନା ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁରା ସିନେମା ଢଙ୍ଗରେ ଏକ ତୋଟା ଭିତରୁ ଅଭିଯୁକ୍ତ ପିଣ୍ଟୁକୁ ଗିରିଫ କରିବାରେ ସକ୍ଷମ ହେଲେ। ଥାନା କେଶ ନମ୍ବର ୧୦୯/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ବଡବଜାର ପୋଲିସ ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରିଛି। ସେ ହେଲା ବିଶ୍ୱଜିତ ବେହେରା (୨୫)। ପୋଲିସ ଘଟଣା ବେଳେ ବ୍ୟବହୃତ କାଠ ଫାଳିଆ ଜବତ କରିଛି। ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସପି ଡା. ସର୍ଣା ବିବେକ ଏମ ସୂଚନା ଦେଇଛନ୍ତି। ଅନ୍ୟପଟେ ଆହତ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିବା ବେଳେ ତାଙ୍କୁ କଟକ ସ୍ଥାନାନ୍ତର ହୋଇଛି। ସେ ଏବେ ଅଚେତ ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରକାଶ ଯେ, ଗତ ୧୮ ତାରିଖ ରାତ୍ର ୧୦ ଟା ବେଳେ ଉକ୍ତ ଥାନା ଅନ୍ତର୍ଗତ ଶାର୍ଗୁଣା ସାହିରେ ଥିବା ଏକ ପାନ ଦୋକାନକୁ ରାକେଶ ପାତ୍ର ଯାଇଥିଲେ। ସେଠାରୁ ସେ କିଛି ସାମଗ୍ରୀ କିଣିଥିଲେ। ପରେ ଦୋକାନୀ ବିଶ୍ୱଜିତ ତାଙ୍କୁ ପଇସା ମାଗିଥିଲେ। ରାକେଶ ଦୋକାନୀଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବିଶ୍ୱଜିତ ଏକ କାଠ ଫାଳିଆରେ ରାକେଶଙ୍କ ମୁଣ୍ଡକୁ ମାରିଥିଲେ। ଯାହାଫଳରେ ସେ ଗୁରୁତର ହୋଇ ସେ ତଳେ ପଡି ଯାଇଥିଲେ। ପରେ ଦୋକାନୀ ଉକ୍ତ କାଠ ଫାଳିଆକୁ ଦୋକାନ ଭିତରେ ଲୁଚାଇ ରଖି ସେଠାରୁ ଚମ୍ପଟ ମାରିଥିଲେ। ତାଙ୍କୁ କିଛି ଲୋକ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ପରେ ତାଙ୍କ ମା' ଲକ୍ଷ୍ମୀ ପାତ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ ।

## ଚମାଖଣ୍ଡି ଠାରେ ଅଖିଳ ଭାରତ ଯୁବ ସଂଘର ୧୬ତମ ଆଞ୍ଚଳିକ ସମ୍ମିଳନୀ

ଛତ୍ରପୁର, (ସବ୍ୟୁ): ଅଖିଳ ଭାରତ ଯୁବସଂଘ ଚମାଖଣ୍ଡି ୧୬ତମ ଆଞ୍ଚଳିକ ସମ୍ମିଳନୀ ଚମାଖଣ୍ଡି ଛକ ଠାରେ ମାଗୁଣି ବିଷୋୟୀ, ଏନ.ମୁନା ପାତ୍ର ଓ କେ ଗଣେଶ ରେଡ୍ଡୀଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଏହି ଦେଶର ମହାନ ବିପ୍ଲବୀ ସହୀଦ ଭଗତସିଂ ଶୁକ ଦେବ ଓ ରାଜଗୁରଙ୍କ ସହୀଦ ଦିବସ ପାଳନ କରା ଯାଇଥିଲା। ଏହି ପରିପେକ୍ଷିରେ ପୂର୍ବତନ ବିଧାୟକ ଏନ.ନାରାୟଣ ରେଡ୍ଡୀ. ଜିଲ୍ଲା ସହ ସମ୍ପାଦକ ନୀଳକଣ୍ଠ ଦାଶ ଯୋଗଦେଇ ଅତ୍ୟାଚାର, ଭ୍ୟାଷ୍ଟଚାର ଓ ଶୋଷଣ ବିରୋଧରେ ଲଢେଇ ପାଇଁ ସମାଜରେ ସମାଜବାଦ ପ୍ରତିଷ୍ଠା ପାଇଁ ସହୀଦ ଭଗତସିଂ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀଙ୍କୁ ରାଜ୍ୟ ସଭାପତି ପ୍ରଦୀପ ସେଠି ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାର ଯୁବ ମାରାଣ ଶ୍ରମିକ ମାରାଣ ନୀତି ବିରୋଧରେ ଲଢେଇ ପାଇଁ କହିଥିଲେ। ବର୍ଷକୁ ୨କୋଟି ନିଯୁକ୍ତି କଥା କୁଆଡେ ଗଲା ଆଜି ଦେଶରେ ବେକାରୀ ସଂଖ୍ୟା ହୁ ହୁ ବଢିଚାଲଛି, ବେକାରୀ ନିଯୁକ୍ତି ଦିଅ ନତୁବା ବେକାର ଭତା ଦିଅ ଏବଂ କଳକାରଖାନା ରେ ସ୍ଥାନୀୟ ଯୁବକ ମାନଙ୍କୁ ନିଯୁକ୍ତି ଆଦି ଦାବୀ ନେଇଁ ଯୁବସଂଘ ପକ୍ଷରୁ ଆନ୍ଦୋଳନ କରିବକୁ କୁହାଯାଇଥିଲା। ଜୋନ ସଭାପତି ଡ଼କ୍ଟର ଦୁର୍ଯ୍ୟୋଧନ ପ୍ରଧାନ ପତାକା ଉତୋଳନ କରିଥିଲେ । ସମ୍ପାଦକ ଗୁରୁନାଥ ପ୍ରଧାନ ସମ୍ପାଦକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ସମ୍ମିଳନୀରେ ଯୁବସଂଘ ଜିଲ୍ଲା ସମ୍ପାଦକ କାମଦେବ ନାହାକ, ସିପିଆଇ ଜୋନ ସମ୍ପାଦକ ସିଏଚ.ଜନାର୍ଦନ ରେଡ୍ଡୀ, ଯୁବନେତା କୃଷ୍ଣଚନ୍ଦ୍ର ରାଉଳ. ଚିଙ୍କରା ବେହେରା, ନବୀନ ଗୌଡ଼, ସୁକାନ୍ତ ଆଚାରୀ, ନାରୀ ନେତ୍ରୀ ସରସ୍ୱତୀ ପ୍ରଧାନ ପ୍ରମୁଖ ନେତୃତ୍ୱ ଯୋଗ ଦେଇଥିଲେ । ଶେଷରେ ଏକ ୧୫ଜଣିଆ ଜୋନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ନୂତନ ସଭାପତି ଭାବେ ଡ଼କ୍ଟର ଦୁର୍ଯ୍ୟୋଧନ ପ୍ରଧାନ, ଉପସଭାପତି ଭାବେ ସନ୍ତୋଷ ଗୌଡ଼. ସମ୍ପାଦକ ଭାବେ କେ ଗଣେଶ ରେଡ୍ଡୀ, ସହ ସମ୍ପାଦକ ମନୋଜ ରାଉଳ କୋଷାଧକ୍ଷ ଦିଲପ ଦାସ ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀରେ ଜି . ରାଜେଶ ପାତ୍ର, ଯୋଶବନ୍ତ ପ୍ରଧାନ, ରାଜନ ଦାସ ଓ ଶଙ୍କର ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ପୁରାତନ ଛାତ୍ର ସମ୍ମିଳନୀ



ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗର ପୁରାତନ ଛାତ୍ର ସଂସଦର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନର ମୁଖ୍ୟ ପ୍ରଫେସର ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ପୁରାତନ ଛାତ୍ର ସଂସଦ ବୈଠକରେ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ମାନ ଆଗତ ଓ ଗୃହୀତ ହୋଇଥିଲା। ଏହି ବୈଠକରେ ବିଭାଗର ପ୍ରଫେସର ଡଃ ପୁଷ୍ପାଞ୍ଜଳି ପରିଡ଼ା, ସହକାରୀ ଡଃ କୁକୁ ମହାପାତ୍ର, ଡଃ ଗାର୍ଗୀ ମହାନ୍ତି ସାୟେଦା ଫୌଜିଆ ମାନୱାର ଓ ଜ୍ୟୋତିପ୍ରଜ୍ଞା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୁରାତନ ଛାତ୍ରସଂସଦର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ପୁରାତନ ଛାତ୍ରସଂସଦର ସଭାପତି ଡଃ ଗାର୍ଗୀ ମହାନ୍ତି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ କଲେଜର ପ୍ରାଣୀବିଜ୍ଞାନ ବିଭାଗ ସହ ସହଭାଗିତାରେ ଆଲୋଚନାଚକ୍ରମାନ ଆୟୋଜନ କରିବ ବୋଲି ନିଜ ବକ୍ତବ୍ୟରେ ଦର୍ଶାଇ ଥିଲେ। ସମ୍ପାଦକ ଓମ ପ୍ରକାଶ ଶତପଥୀ ଏବଂ ଅନ୍ୟ ସଦସ୍ୟଗଣ ଯଥା ଡଃ ଶୁଭ୍ରକାନ୍ତ ଜେନା, ଡଃ ବୁଦ୍ଧଦେବ ବରାଳ, ଡଃ ବିଜେତା ଦେବ, ଓଁକାର ଅନ୍ୱେସ, ଇପ୍ସିତା ଦାସ, ହିମାଂଶୁ ଶେଖର ସାହୁ ଓ ଶିବ ନାରାୟଣ ମିଶ୍ର ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକ ଶେଷରେ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୁରାତନ ଛାତ୍ରଛାତ୍ରୀମାନେ ପୁରାତନ ଛାତ୍ରସଂସଦକୁ ୫୫ହଜାର ଟଙ୍କା ଅନୁଦାନ ଆକାରରେ ପ୍ରଦାନ କରିଥିଲେ।

# ତୁରୁମୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




କୁଲାଡ, (ସବ୍ୟୁ): ଭଞ୍ଜନଗର ବ୍ଲକ ତୁରୁମୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ଏବିଇଓ ଗଜେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ତୁରୁମୁ ଗ୍ରାମ ପଞ୍ଚାୟତର ସରପଞ୍ଚ ଉଷାରାଣୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ସ୍ଥାନୀୟ ସ୍ୱାମୀ ଚିଦାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାହ୍ନୁଚରଣ ରଥ ଯୋଗଦେଇ ଥିବାବେଳେ, ସମ୍ମାନୀତଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସୁମିତ୍ରା ଗୌଡ଼, ସିଆରସିସି ଗଣେଶ୍ୱର ବେହେରା, ପ୍ରଧାନ ଶିକ୍ଷକ ସରୋଜ କାନ୍ତ ଶତପଥୀ, ପ୍ରଧାନ ଶିକ୍ଷକ ଗୋକୁଳ ଚନ୍ଦ୍ର ମଳିକ, ସାମ୍ବାଦିକ ରଙ୍କ ନିଧି ଦାଶ, ୱାର୍ଡ଼ ସଭ୍ୟା ରଶ୍ମିତା ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ପ୍ରଦାନ ପ୍ରାରମ୍ଭିକ ସଂଗୀତ ଗାନ ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସ୍ଥିତ ଅତିଥି ବୃନ୍ଦ ବାର୍ଷିକ ଉତ୍ସବ ସଂପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରି କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଏମ. ମନୋଜ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।। ଏଥିରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ଟାଙ୍ଗଣାପଲ୍ଲୀ ପଞ୍ଚାୟତରେ ବିଜେପିର ମିଶ୍ରଣ ପର୍ବ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁଟବଗଡ଼ ଗ୍ରାମ ନିକଟରେ ବିଜେପିର ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗଣାପଲ୍ଲୀ ସରପଞ୍ଚ ସୁଦାମ, ସମିତି ସଭ୍ୟା ମିନା କୁମାରୀ ସାହୁ, ବରିଷ୍ଠ ଶିକ୍ଷାବିତ କୋରା ମହାରଣା, ଅମରେଶ୍ୱର ସାହୁ, ପ୍ରଶାନ୍ତ କୁମାର ପ୍ରଧାନ ଓ କେଟିଏନପୁର ଶ୍ୟାମକାଳୀ ଯୁବକ ସଂଘଙ୍କ ସମେତ ବହୁ ୱାର୍ଡ ସଭ୍ୟ ଏବଂ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ବହୁ ଜନସାଧାରଣ ବିଭିନ୍ନ ଦଳ ଛାଡି ବିଜେପି ଦଳରେ ସାମିଲ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସବକା ସାଥ ସବକା ବିକାଶରେ ବିଶ୍ୱାସ କରି ଅନ୍ୟ ଦଳ ଛାଡି ଆଜି ବିଜେପିରେ ସାମିଲ ହୋଇଥିବା କହିଥିଲେ। ବିଧାୟକ ଶ୍ରୀ ନାୟକ ସେମାନଙ୍କ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳରେ



ସାମିଲ କରିଥିଲେ। ଆଗକୁ ଆହୁରି ଦଳ ମଜବୁଦ ହେବା ସହ ଏହି ଡବଲ ଇଞ୍ଜିନ ସରକାର ଯାହା କଥାଦିଏ ତାହା କାମରେ କରେଇକି ଦେଖାଏ। ନିର୍ବାଚନ ସମୟରେ ଯେଉଁ ପ୍ରତିଶୃତି ବିଜେପି ଦେଇଥିଲା ତାହା ଏବେ ଗୋଟେ ଗୋଟେ କରି କାମରେ ଲଗାଉଛି ବୋଲି କହିବା ସହ ଏହି ଦଳ ସର୍ବଦା ଲୋକଙ୍କ ସେବାହିଁ କାମ କରିବ ବୋଲି କହିଥିଲେ। ଟାଙ୍ଗଣାପଲ୍ଲୀ ମଣ୍ଡଳ ସଭାପତି ସମ୍ପଦ ନାହାକଙ୍କ ସଭାପତିତ୍ୱ କରିଥିବା ବେଳେ ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁ ସଂଯୋଜନାରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ସାଂସଦ ପ୍ରତିନିଧି ଆର. ସନ୍ତୋଷ ରେଡ୍ଡୀ, ଛତ୍ରପୁର ବ୍ଲକ ଉପାଧକ୍ଷା ଏସ. ଶାରଦା ରେଡ୍ଡୀ, ଓବିସି ମୋର୍ଚ୍ଚା ସାଧାରଣ ସଂପାଦକ ବି.ଶଙ୍କର ରେଡି, ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ବସନ୍ତ କୁମାର ବେହେରା, ପୂର୍ବତନ ସମିତିସଭ୍ୟ ଏନ୍.ଦୁର୍ଯ୍ୟୋଧନ ରେଡି, ପୂର୍ବତନ ସରପଞ୍ଚ ଗାଣ୍ଡୁଧର ଗୌଡ, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ପଦ୍ମ ଚରଣ ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା, ଚିକଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ପୂର୍ବତନ ସମିତି ସଭ୍ୟ ଜୟଦେବ ଲେଙ୍କା, ଅଶୋକ ପାଣିଗ୍ରାହୀ ଓ ଜ୍ୟୋତି ରଞ୍ଜନ ସାହୁ, କଣମଣା ମଣ୍ଡଳ ସଭାପତି ଏନ. ଦୀନବନ୍ଧୁ, କେ. ରଘୁନାଥ ରେଡ୍ଡୀ, ପି. ଧର୍ମା ରେଡ୍ଡୀ, ବାଦଲ ବେହେରା, ବାପି ଦାସ, ପୂର୍ବତନ ସରପଞ୍ଚ କେ. ଏଲେୟାଙ୍କ ସମେତ ଅନ୍ୟନ୍ୟା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବିଧାୟକ ଶ୍ରୀ ନାୟକଙ୍କୁ ଫୁଲ ଚନ୍ଦନ ଦେଇ ବିରାଟ ପଟୁଆରରେ ସଭା ସ୍ଥଳକୁ ପାଛୋଟି ନେଇଥିଲେ। ଶେଷରେ କୋରା ମହାରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାନବବାଦୀ ହେତୁବାଦୀ ସଂଗଠନ, ଗଞ୍ଜାମ ଜିଲ୍ଲା ପକ୍ଷରୁ ସହିଦ ଦିବସ

ବ୍ରହ୍ମପୁର, (ସବ୍ୟୁ): ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ ସହୀଦ ଭଗତ ସିଂ, ଶିବ ରାମ ରାଜଗୁରୁ, ସୁଖଦେ ଥପ୍ପରଙ୍କ ଫାଶୀ ଦିବସକୁ ଶକ୍ତିନଗର ୪ର୍ଥ ଗଳିରେ ଥିବା ଭାଗତ ସିଂ ପାଠାଗାର ଠାରେ ପାଳନ କରାଯାଇଛି। ସଂଗଠନର ସଭ୍ୟ ଜମ୍ମୁଲା ସତ୍ୟନାରାୟଙ୍କ ମୃତ୍ୟୁରେ ଓ ତିନି ଯୁବ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ସମ୍ମାନ ଜଣାଇ ଏକ ମିନିଟ ନୀରବତା ରକ୍ଷା କରାଯାଇଥିଲା। ଏହି ସଭାରେ ସଂଗଠନର ସଭାପତି ଇ.ଟି.ରାଓ ସଭାପତିତା କରିଥିଲେ। ସମ୍ପାଦକ କେ. ନନ୍ଦେଷୁ ସେନାପତି ଏହି ଦିବସ ବିଷୟରେ ସମ୍ୟକ ସୂଚନା ଦେଇଥିଲେ। ପରେ ସମସ୍ତେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମାନବବାଦୀ ହେତୁବାଦୀ ସଂଗଠନର ବରିଷ୍ଠ ସଭ୍ୟା ତଥା ପ୍ରଗତିଶୀଳ ଲେଖିକା ଡା.ବିଧୁପ୍ରଭା ରଥ ବକ୍ତବ୍ୟ ରଖିଥିଲେ। ଭଗତ ସିଂ ଇଂରେଜ ସରକାରଙ୍କ ଉପନିବେଶ ବାଦ ବିରୁଦ୍ଧରେ ଯୁବକ ମାନଙ୍କୁ ଏକକରି



ଲଢ଼େଇ କରୁଥିଲେ। ସଂଗ୍ରାମୀ ଲାଲା ଲଜପତି ରାୟଙ୍କ ଉପରେ ବର୍ବର ଆକ୍ରମଣ ବିରୁଦ୍ଧରେ ଯାଇ ଭୁଲକ୍ରମେ ଜେ.ପି.ସେଣ୍ଡରଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ। ଜେଲରେ ଥିବା ବେଳେ ବହୁ ପ୍ରଗତିଶୀଳ ବହି ପଢୁଥିଲେ। ଇଂରେଜୀ ସରକାରର ଶୋଷଣ, କଷଣ ବିରୁଦ୍ଧରେ ଲଢ଼ିବାକୁ ଯୁବ ଗୋଷ୍ଠୀକୁ ପ୍ରେରଣା ଯୋଗାଉ ଥିଲେ। ସେ ଜେଲ୍‌ରେ ଥିବାବେଳେ ମୁଁ କାହିଁକି ନାସ୍ତିକ? ବହିଟି ଲେଖିଥିଲେ ଓ ସମ୍ପୂର୍ଣ୍ଣ ନିରୀଶ୍ୱରବାଦୀ ହୋଇ ନିଷ୍କାମ ଦେଶ ସେବା, ବିଶ୍ୱାସରେ ଅଟଳ ରହିବା, ସଚ୍ଚୋଟତା ସହ ଆଗକୁ ଯିବା, ବୈଜ୍ଞାନିକ ବିଚାରବୋଧ ସୃଷ୍ଟିକରିବା ଓ ଅନ୍ଧ ବିଶ୍ୱାସ, ଅଲୌକିକିତା ବିରୁଦ୍ଧରେ ଲଢେଇକରିବା ପାଇଁ ପ୍ରେରଣା ଦେଉଥିଲେ। ଏହି କାର୍ଯ୍ୟକ୍ରମରେ କିଶୋର ଚନ୍ଦ୍ର ମିଶ୍ର, ସୁନେଜ କୁମାର ପାଣିଗ୍ରାହୀ, ଗାୟତ୍ରୀ ପାଣିଗ୍ରାହୀ, ମହର୍ଷି ସିଂ, ହାକିମ ଖାଁ, ଡି.ମୋହନ ରାଓ, ଶଙ୍କର ସାହୁ, କେ.ବାସବା ରାଜୁ ବକ୍ତବ୍ୟ ରଖିଥିଲେ ଓ ଶ୍ରଦ୍ଧଞ୍ଜଳୀ ପ୍ରଦାନ କରିଥିଲେ ।

# ଡୁମାଲ ସମାଜ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ସଭା



ବଲାଙ୍ଗିର,(ସବ୍ୟୁ): ଷାଠିଏ ଘର ଡୁମାଲ ସମାଜ ସହରାଞ୍ଚଳ ବଲାଙ୍ଗିର ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ସଭା, ଲାଲଟିକ୍ରା ଠାରେ ସଭାପତି ସଞ୍ଜୟ ମହାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ବଲାଙ୍ଗୀର ଜିଲ୍ଲା ସଭାପତି ଲମ୍ବୋଦର ମହାକୁର, ସମ୍ମାନୀତ ଅତିଥି ଭାବରେ ରାଜ୍ୟ ଯୁବ ସମାଜ ସଭାପତି ଦୟାନିଧି ଖମାରି ଏବଂ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗିର ସହରାଞ୍ଚଳରେ ଏକ ଡୁମାଲ ଭବନ ନିର୍ମାଣ, ପରିବାର ସର୍ବେକ୍ଷଣ, ବିବାହ ପଞ୍ଜିକରଣ ଏବଂ ଯୁବ ସମାଜକୁ ନେଇ ଆଗାମୀ ଦିନରେ ସମାଜର ଉନ୍ନତି ମୂଳକ କାମ କରିବା ବିଷୟରେ ଆଲୋଚନା ହେବା ସହିତ ସମସ୍ତେ ନିଜ ନିଜ ମତାମତ ପ୍ରଦାନ କରିଥିଲେ । ସଭାରେ ସହରାଞ୍ଚଳ କୋଷାଧ୍ୟକ୍ଷ ପିଙ୍କୁ ମହାକୁର, କାର୍ଯ୍ୟକାରୀ କମିଟି ସଦସ୍ୟ ବୁଡୁ କରନ, ପଲଉ ଚାଉଳିଆ ,ଦୀନବନ୍ଧୁ ଡାଙ୍ଗ ଏବଂ ବିଭିନ୍ନ କେନ୍ଦ୍ରରୁ ଆସିଥିବା ସଭାପତି ସମ୍ପାଦକ ତଥା ମାହେଶ୍ୱରୀ ସେନାର ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ । ଥବିର କର୍ମୀ ସଭା ପରିଚାଳନା କରିଥିବା ବେଳେ ସହରାଞ୍ଚଳ ସମ୍ପାଦକ ରତିକାନ୍ତ କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ନ୍ୟାୟ ପାଇଁ ଅପେକ୍ଷାର ଅନ୍ତନାହିଁ

# କୋର୍ଟରେ ଗଡ଼ୁଛି ୪୩ ହଜାର ମାମଲା

ଭୁବନେଶ୍ୱର/ଝାରସୁଗୁଡ଼ା, (ସବ୍ୟୁ): ତ୍ୱରିତ ନ୍ୟାୟ ପ୍ରଦାନ ଲାଗି ନ୍ୟାୟିକ ବ୍ୟବସ୍ଥାରେ ଲୋକ ଅଦାଲତ ଏବଂ ଫାଷ୍ଟଟ୍ରାକ କୋର୍ଟର ବ୍ୟବସ୍ଥା ରହିଛି । ମାତ୍ର ଏସବୁ ସତ୍ତ୍ୱେ ମାମଲା ଗୁଡ଼ିକର ଫଇସଲା ହୋଇ ନ ପାରି ଦଶନ୍ଧି ଦଶନ୍ଧି ଧରି ପଡ଼ି ରହୁଛି । ଫଳସ୍ୱରୂପ ନ୍ୟାୟ ପ୍ରଦାନ ବିଳମ୍ବିତ ହେଉଛି । ଝାରସୁଗୁଡ଼ା ଜିଲ୍ଲାରେ ଥିବା କୋର୍ଟ ଗୁଡ଼ିକରେ ଗତ ଫେବୃଆରୀ ଶେଷ ସୁଦ୍ଧା ୪୩ ହଜାର ୫୮୮ ଗୋଟି ମାମଲାର ବିଚାର ହୋଇ ନ ପାରି ଗଡ଼ୁଛି । ଯେଉଁଥିରେ ଦୁଇ ଦଶନ୍ଧିରୁ ଦୀର୍ଘ ସମୟର ମାମଲା ମଧ୍ୟ ରହିଛି । ବିଳମ୍ବିତ ନ୍ୟାୟକୁ ନ୍ୟାୟ ପ୍ରଦାନ ନ କରିବା ସଦୃଶ ବୋଲି କୁହାଯାଇଥାଏ । ଯାହା ଜିଲ୍ଲାରେ ଦେଖିବାକୁ ମିଳିବା ସହ ବହୁ ମାମଲାରେ ଅଭିଯୁକ୍ତ ଓ ଅଭିଯୋଗକାରୀ ମାନେ ବି ଆଖି ବୁଜି ସାରିଲେଣି । ସରକାରୀ ୱେବସାଇଟରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଗତ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଜିଲ୍ଲାରେ ସମୁଦାୟ ୪୩ ହଜାର ୦୭୨ ଗୋଟି ମାମଲା ବିଚାରାଧିନ ରହିଛି । ଯେଉଁଥିରେ ୨ ହଜାର ୮୩୩ ଗୋଟି ସିଭିଲ ଏବଂ ୪୦ ହଜାର ୧୮୯ ଗୋଟି ଫୌଜଦାରୀ ମାମଲା ଅନ୍ତର୍ଭୁକ୍ତ । ଚଳିତ ବର୍ଷ ଫେବୃଆରୀ ମାସ ଶେଷ ସୁଦ୍ଧା ଏହି ବିଚାରାଧିନ ମାମଲା ସଂଖ୍ୟା ବୃଦ୍ଧି ପାଇ ୪୩ ହଜାର ୫୮୮ରେ ପହଞ୍ଚିଛି । ଅନ୍ୟ ପକ୍ଷରେ ୨୦୨୪ ଜାନୁଆରୀ ମାସରୁ ଡିସେମ୍ବର ଶେଷ ମଧ୍ୟରେ ଜିଲ୍ଲାର ବିଭିନ୍ନ ଅଦାଲତରେ ବିଚାରାଧିନ ମାମଲା ମଧ୍ୟରୁ ୯ ହଜାର ୬୨୯ ଗୋଟି ମାମଲାର ଫଇସଲା ହୋଇଥିଲା । ଗତ ଜାନୁଆରୀ ଓ ଫେବୃଆରୀ ମାସରେ ୧୪୪୫ଟି ମାମଲାର ବିଚାର ଶେଷ ହୋଇଛି । ଏ ସମସ୍ତକୁ ହିସାବକୁ ନେଲେ ଜିଲ୍ଲାରେ ଗତ ୨୦୨୪ ବର୍ଷରେ ରୁଜୁ ହୋଇଥିବା ୯ ହଜାର ୩୧୦ଟି ମାମଲା ଏବଂ ପୂର୍ବ ବର୍ଷ ମାନଙ୍କରେ ରୁଜୁ ହୋଇଥିବା ୪୩ ହଜାର ୩୯୧ଟି ମାମଲା ମିଶି ସମୁଦାୟ ମାମଲା ରୁଜୁ ସଂଖ୍ୟା ଗତ ୨୦୨୪ ଡିସେମ୍ବର ସୁଦ୍ଧା ୫୨ ହଜାର ୭୦୧ ରହିଥିଲା । ଚଳିତ ବର୍ଷ ଜାନୁଆରୀ ଏବଂ ଫେବୃଆରୀ ମାସରେ ୧ ହଜାର ୯୬୧ଟି ମାମଲା ରୁଜୁ ହେବା ପରେ ରୁଜୁ ହୋଇଥିବା ସମୁଦାୟ ମାମଲା ସଂଖ୍ୟା ୫୪ ହଜାର ୬୬୨ରେ ପହଞ୍ଚିଛି । ଜିଲ୍ଲାର ବହୁ ହାଇ ପ୍ରୋଫାଇଲ ମାମଲା ଗୁଡ଼ିକର ବିଚାର ମଧ୍ୟ ବିଳମ୍ବିତ ହୋଇ ଚାଲିଛି ।

## ସାମୁ କେଡ଼ିଆ ହତ୍ୟା ମାମଲା ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ଧରି ଗଡ଼ୁଛି

ଗତ ୨୦୦୩ ମେ ୩ ତାରିଖ ଦିନ ବ୍ରଜରାଜନଗର ଠାରେ ତତ୍କାଳୀନ ଜିଲ୍ଲା କଂଗ୍ରେସ ସଭାପତି ତଥା କୋଇଲା ବ୍ୟବସାୟୀ ସାମୁ କେଡ଼ିଆଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ହାଇ ପ୍ରୋଫାଇଲ ମାମଲାରେ କାନ୍ତା ଦାସ ସମେତ ସନ୍ତୋଷ ଗୁପ୍ତା, କିଶୋର ଅଗ୍ରୱାଲ ପ୍ରମୁଖଙ୍କୁ ସେତେବେଳେ ପୋଲିସ ଗିରଫ କରିଥିଲା । ଗତ ୨୦୦୩ ସେପ୍ଟେମ୍ବର ୨୫ ତାରିଖ ଅଭିଯୁକ୍ତ କାନ୍ତା ଦାସଙ୍କୁ ଝାରସୁଗୁଡ଼ା ଏଡିଜେ କୋର୍ଟରେ ହାଜର ସମୟରେ କୋର୍ଟ ପରିସରରେ ଦୁଇ ଦୁର୍ବୃତ୍ତ ବୋମା ମାଡ଼ କରି ହତ୍ୟା କରିଥିଲେ । ସେହି ହତ୍ୟାକାରୀ ଦ୍ୱୟଙ୍କୁ ପୁଲିସ ଏନକାଉଣ୍ଟର କରିବାରୁ ମୃତ୍ୟୁ ହୋଇଥିଲା । ଯେଉଁ ମାନଙ୍କର ପରିଚୟ ଆଜିଯାଏଁ ମିଳି ପାରିନାହିଁ । ସାମୁ କେଡ଼ିଆ ହତ୍ୟା ମାମଲାର ଦୁଇ ପ୍ରମୁଖ ଅଭିଯୁକ୍ତ କାନ୍ତା ଦାସ ଏବଂ ସନ୍ତୋଷ ଗୁପ୍ତାଙ୍କ ମୃତ୍ୟୁ ହୋଇ ସାରିଛି । ହେଲେ ଏହି ମାମଲା ଗତ ୨୦୦୩ ମସିହା ମେ ୬ ତାରିଖରେ ଝାରସୁଗୁଡ଼ା ଏସଡିଜେଏମଙ୍କ ଅଦାଲତକୁ ଯିବା ପରେ ଶୁଣାଣୀ ଦିଗରେ ଆଗେଇ ନାହିଁ । ପରେ ଗତ ୨୦୨୨ ଡିସେମ୍ବର ୧୪ ତାରିଖ ଦିନ ଏହି ମାମଲା ଅତିରିକ୍ତ ସିଭିଲ ଜଜ୍ ତଥା ଜେଏମଏଫସିଙ୍କ ଅଦାଲତକୁ ଟ୍ରାନ୍ସଫର ହୋଇଥିଲା। ଏହି ସଂଗୀନ ମାମଲା ସେସନ୍ସ କୋର୍ଟକୁ ଯିବା ପାଇଁ ୨୨ ବର୍ଷ ପରେ ବି ସମ୍ଭବ ହୋଇନାହିଁ । ଫଳସ୍ୱରୂପ ନ୍ୟାୟ ଅପେକ୍ଷାରେ ପରିବାର ଲୋକେ ହତାଶ ହୋଇ ପଡ଼ିଛନ୍ତି । ଜିଲ୍ଲାରେ ଏଭଳି ଅନେକ ମାମଲା ଦୀର୍ଘ ଦଶନ୍ଧିରୁ ବିଚାରାଧିନ ରହି କେବଳ ସମୟ ଗଡ଼ୁଛି । ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଳମ୍ବିତ ହେବାରେ ଲାଗିଛି ।

# ସନ୍ଥକବି ଭୀମଭୋଇ ଏକାଡେମୀ ପକ୍ଷରୁ ‘ମହିମା ଗୋସେଇଁ ଓ ଭୀମ ଭୋଇ’ସମ୍ପର୍କିତ ଆଲୋଚନାଚକ୍ର



ରେଢ଼ାଖୋଲ,(ସବ୍ୟୁ): ମହିମା ଧର୍ମ ଜାତିଗତ ଭେଦଭାବ ଓ ସାମାଜିକ ଅସମାନତାର ବିରୋଧୀ । ଏହା ସମସ୍ତ ମନୁଷ୍ୟଙ୍କୁ ସମାନ ମନେ କରେ ଏବଂ ସମାଜରେ ସମତା ପ୍ରତିଷ୍ଠା କରିବାକୁ ଚେଷ୍ଟା କରେ ବୋଲି ସନ୍ଥକବି ଭୀମଭୋଇ ଏକାଡେମୀ ପକ୍ଷରୁ ‘ମହିମା ଗୋସେଇଁ ଓ ଭୀମ ଭୋଇ’ ସମ୍ପର୍କିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ରବିବାର ରେଢ଼ାଖୋଲ ଜିସି ହାଇସ୍କୁଲରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ଦେବରଞ୍ଜନଙ୍କ ପ୍ରଯୋଜିତ ଓ ନିର୍ଦ୍ଦେଶିତ ବୃତ୍ତଚିତ୍ର ‘ଅରୂପ ରୂପ’ ପ୍ରଦର୍ଶିତ ହୋଇଥିଲା। ମହିମା ଧର୍ମର ଦୁଇ ଅଗ୍ରଦୂତଙ୍କ ଆଧ୍ୟାତ୍ମିକ ଓ ପରିବର୍ତ୍ତନକାମୀ ଯାତ୍ରାର ଗତିପଥକୁ ତୋଳିଧରିବା ସହ ଆନ୍ଦୋଳନରେ ଦେଖା ଦେଇଥିବା ପରିବର୍ତ୍ତନକୁ ଏହି ବୃତ୍ତଚିତ୍ରରେ ସୁନ୍ଦର ଭାବେ ଦର୍ଶାଯାଇଛି। ସନ୍ଥକବି ଭୀମଭୋଇ ଏକାଡେମୀର ଅଧ୍ୟକ୍ଷ ମୁରଲୀଧର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମ ଅବଧୂତ ବାବା ଆନନ୍ଦ ଚନ୍ଦ୍ର ଦାସ, ଦେବରଞ୍ଜନ, ସନ୍ତୋଷ ରଥ, ବିଜୟ ମହାନ୍ତି, ମମତା ପାତ୍ର, ମହାବୀର ସିଂଦେଓ, ମେଘନାଦ ରାଉଳ, ମଞ୍ଜୁମାତା ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରହାସ୍ୟ ପ୍ରଧାନ, ଆଦିକନ୍ଦ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ମହୁଲ ଫୁଲର ଅଭାବୀ ବିକ୍ରି : ଦଲାଲ ମାଲେମାଲ



ସୋନପୁର,(ସବ୍ୟୁ): ଚାଷ ବ୍ୟତୀତ ଆଦିବାସୀ ଓ ଗରୀବ ଶ୍ରେଣୀର ଲେକେ ଜଙ୍ଗଲରୁ ବିଭିନ୍ନ ଜଙ୍ଗଲ ଜାତୀୟ ଦ୍ରବ୍ୟ ଯଥା ଚାର, କେନ୍ଦୁ, ଜାମ୍ବୁ, ଆମ୍ବ,ମହୁଲ, ମହୁ ଇତ୍ୟାଦି ସଂଗ୍ରହ କରିଥାନ୍ତି । ପରେ ବଜାରରେ ତାହା ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି । ଏଥିରେ ସେମାନେ ପରିବାର ପରିପୋଷଣ କରିଥାନ୍ତି। ଏହି ଗରିବ ଆଦିବାସୀ ପରିବାର ବସବାସ କରୁଛନ୍ତି । ବର୍ଷକର ମୁଖ୍ୟତଃ ଦୁଇ ମାସ ଯଥା ମାର୍ଚ୍ଚ ଓ ଅପ୍ରେଲ ମାସରେ ମହୁଲ ଗଛରେ ଫୁଲ ଫୁଟିଥାଏ । ଏହି ମହୁଲ ଫୁଲକୁ ସୋନପୁର ଜିଲ୍ଲା ବିଭିନ୍ନ ଅଞ୍ଚଳର ଗରିବ ମହିଳାମାନେ ସଂଗ୍ରହ କରି ତାହାକୁ ବିକ୍ରି କରି ରୋଜଗାର କରିବାର ଆଶା କରିଥାନ୍ତି । ହେଲେ ମହୁଲ ଫୁଲ ସଂଗ୍ରହ କରୁଥିବା ଏହି ଗରିବ ଲୋକଙ୍କ ମନରେ ଏବେ ନିରାଶା ଭାବ ଦେଖିବାକୁ ମିଳିଛି । ମହୁଲର ଉଚିତ ମୂଲ୍ୟ ନପାଇ ଦୁର୍ଦ୍ଦିନରେ ଏମାନେ କାଳାତିପାତ କରୁଛନ୍ତି । ସଂଗ୍ରହ କରିଥିବା ମହୁଲକୁ ବିକ୍ରି କରିବା ପାଇଁ କୌଣସି ମଣ୍ଡି ବା ବଜାରର ସୁବିଧା ନ ଥିବାରୁ ଏହାକୁ ଅତି କମ୍ ମୂଲ୍ୟରେ ଦଲାଲ ହାତକୁ ଟେକିଦେବାକୁ ବାଧ ଦେଉଛନ୍ତି ।

ଗରିବ ମହିଳାମାନେ ଭୋର ସକାଳରୁ ଭାତ ଧରି ମହୁଲ ଗୋଟେଇବାକୁ ଜଙ୍ଗଲକୁ ବାହାରି ଯାଇ ଦିନ ଗୋଟେ ଦିଟା ବେଳେ ଘରକୁ ଫେରିଥାନ୍ତି। ଯେତେବେଳେ ଲୋକେ ଖରାକୁ ମୁହଁ ନ ଦେଇ ଘରେ ଶୋଇ ରହିଥାନ୍ତି ସେତେବେଳେ ଖରା ୪୫ ଡିଗ୍ରୀ ରୁ ଅଧିକ ଥିଲାବେଳେ ମହୁଲ ଗୋଟାଳି ମାନେ ଘରକୁ ଆସିଥାନ୍ତି । ଦିନ ଯାକ ନିଜ ପିଲାଛୁଆଙ୍କୁ ଘରରେ ଛାଡି ଖରାର ୪୫ ଡିଗ୍ରୀ ଖରା ତାତିରେ ସିଝି ଯାଉଥିଲେ ମଧ୍ୟ ତେଲ, ଲୁଣର ସଂସାରକୁ ବଞ୍ଚାଇବା ପାଇଁ ନିଜ ପିଲାଛୁଆଙ୍କ ପେଟକୁ ଦାନା ମୁଠେ ଯୋଗାଇବା ପାଇଁ କଠିନ ରୁ କଠିନ ପରିଶ୍ରମ କରିଥାନ୍ତି । ଖାଲି ସୋନପୁର ଜିଲ୍ଲାରେ ନୁହେଁ ସାରା ପଶ୍ଚିମ ଓଡ଼ିଶା ଓ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହି ମହୁଲ ଫୁଲ ପ୍ରଚୁର ମାତ୍ରାରେ ମିଳିଥାଏ । ମହୁଲ ଫୁଲ ଜଣେ ଗରିବ ଲୋକ ପାଇଁ ରୋଜଗାରର ଏକ ମାଧ୍ୟମ ସଦୃଶ ମହୁଲ ଫୁଲ ଏହି ଗୋଟାଇ ଏହାକୁ ଶୁଖାଇ ବଜାରରେ ବିକ୍ରି କରିବା ଏହି ନିଜ ଅଞ୍ଚଳର ଗରିବ ଆଦିବାସୀଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ଏହାର ବଜାର ସୃଷ୍ଟି କରି ଗୋଟାଳିଙ୍କ ନିଜ ଭଲ ଦୁଇ ପଇସା ମିଳିବାର ବ୍ୟବସ୍ଥା ଆଜିଯାଏ ପ୍ରଶାସନ ପାଇଁ କରି ପାରି ନ ଥିବା ମହୁଲ ସଂଗ୍ରହକାରୀ ଅଭିଯୋଗ କରିଛନ୍ତି। ୨୦୦୨ ମସିହାରୁ ସରକାର ମହୁଲ ଫୁଲର ନିୟନ୍ତ୍ରଣ, ଦର ନିର୍ଦ୍ଧାରଣ ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦେଇଛନ୍ତି ହେଲେ ଯେବେଠାରୁ ମହୁଲର ବିକ୍ରିବଟା ଦାୟିତ୍ୱ ପଞ୍ଚାୟତକୁ ଦିଆଗଲା ସେବେଠାରୁ ମହୁଲ ଗୋଟାଳିମାନେ ବେଶୀ ଶୋଷଣର ଶିକାର ହେଲେ। ସୋନପୁର ଜିଲ୍ଲାରେ ପ୍ରଚୁର ମାତ୍ରାରେ ମହୁଲ ଉତ୍ପାଦନ ହେଉଥିଲେ ମଧ୍ୟ ଏହାର ସଂରକ୍ଷଣ କିମ୍ବା ଏହାକୁ ନେଇ କିଛି ନୂଆ ପ୍ରକଳ୍ପ ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ ।

ଏହି ଲଘୁ ବନଜାତ ଦ୍ରବ୍ୟ ପଶ୍ଚିମ ଓଡ଼ିଶା ପ୍ରଚୁର ପରିମାଣରେ ମିଳୁଥିବାରୁ ଓ ଏହାକୁ ନେଇ କେତେକଙ୍କ ଜୀବନ ଜୀବିକା ନିର୍ଭର କରୁଥିଲେ ମଧ୍ୟ ସରକାର ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ମହୁଲରୁ କେବଳ ଯେ ମଦ ପ୍ରସ୍ତୁତ ହୁଏ ତାହା ନୁହେଁ ଏହି ମହୁଲ ଫୁଲ ଓ ଫଳରୁ ତେଲ, ଜେଲି, ଜାମ, ପରଫ୍ୟୁମ ଆଦି ପ୍ରସ୍ତୁତ ହୁଏ । ଦେଶର ଅନ୍ୟ ରାଜ୍ୟ ଗୁଡିକରେ ଏହି ସବୁ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଆମ ରାଜ୍ୟର ଶିଳ୍ପ ବିହୀନ ସୋନପୁର ଜିଲ୍ଲାରେ ଏହିପରି ଶିଳ୍ପ ପ୍ରତିଷ୍ଠା କଲେ ଏଠିକାର ମହୁଲ ସଂଗ୍ରହକାରୀଙ୍କୁ ଉଚିତ ମୂଲ୍ୟ ମିଳିବା ସହ ବହୁ ବେକାର ଯୁବକ ଯୁବତୀଙ୍କୁ ଏଠାରେ କର୍ମ ସଂସ୍ଥାନ ମିଳିପାରନ୍ତା ।ସାଧାରଣ ଗୋଟାଳି ଜଣେ ଅଧିକ ମହୁଲ ରଖିବା ମଧ୍ୟ ଅପରାଧ। ତେଣୁ ବାଧ ହୋଇ ମହୁଲ ଗୋଟାଳି ମାନେ କିଛି ମଦ ବେପାରୀ ଓ ଦଲାଲଙ୍କ ଦ୍ୱାରା କେଜି ପ୍ରତି ୨୦ରୁ ୩୦ ଟଙ୍କାରେ ବିକ୍ରି କରି ଶୋଷଣର ଶିକାର ହେଉଥିବା ଅଭିଯୋଗ କରିଛନ୍ତି । ଯଦି ସରକାର ଧାନ ମଣ୍ଡି ଭଳି ମହୁଲ ମଣ୍ଡି କରିବାର ବ୍ୟବସ୍ଥା କରନ୍ତେ ଓ ମହୁଲର ମୂଲ୍ୟ ନିର୍ଦ୍ଧାରଣ ପାଇଁ କଡାକଡି ନିୟମ ରୁହନ୍ତା ତାହା ହେଲେ ମହୁଲ ଗୋଟାଳିମାନେ ଭଲ ଦୁଇ ପଇସା ରୋଜଗାର କରିବା ସହ ତାଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନି ବୋଲି ସାଧାରଣରେ ମଧ୍ୟ ଆଲୋଚନା ହେଉଛି।

# ନିଶାନ ବାଡ଼ିରେ ଛାତ୍ରକୁ ମାଡ, ଶିକ୍ଷକ ନାମରେ ମାମଲା



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହର ସିନ୍ଦୂରପଙ୍କ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆବାସିକ ଫଟାବାହାଲ ଛାତ୍ରାବାସରେ ଏକ ଅମାନୁଷିକ ଘଟଣା ଘଟିଛି। ନିଜ ୟୁନିଫର୍ମରେ ଗାରେଇବାରୁ ଛାତ୍ରକୁ ନିସାନର ବାଡ଼ିରେ ଶିକ୍ଷକ ମାଡ ମାରିଥିବା ଅଭିଯୋଗ ହୋଇଛି । ଶିକ୍ଷକଙ୍କ ନିର୍ମମ ଅତ୍ୟାଚାରରେ ଛାତ୍ରଙ୍କ ପିଠି ନୋଳା ପଡ଼ିଥିବା ବେଳେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳର ଜଣେ ୧୩ ବର୍ଷ ବୟସର ଛାତ୍ର ଏହି ଆବାସିକ ସ୍କୁଲର ସପ୍ତମ ଶ୍ରେଣୀରେ ପାଠ ପଢନ୍ତି। ଗତ ୧୯ ତାରିଖରେ ବାର୍ଷିକ ପରୀକ୍ଷା ସରିବା ପରେ ଅନ୍ୟ ପିଲାଙ୍କ ସହିତ ତାଙ୍କ ପୁଅ ଖୁସିରେ ମଜ୍ଜି ଯାଇଥିଲେ । ନିଜ ୟୁନିଫର୍ମରେ ହସ୍ତାକ୍ଷର କରି ଗାର ପକାଇଥିଲେ। ଏହାଦେଖି ଦୁଇଜଣ ଶିକ୍ଷକ ରଶ୍ମିରଞ୍ଜନ ଓ ସୁନୀଲ ପଣ୍ଡା ଉତ୍ୟକ୍ତ ହୋଇ ପଡ଼ିଥିଲେ । ତାସା ଓ ନିସାନ ବାଦ୍ୟର ରବର ବାଡ଼ିରେ ମାଡ଼ ଦେଇ ପିଠି ନୋଳା ଫଟାଇ ଦେଇଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଠିକ ହେବ ନାହିଁ ବୋଲି ମଧ୍ୟ ଧମକ ଦେଇଥିଲେ। ପୂର୍ବରୁ ମଧ୍ୟ ଉକ୍ତ ଶିକ୍ଷକ ଏହି ଛାତ୍ରଙ୍କ ପ୍ରତି ଏଭଳି ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଅଭିଭାବକଙ୍କ ଅଭିଯୋଗ ପରେ ସଦର ଥାନା ପୋଲିସ ୮୨/୨୫ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରୁଛି। ଏହି ମାମଲାରେ ଦୁଇ ଜଣ ଶିକ୍ଷକ ରଶ୍ମିରଞ୍ଜନ ନାୟକ ଓ ସୁନୀଲ ପଣ୍ଡାଙ୍କୁ ପୋଲିସ ନୋଟିସ ଦେଇ ଛାଡ଼ି ଦେଇଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟ ଭଳି ଦଣ୍ଡମୁକ୍ତ ଅଞ୍ଚଳରେ ଅକଥନୀୟ ଅତ୍ୟାଚାରକୁ ସବୁ ମହଲରେ ନିନ୍ଦା କରାଯାଉଛି ।

# କୃଷକ ଉତ୍ପାଦକ କମ୍ପାନୀର ସଚେତନତା ବୈଠକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଚଳକୀ ପଞ୍ଚାୟତ ଚଳକୀ ଛକ ସ୍ଥିତ ଗିରି ଗୋବର୍ଦ୍ଧନ ମନ୍ଦିର ପରିସରରେ ମୁରିବାହାଲର ପ୍ରଗତି କୃଷକ ଉତ୍ପାଦକ କମ୍ପାନୀ,ମହାଶକ୍ତି ଫାଉଣ୍ଡେସନ ପକ୍ଷରୁ ତଥା ଭାରତ ସରକାରଙ୍କ ନାବାର୍ଡ ସହାୟତାରେ ବ୍ଲକସ୍ତରୀୟ ସମନ୍ବୟ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ନାବାର୍ଡର ଡିଡ଼ିଏମ ବିବେକ ନାଏକ, ଏଏଚଓ ମନବୋଧ ମାଝୀ,ବ୍ଲକ ମିଶନ ଶକ୍ତି ବିପିଏମ ଡ. ଗୋପାଳକୃଷ୍ଣ ଦୀପ, ଭିଏଡବ୍ଲୁ ଜିତେନ୍ଦ୍ର ମେହେର, ମହାଶକ୍ତି ଫାଉଣ୍ଡେସନର ବରିଷ୍ଠ ପରିଚାଳକ ହୃଷିକେଶ ସାହୁ, ଜିଲ୍ଲା ସଂଯୋଜକ ପ୍ରଣବ କୁମାର ଅତିଥି ଭାବେ ଯୋଗଦେଇଥିଲେ । କୃଷକ ଉତ୍ପାଦକ ସଂଘର ବିସ୍ତାର ଓ ସୁଦୃଢ଼ୀକରଣ, ଅଂଶଧନକାରୀଙ୍କ ଆର୍ଥିକ ଉନ୍ନତି, ସରକାରୀ ସହାୟତା ଆଦି ବିଷୟରେ ବକ୍ତାଗଣ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଫପିସିର ଏମଡ଼ି ଭାଗିରଥି ଜୁଆଡ଼, ସିଇଓ ଘନଶ୍ୟାମ ପୁଟେଲ, ମଞ୍ଚାସିନ ଏଫପିସି ନିର୍ଦ୍ଦେଶକ ଧୂଳେଶ୍ୱର ବାଗ, ପବିତ୍ର ମେହେର, ଝସକେତନ ବୁଢ଼େକ, ହୃଦାନନ୍ଦ ବାଗ, ବିଷ୍ଣୁ ବାଗ, ଅନୁପମା ମେହେର, ରୁକ୍ମିଣୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ମହାଶକ୍ତି ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ପ୍ରଣବ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଟି-ପିକଅପ ମୁହାଁମୁହିଁ : ଦୁଇ ଗୁରୁତର

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅନ୍ତର୍ଗତ ଚାଉଁରପୁର ଛକ ନିକଟରେ ରବିବାର ସନ୍ଧ୍ୟା ସମୟରେ ଏକ ସ୍କୁଟି ଓ ପିକଅପ୍ ମୁହାଁ ମୁହିଁ ଧକ୍କା ହେବା ଫଳରେ ଦୁଇଜଣ ସ୍କୁଟି ଆରୋହୀ ଗୁରୁତର ହୋଇଛନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ଜିଆଁକଟା ଗ୍ରାମର ମନୋଜ ବେହେରା (୧୮) ଏବଂ ଆଶିଷ ପାତ୍ର(୨୩) ସୋମବାର ସନ୍ଧ୍ୟା ସମୟରେ ସ୍କୁଟି ଯୋଗେ କୌଣସି କାମରେ ତିଳେଶ୍ୱର ଯାଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଚାଉଁରପୁର ଛକ ଠାରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ସହ ମୁହାଁ ମୁହିଁ ହୋଇଥିଲା ।

ଏଥିରେ ଦୁଇ ସ୍କୁଟି ଆରୋହୀ ଗୁରୁତର ହୋଇଥିଲେ । ଦୁର୍ଘଟଣା ଘଟାଇ ଉକ୍ତ ସ୍ଥାନରୁ ଗାଡ଼ିଟି ଚମ୍ପଟ ମାରିଛି । ସ୍ଥାନୀୟ ଲୋକେ ଦୁଇ ଗୁରୁତରଙ୍କୁ ଉଦ୍ଧାର କରି ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାର ଡାକ୍ତର ସେମାନଙ୍କ ପ୍ରାଥମିକ ଚିକିତ୍ସା କରି ଦୁଇ ଜଣଙ୍କୁ ୧୦୮ ଆମ୍ବୁଲାନ୍ସ ବୌଦ୍ଧ ମୁଖ୍ୟ ଚିକିତ୍ସା ଳୟକୁ ସ୍ଥାନାନ୍ତର କରିଛନ୍ତି । ପୁରୁଣା କଟକ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରିବା ସହ ଫେରାର ଥିବା ଗାଡ଼ିକୁ ଖୋଜିବାରେ ଲାଗିଥିବା ପୁରୁଣା କଟକ ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

# ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଦିଗରେ ଇସିଆଇର ପଦକ୍ଷେପ

ଭବାନୀପାଟଣା,(ସବ୍ୟୁ): ଭାରତର ୨୬ତମ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବେ ଦାୟିତ୍ୱ ଗ୍ରହଣ କରିବାର ଏକ ମାସ ମଧ୍ୟରେ ଜ୍ଞାନେଶ କୁମାର ନିର୍ବାଚନ କମିଶନର ଡ. ସୁଖବୀର ସିଂ ସାନ୍ଧୁ ଏବଂ ଡ. ବି ଯୋଷୀଙ୍କ ସହ ମିଶି ସମଗ୍ର ନିର୍ବାଚନ ବ୍ୟବସ୍ଥାକୁ ବିଏଓ ସ୍ତର ପର୍ଯ୍ୟନ୍ତ ସମସ୍ତ ଭୋଟରଙ୍କ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ମତଦାନ କେନ୍ଦ୍ରରେ ସେମାନଙ୍କ ପାଇଁ ଏକ ଆନନ୍ଦ ଦାୟକ ଅନୁଭୂତି ସୁନିଶ୍ଚିତ କରିବା ଦିଗରେ ଦୃଢ଼ ଭାବରେ ଆଗେଇ ଆସିଛନ୍ତି । ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଗତ ଏକମାସ ମଧ୍ୟରେ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା ଦିଗରେ ଇସିଆଇ ଏଭଳି ଏକ ସାହସିକ ପଦକ୍ଷେପ ନେଇଛି । ମୁଖ୍ୟ ଅଂଶୀଦାର ହୋଇଥିବାର ତୃଣମୂଳ ସ୍ତରରେ ରାଜନୈତିକ ଦଳଗୁଡ଼ିକ ମଧ୍ୟ ଏଥିରେ ସାମିଲ ହୋଉଛନ୍ତି । ପ୍ରାୟ ୧୦୦ କୋଟି ମତଦାତା ସର୍ବଦା ଗଣତନ୍ତ୍ରର ସ୍ତମ୍ଭଭାବେ ଠିଆ ହୁଅନ୍ତୁ ବୋଲି ଆୟୋଗ ଦୋହରାଇଛନ୍ତି । ଭାରତର ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ)ଏବଂ ନିର୍ବାଚନ କମିଶନ (ଇସିଆଇ)ର ବିଶେଷଜ୍ଞଙ୍କ ମଧ୍ୟରେ ବୈଷୟିକ ପରାମର୍ଶ ଖୁବ ଶୀଘ୍ର ଆରମ୍ଭ ହେବାକୁ ଯାଉଛି । ଯଦିଓ ଜଣେ ମତଦାତା କେବଳ ନିର୍ଦ୍ଧାରିତ ପୋଲିଂ ବୁଥରେ ଭୋଟ ଦେଇପାରିବେ, ତଥାପି ନିର୍ବାଚନ ଫଟୋ ପରିଚୟ ପତ୍ର (ଇପିଆଇସି) ସଂଖ୍ୟାରେ ନକଲିଙ୍କୁ ହଟାଇବା ଏବଂ ଦଶନ୍ଧି ଧରି ଚାଲିଆସୁଥିବା ସମସ୍ୟାକୁ ତିନିମାସ ମଧ୍ୟରେ ସମାଧାନ କରିବାକୁ ଆୟୋଗ ସଂକଳ୍ପ ନେଇଛି । ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ କର୍ତ୍ତୃପକ୍ଷଙ୍କ ସହ ସମନ୍ବୟ ରକ୍ଷା କରି ଭୋଟର ତାଲିକାର ନିୟମିତ ଅପଡେଟ୍ କୁ ସୁଦୃଢ଼ କରାଯିବ । ରାଜନୈତିକ ଦଳମାନଙ୍କ ସହ ଆୟୋଗର ଆଲୋଚନାରେ ଏହା ସ୍ପଷ୍ଟ କରାଯାଇଥିଲା ଯେ, ଡ୍ରାଫ୍ଟ ଭୋଟର ତାଲିକାରେ କୌଣସି ଅନ୍ତର୍ଭୁକ୍ତ କିମ୍ବା ବାଦ୍, ସମସ୍ତ ରାଜନୈତିକ ଦଳଙ୍କ ନିକଟରେ ଲୋକ ପ୍ରତିନିଧ ଆଇନ, ୧୯୫୦ ରେ ଉପଲବ୍ଧ ଦାବି ଏବଂ ଆପତ୍ତି ଦାଖଲ ପାଇଁ ପ୍ରାସଙ୍ଗିକ ଆଇନ ଗତ ବ୍ୟବସ୍ଥା ଅଧୀନରେ ରେ ଅପିଲ୍ ପ୍ରକ୍ରିୟା ଦ୍ୱାରା ପରିଚାଳିତ ହୁଏ । ଏଭଳି ଆବେଦନ ଅଭାବରୁ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ପ୍ରସ୍ତୁତ କରିଥିବା ତାଲିକା ବଳବତ୍ତର ରହିଛି । ସମସ୍ତ ଯୋଗ୍ୟ ନାଗରିକଙ୍କ ଶତ ପ୍ରତିଶତ ପଞ୍ଜୀକରଣ ସୁନିଶ୍ଚିତ କରିବା, ମତଦାନର ସହଜତା ସୁନିଶ୍ଚିତ କରିବା ଏବଂ ଆନନ୍ଦ ଦାୟକ ମତଦାନ ଅନୁଭୂତି ସୁନିଶ୍ଚିତ କରିବା ନିର୍ବାଚନ କମିଶନଙ୍କ ପ୍ରମୁଖ ଉଦ୍ଦେଶ୍ୟ। କୌଣସି ମତଦାନ କେନ୍ଦ୍ରରେ ୧୨ଶହରୁ ଅଧିକ ଭୋଟର ରହିବେ ନାହିଁ ସେଥିପାଇଁ ପଦକ୍ଷେପ ନିଆଯିବ । ଏପରିକି ଦୁର୍ଗମ ଗ୍ରାମୀଣ ମତଦାନ କେନ୍ଦ୍ରରେ ମୌଳିକ ସୁବିଧା ସୁନିଶ୍ଚିତ କରାଯିବ । ସହରାଞ୍ଚଳର ଉଦାସୀନତା ଦୂର କରିବା ଏବଂ ଅଧିକ ଅଂଶ ଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ଉଚ୍ଚ କୋଠା ଓ କଲୋନୀ ଗୁଡ଼ିକର ପରିସରରେ ମତଦାନ କେନ୍ଦ୍ର ରହିବ । ନିର୍ବାଚନ ପ୍ରକ୍ରିୟାର ସମସ୍ତ ଦିଗରେ ରାଜନୈତିକ ଦଳଗୁଡ଼ିକର ପୂର୍ଣ୍ଣ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ସି.ଇ.ସି. ଜ୍ଞାନେଶ କୁମାର ମାର୍ଚ୍ଚ ୪ ତାରିଖରେ ସି.ଇ.ଓ. ସମ୍ମିଳନୀରେ ସମସ୍ତ ୩୬ ଜଣ ସିଇଓ, ୭୮୮ ଜଣ ଡିଇଓ, ୪ ହଜାର ୧୨୩ ଜଣ ଇଆରଓଙ୍କ ଦ୍ୱାରା ନିୟମିତ ସର୍ବଦଳୀୟ ବୈଠକ ଏବଂ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତୃଣମୂଳ ସ୍ତରରେ ରାଜନୈତିକ ଦଳଗୁଡ଼ିକ ଉଠାଇଥିବା ଯେକୌଣସି ବିବାଦୀୟ ଓ ଜରୁରୀ ସମସ୍ୟାର ସମାଧାନ କରିବାରେ ସମଗ୍ର ଦେଶରେ ଏଭଳି ବୈଠକ ସହାୟକ ହେବ । ୨୦୨୫ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମଗ୍ର ଭାରତରେ ଏହି ପ୍ରକ୍ରିୟା ଶେଷ ହେବ । ରାଜନୈତିକ ଦଳର ପ୍ରତିନିଧି ଓ ସେମାନଙ୍କ ନିଯୁକ୍ତ ବିଏଲ୍ଏ ମାନଙ୍କୁ ଭୋଟର ତାଲିକା ଉପରେ ଦାବି ଓ ଆୟ ସମେତ ନିର୍ବାଚନ ଆଇନ ଅନୁଯାୟୀ ଉପଯୁକ୍ତ ପ୍ରକ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ କମିଶନଙ୍କ ପ୍ରସ୍ତାବକୁ ରାଜନୈତିକ ଦଳଗୁଡ଼ିକ ସ୍ୱାଗତ କରିଛନ୍ତି । ନିର୍ବାଚନ ପରିଚାଳନା ସମ୍ବନ୍ଧୀୟ ଯେକୌଣସି ପ୍ରସଙ୍ଗରେ ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳମାନଙ୍କ ଠାରୁ ପରାମର୍ଶ ଆହ୍ୱାନ କରିଛି ଏବଂ ସେମାନେ ୨୦୨୫ ଏପ୍ରିଲ ୩୦ ତାରିଖ ସୁଦ୍ଧା ପରାମର୍ଶ ପଠାଇପାରିବେ । ପାରସ୍ପରିକ ସୁବିଧାଜନକ ସମୟରେ ଦିଲ୍ଲୀରେ କମିଶନଙ୍କୁ ଭେଟିବା ପାଇଁ ଦଳମାନଙ୍କୁ ନିମନ୍ତ୍ରଣ କରାଯାଇଛି । ଏହି ସାହସିକ ଏବଂ ସୁଦୂର ପ୍ରସାରୀ ପଦକ୍ଷେପ ନିର୍ବାଚନର ସମଗ୍ର ପରିସରକୁ ବ୍ୟାପିଛି ଏବଂ ସମସ୍ତ ଅଂଶୀଦାରଙ୍କୁ ଭାଗିଦାରୀ ଢଙ୍ଗରେ ଅନ୍ତର୍ଭୁକ୍ତ କରିଛି ବୋଲି ଉପ ନିର୍ଦ୍ଦେଶକ ପି. ପଓ୍ୱନ ପ୍ରକାଶ କରିଛନ୍ତି ।

# ଉଦନ୍ତୀ ମହୋତ୍ସବ ପାଇଁ ସିନାପାଲି ଚଳଚଞ୍ଚଳ

ସିନାପାଲି,(ସବ୍ୟୁ): ସିନାପାଲି ଅଂଚଳର କଳା,ସାହିତ୍ୟ, ସଂସ୍କୃତିର ମହାମିଳନର ପର୍ବ ଉଦନ୍ତୀ ମହୋତ୍ସବ ଆସନ୍ତା ୨୮ ରୁ ୩୦ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା ବେଳେ ଏନେଇ ସାରା ଅଂଚଳ ଚଳଚଞ୍ଚଳ ହୋଇ ପଡ଼ିଛି । ଏ ଅବସରରେ କଳାହାଣ୍ଡି, ବଲାଙ୍ଗିର, ବରଗଡ଼, ରାୟଗଡ଼ା, ନୂଆପଡ଼ା, ଖୋର୍ଦ୍ଧା ଆଦି ଜିଲ୍ଲାର ଲୋକକଳା ମଧ୍ୟରେ ତ୍ରିଭଙ୍ଗି, ବଜାଶାଳ, ଘୁମୁରା, ରାମକାଠି, ମହୁରୀ ବଜା, ଓଡ଼ିଶୀ, ଆଦିବାସୀ ଆଦି ପରିବେଷଣ ହେବ । ଶେଷ ସଂଧ୍ୟାରେ ପ୍ରସିଦ୍ଧ ଷ୍ଟାର ଗାୟିକା ପ୍ରାଚୀ ପାଣିଗ୍ରାହୀ, ପଙ୍କଜ ଜାଲ, ଅମର ଦାସ, ଆଶିଷ କୁମ୍ଭାର, ଚୁମକୀ ପାୀ ଓ ଛିଛି ଛିରେ ନନୀର କଳାକାର ବିଭୁତି ଭୂଷଣ ବିଶ୍ୱାଳ ନିଜ କଳା ପ୍ରଦର୍ଶନ କରିବେ । ମହୋତ୍ସବରେ ସାମିଲ ହେବାକୁ ମନ୍ତ୍ରୀ, ବିଧାୟକ , ସାଂସଦ, ପ୍ରଶାସକ ପ୍ରମୁଖ ଯୋଗ ଦେବାର ଅଛି । ଏଥିସହ ମହିଳା, ପୁରୁଷ, ଛାତ୍ରଛାତ୍ରୀ ଆଦିଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ସହ କବିତା ଆସର,ଆଲୋଚନାଚକ୍ର ଆଦି ଥିବା ବେଳେ ମଶାଲ ଶୋଭାଯାତ୍ରା ମୁଖ୍ୟ ଆକର୍ଷଣ ରହିବ । ଏ ଅବସରରେ ଅଞ୍ଚଳର କଳା ଓ ସଂସ୍କୃତି ଆଧାରିତ ସ୍ମରଣିକା ଉଦନ୍ତିକା ପ୍ରକାଶ ପାଇବ । ଉତ୍ସବକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ଚଳିତ ବର୍ଷ ଉତ୍ସବ କମିଟିର ସଭାପତି ବୈଷ୍ଣବ ମେହେର, ଉପସଭାପତି ଅଜିତ ଯୋଷୀ, ତ୍ରିନାଥ ମେହେର, ରଜନୀ ମାଝୀ, ସଂପାଦକ ପ୍ରିୟ ରଂଜନ ମେହେର, ସହସଂପାଦକ ବଂଶୀଧର ଜଗତ, ସୂରଜ ମେହେର, ମନୋରଂଜନ ମେହେର ଓ କୋଷାଧ୍ୟକ୍ଷ ଦିବ୍ୟରଂଜନ ନାଏକ ରହିଛନ୍ତି ।



# ଜଙ୍ଗଲରୁ ନାବାଳିକାର ମୃତଦେହ ଉଦ୍ଧାର



ସମ୍ବଲପୁର,(ସବ୍ୟୁ): ବୁର୍ଲା ଥାନା ଅନ୍ତର୍ଗତ ପୁରୁଣା ଫିସେରି ଜଙ୍ଗଲରୁ ଏକ ନାବାଳିକାର ମୃତଦେହ ଉଦ୍ଧାର ହୋଇଛି। ମୃତଦେହକୁ ପୋଲିସ ଜବତ କରିଛି । ସୋମବାର ଶବ ବ୍ୟବଛେଦ କରାଯିବ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ସୂଚନା ଯୋଗ୍ୟ, ବରଗଡ଼ ସହରର ଜଣେ ନାବାଳିକା ନିଖୋଜ ଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ତେବେ ଏକ ନାବାଳିକାର ମୃତଦେହ ବୁର୍ଲା ଥାନା ସ୍ଥିତ ପୁରୁଣା ଫିସେରି ଜଙ୍ଗଲରେ ପଡିଥିବା ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବୁର୍ଲା ଥାନା ପୋଲିସ ସମେତ ବରଗଡ଼ ଏସଡିପିଓ ଓ ଟାଉନ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛନ୍ତି । ତେବେ ନାବାଳିକାକୁ ବୁର୍ଲା କି ବରଗଡ଼ ଜିଲ୍ଲାରେ ହତ୍ୟା କରି ଏଠାରେ ଫିଙ୍ଗି ଦିଆଯାଇଛି ତାହା ସ୍ପଷ୍ଟ ହୋଇପାରିନାହିଁ । ଏହି ହତ୍ୟାକାଣ୍ଡ ଘଟଣାରେ ବରଗଡ଼ ଜିଲ୍ଲା ଅତାବିରା ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି ।

# ଘରୋଇ ଜମିରେ ରାସ୍ତା ନିର୍ମାଣ : କ୍ଷତିପୂରଣ ଦାବିରେ କାମ ବନ୍ଦ





କୋକସରା (ସବ୍ୟୁ) : କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବୋବରିଆ ଛକରୁ ଡେଙ୍ଗାଗୁଡା ମହିମା ପର୍ଯ୍ୟନ୍ତ ସଂଯୋଗ କରୁଥିବା ୬.୧୭୦ କିମି ରାସ୍ତା ପାଇଁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜନୈକ ଠିକାସଂସ୍ଥା କାର୍ଯ୍ୟାଦେଶ ପାଇ କାର୍ଯ୍ୟ ସମ୍ପାଦନ କରିଥିଲେ। ତେବେ ବୋବରିଆରୁ ଡେଙ୍ଗାଗୁଡା ଗାଁ ମଝିରେ ଥିବା ପାଖାପାଖି ୩୦୦ ମିଟର ରାସ୍ତାକୁ ସ୍ଥାନୀୟ ବୋବରିଆ ଗ୍ରାମର ସ୍ୱର୍ଗତ ରାମନାଥ ଦଳପତିଙ୍କ ପୁଅ ମାନେ ନିଜର ମାଲିକାନା ହକ ଥିବା ନେଇ ରାସ୍ତା ନିର୍ମାଣ କାର୍ଯ୍ୟ ସମୟରୁ କ୍ଷତିପୂରଣ ଦାବି କରି ବନ୍ଦ କରି ରଖିଛନ୍ତି। ରାସ୍ତା ନିର୍ମାଣ ଅବରୋଧ କରିବା ପରେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୋକସରା ତହସିଲ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିବା ସହ ରାସ୍ତା ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିବାକୁ ବିଭାଗୀୟ ଚିଠି ଲେଖିଥିଲେ । ଘଟଣାର ତଦନ୍ତ କରି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଧର୍ମଗଡ଼ ଉପ ଜିଲ୍ଲାପାଳଙ୍କୁ ଏନେଇ ଅବଗତ କରାଇବା ପରେ ତହସିଲଦାରଙ୍କ ରିପୋର୍ଟକୁ ଆଧାର କରି ଉପ ଜିଲ୍ଲାପାଳ ଧର୍ମଗଡ଼ ପକ୍ଷରୁ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତା ସର୍ବ ସାଧାରଣଙ୍କ ଯାତାୟାତ ପାଇଁ ରହିଛି । ଏଣୁ କୌଣସି ସର୍ବସାଧାରଣ ରାସ୍ତା ନିର୍ମାଣରେ କୌଣସି ବ୍ୟକ୍ତି ଅବରୋଧ କରି ପାରିବେ ନାହିଁ ଓ ଯଦି କରନ୍ତି ତାହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବାସହ ରାସ୍ତା ନିର୍ମାଣ ପାଇଁ ଅନୁମତି ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର ଠିକାସଂସ୍ଥା ପକ୍ଷରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଆମପାଣି ଆଇଆଇସିଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ସୁରେଶ ବରିହାଙ୍କ ଉପସ୍ଥିତି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଆସିଥିବା ବେଳେ ଜମି ମାଲିକାନା ଓ ପ୍ରଶାସନ ପକ୍ଷରୁ ଲିଖିତ ଭାବେ କ୍ଷତିପୂରଣ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ଦେବୁ ନାହିଁ ବୋଲି ରାସ୍ତା ନିର୍ମାଣ ସାମଗ୍ରୀ ନେଇ ଆସିଥିବା ଭାରିଯାନ ଆଗରେ ମାଲିକାନା ଦାବି କରୁଥିବା ପିତାମ୍ବର ଦଳପତି, ହିମାଦ୍ରୀ ଦଳପତି, ଯୋଗିନ୍ଦ୍ର ଦଳପତି ଓ ତାଙ୍କ ପରିବାରର ମହିଳା ପିଲାଛୁଆ ବସି ପଡ଼ିଥିଲେ। ଉପସ୍ଥିତ ଅତିରିକ୍ତ ତହସିଲଦାର ଶ୍ରୀ ଜେନା, ଆମପାଣି ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ଓ ବିଭାଗୀୟ ଯନ୍ତ୍ରୀ ଶ୍ରୀ ବରିହା ପରିବାର ଲୋକଙ୍କୁ ବୁଝାଇବା ସତ୍ତ୍ୱେ ମଧ୍ୟ ସେମାନେ ନିଜ ଜିଦରେ ଅଡ଼ି ବସିଥିବାରୁ ଶେଷରେ ରାସ୍ତା ନିର୍ମାଣ କାର୍ଯ୍ୟ ଅଧ ପନ୍ତରିଆରେ ଛାଡି ପ୍ରଶାସନିକ ଅଧିକାରୀ ଓ ପୁଲିସ ଟିମ ଫେରି ଯାଇଥିଲେ। ତେବେ ଏନେଇ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ପ୍ରତିକ୍ରିୟା ନେବାରୁ ମାଲିକାନା ଥିବା ବ୍ୟକ୍ତିଙ୍କ ସହ ଆଲୋଚନା ଜାରି ରହିଛି, ଶୀଘ୍ର ରାସ୍ତା ନିର୍ମାଣ ପାଇଁ ସମାଧାନ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି ।

# ଜିଲ୍ଲା ବିଜେପି ସଭାପତି –ଏଡ଼ିଏମ ମାମଲା ଦିନକୁ ଦିନ ଭିନ୍ନ ମୋଡ ନେଉଛି

ରାୟଗଡା,(ସବ୍ୟୁ): କୌଣସି କାରଣରୁ କିଛି ଦିନ ପୂର୍ବେ ଜିଲ୍ଲା ବିଜେପି ସଭାପତି ଓ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ମଧ୍ୟରେ ବାକ୍ ବିନିମୟ ହୋଇଥିଲା । ପରବର୍ତ୍ତି ସମୟରେ ଉଭୟ ପକ୍ଷରୁ ମାମଲା ଥାନାକୁ ଯାଇଥିଲା । ଏବେ ଏହି ମାମଲା ରାଜନେତିକ ଦଳ ଓ ପ୍ରଶାସନିକ ଗୋଷ୍ଠୀ ମଧ୍ୟରେ ମୁକାବିଲା ପରିସ୍ଥିତିକୁ ଯାଇଛି । ରବିବାର ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆଦିବାସୀ ସେଲ ପକ୍ଷରୁ ଗୋପି ଆନନ୍ଦଙ୍କୁ ନେଇ ପୁଣି ଏକ ସାମ୍ବାଦିକ ସମ୍ମିଳନୀ । ବିଜେଡିର ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମରିକାଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା , ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ବ୍ଲକ ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ଜିଲ୍ଲାପରିଷଦ ସଦସ୍ୟା ସନ୍ଧ୍ୟା ପୁଲକା ଉପସ୍ଥିତ ଥିଲେ। ଏହି ସାମ୍ବାଦିକ ସମ୍ମୀଳନୀରେ ଶ୍ରୀ ପୁଅଲା ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ଶନିବାର ରାଜ୍ୟସଭା ସାଂସଦଙ୍କ ପ୍ରେସମିଟକୁ କାଉଣ୍ଟର କରି ବିଜେପି ବିଧାୟକ ପ୍ରାର୍ଥୀ ଯେଉଁ କଥା କହିଥିଲେ ତାକୁ ନିନ୍ଦା କରିବା ସହ ଗୋପି ଆନନ୍ଦ ଯଦି ଚାନ୍ଦା ଆଦାୟ କରିନାହାନ୍ତି ପ୍ରମାଣ ଦିଅନ୍ତୁ ବୋଲି କହିଛନ୍ତି । ସେ ଗୋଟିଏ ରାଜନୀତିକ ଦଳର ସଭାପତି ତାଙ୍କର ଶାଳିନତା ରହିବା ଆବଶ୍ୟକ ରହିଛି। ତେବେ ବିଜେପି କାହିଁକି ଏତେ ଭୟଭୀତ ରହିଛି ବୋଲି କୁହାଯାଇଛି । କାରଣ ଯେଉଁ ଆଦିବାସୀ ଏଡିଏମଙ୍କ ନାମରେ ଯେଉଁ ଧର୍ମାନ୍ତିକରଣ ମାମଲା ରୁଜ୍ଜୁ କରିଛନ୍ତି ତାହା ଭିତ୍ତିହୀନ ଓ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କୁହାଯାଇଛି । ଅପରପକ୍ଷରେ ଏଡିଏମ ନିହାର ରଞ୍ଜନ କହଁର ୨୦୨୩ ମସିହା ଠାରୁ ଏ ପର୍ଯ୍ୟନ୍ତ ନିଜ କାର୍ଯ୍ୟକାଳ ଭିତରେ ପ୍ରମାଣ ସହ କ୍ଷମତା ଅପବ୍ୟବହାରକୁ ନେଇ ସାରା ଓଡିଶା ଉଠୁଛି ପଡୁଛି। ଏନେଇ ଜଣେ ବୁଦ୍ଧିଜୀବୀ ମିଡିଆର ସିଧା ପ୍ରସାରଣର କାର୍ଯ୍ୟକ୍ରମରେ ମତ ରଖିଥିଲେ ଏହାକୁ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ସମାଲୋଚନା କରିଥିଲେ। ଏହା ସହିତ ବ୍ଲକ ଉପାଧ୍ୟକ୍ଷ ହେପୃକା କହିଛନ୍ତି ଯେ ଶାନ୍ତ ରାୟଗଡ଼ ଅଶାନ୍ତ ହୋଇ ଉଠିଛି । ସାମ୍ବାଦିକ ସମ୍ମିଳନୀରେ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।

# ଅଶୋକ ମିଶ୍ର ମେମୋରିଆଲ ଆନ୍ତଃକ୍ଲବ ଫୁଟବଲ ଗୋଲଡେନ କ୍ଲବ ବିଜୟୀ

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ୩ୟ ଅଶୋକ ମିଶ୍ର ମେମୋରିଆଲ ଫୁଟବଲ ପ୍ରତିଯୋଗିତା ସ୍ଥାନୀୟ ୨ୟ ଓ.ଏସ.ଏପି ଷ୍ଟାଡିୟମରେ ୩ୟ ଦିବସରେ ଗୋଲଡେନ କ୍ଲବ ରେଲବାଇ କଲୋନି ଓ ଆଦିବାସୀ କ୍ଲବ ବରମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୋଲଡେନ କ୍ଲବ ୧–୦ ଗୋଲରେ ବିଜୟୀ ହୋଇଛି। ଖେଳକୁ ଶିତଳ ଗୁଡୁମ, ଗିରିଷ ପ୍ରଧାନ,ଅଭିଳାଶ ପ୍ରସାଦ ସାହୁ ଓ ସଂଜୟ ଦାସ ପରିଚାଳନା କରି ଥିଲେ। ଝାରସୁଗୁଡା ଜିଲ୍ଲା କ୍ରୀଡା ସଂଘର କର୍ମକର୍ତାମାନେ ଉପସ୍ଥିତ ଥିଲେ।

# କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ ଦିବସ

ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ କେନ୍ଦୁପାଲି ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି । ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ରାଉତଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ଗଛର ଯତ୍ନ ନେବାର ପ୍ରଣାଳୀ ବିଷୟରେ ଆଲୋଚନା କରିଥିଲେ । ଜଙ୍ଗଲ କ୍ଷୟ ର କାରଣ ଓ ନିରାକରଣ ବିଷୟକୁ ନେଇ କୁଇଜ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷକ ତୁଳସୀରାମ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରି ଚଳିତ ବର୍ଷର ବାର୍ତ୍ତା ଜଙ୍ଗଲ ଓ ଖାଦ୍ୟ ରହିଛି ବୋଲି କହିଥିଲେ । ସମସ୍ତେ ଜଙ୍ଗଲ ସୁରକ୍ଷା କରିବା ସହ ନିଆଁ ଦାଉରୁ ସୁରକ୍ଷା ଦେବା ଓ ନୂତନ ଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ । ଛାତ୍ର ଦେବେନ୍ଦ୍ର ବାଦୀ, ପ୍ରୟାସ ନାଏକ, ଆଦିତ୍ୟ ମହାନନ୍ଦ, ରୁପେଶ ମହାକୁର, ସତ୍ୟମ ନାଏକ, ସମ୍ବିତ ପଧାନ, ସ୍ବୁଜିତ ନାଏକ ସହଯୋଗ କରିଥିଲେ । ଶେଷରେ ସହକାରୀ ଶିକ୍ଷକ ଶମ୍ଭୁପ୍ରସାଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୀର୍ଥଯାତ୍ରା ପୂର୍ବରୁ ୬୮ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ସମ୍ବଲପୁର,(ସବ୍ୟୁ): ସେବା ଭାରତୀ ଓଡ଼ିଶା ପଶ୍ଚିମରେ ଚାଲୁଥିବା ସତସଙ୍ଗ କେନ୍ଦ୍ର ଗୁଡ଼ିକ ଜରିଆରେ ତୀର୍ଥଯାତ୍ରା ପାଇଁ ଚଳିତବର୍ଷ ଯୋଜନା କରାଯାଇଛି । ଆସନ୍ତା ଏପ୍ରିଲ ୧ ତାରିଖରୁ ବଲାଙ୍ଗୀର ଜିଲ୍ଲାର ପୁଡାପଡା, ବରଗଡ଼ ଜିଲ୍ଲାର ବ୍ରାହ୍ମଣୀ ପଠା ଓ କୁସନପୁରି ସତସଙ୍ଗରୁ ୬୮ ଜଣ କାଶୀ ବିଶ୍ୱନାଥ, ଅଯୋଧ୍ୟା ଓ ପ୍ରୟାଗରାଜ ଯାତ୍ରା କରିବେ । ତେବେ ଯାତ୍ରା ପୂର୍ବରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବୁର୍ଲା ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ସଂଜୀବ ମିଶ୍ର, ଡ଼ା. ସତ୍ୟସ୍ୱରୂପ ତ୍ରିପାଠୀ ଓ ଡ଼ା. ସିପନ କୁମାର ନାୟକ ଏହି ଗ୍ରାମ ଗୁଡ଼ିକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସଙ୍ଗେ ସଙ୍ଗେ ଯାତ୍ରା ସମୟରେ ସ୍ୱାସ୍ଥ୍ୟକୁ କେମିତି ଠିକ ରଖିବେ ସେଥିପାଇଁ ପରାମର୍ଶ ମଧ୍ୟ ଦେଇଥିଲେ। ସେବା ଭାରତୀ ପଶ୍ଚିମ ପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ହୃଷୀକେଶ ନାଗଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ କରାଯାଇଥିଲା।

# ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଖାଳ ଦିବସ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ପଖାଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଗୁରୁଜୀ, ଗୁରୁମା, ସଂଘ ପରିବାର, ତପସ୍ୱିନୀ ପରିବାର ମାତୃଶକ୍ତି, ତଥା ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ଯୋଗଦେଇ ସାମୁହିକ ପଖାଳ ସେବନ କରିଥିଲେ । ଏହି ଅବସରରେ ଆୟୋଜିତ ସମାବେଶରେ ଅତିଥି ଭାବେ ଜିଲ୍ଲା ସଂଘ ଚାଳକ ସୂର୍ଯ୍ୟକାନ୍ତ ଦଳବେହେରା, ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାସ, ପରିଚାଳନା ସଭାପତି ଟଙ୍କଧର ସାହୁ ପ୍ରମୁଖ ପଖାଳ ଦିବସ ପାଳନ ସମ୍ପର୍କରେ ଆଲୋକପତ କରିଥିଲେ ।

# ଜଳ ସଂରକ୍ଷଣ, ପ୍ରଦୂଷଣ ନିୟନ୍ତ୍ରଣ ନେଇ ସଚେତନତା

ବଲାଙ୍ଗିର,(ସବ୍ୟୁ): ବାଲାଜୀ ନର୍ସିଂ କଲେଜ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ , ବଲାଙ୍ଗିରର ମିଳିତ ସହଯୋଗରେ, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ନେଇ ସଚେତନତା ବୃଦ୍ଧି କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ବିଶ୍ୱ ଜଳ ଦିବସକୁ ସଫଳତାର ସହିତ ପାଳନ କରାଯାଇଥିଲା । ୨୨ ମାର୍ଚ୍ଚ ୨୦୨୫ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରୋଟାରିଆନ ବିଷ୍ଣୁ ପ୍ରସାଦ କେଡିଆ, ସହକାରୀ ପରିବେଶ ବୈଜ୍ଞାନିକ ସ୍ୱାଗତ ଆନନ୍ଦ ପଟେଲ, ସହକାରୀ ପରିବେଶ ଇଞ୍ଜିନିୟର ମିସ୍ ତାରାଶ ଏମ୍. ମୁର୍ମୁ ଯୋଗଦାନ କରିଥିଲେ । ନର୍ସିଂ ଛାତ୍ରମାନଙ୍କୁ ଦାୟିତ୍ୱପୂର୍ଣ୍ଣ ଜଳ ବ୍ୟବହାରଏବଂ ଜଳ ପ୍ରଦୂଷଣର ପ୍ରତିକୂଳ ପ୍ରଭାବ ବିଷୟରେ ଶିକ୍ଷା ଦେବା ଉପରେ କେନ୍ଦ୍ରିତ ଥିଲା। ବକ୍ତାମାନେ ପାରମ୍ପରିକ ଜଳାଶୟ ଗୁଡ଼ିକୁ ସୁରକ୍ଷା ଦେବା ଏବଂ ଏହାର ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। । ଶ୍ରୀ କେଡିଆ ଏହି ପ୍ରସଙ୍ଗରେ ଏକ ସାମାଜିକ ଦୃଷ୍ଟିକୋଣ ପ୍ରଦାନ କରିଥିଲେ।

# କଂଗ୍ରେସର ୨୭ ମାର୍ଚ୍ଚ ବିଧାନସଭା ଘେରାଓ

ନୂଆପଡ଼ା,(ସବ୍ୟୁ): କଂଗ୍ରେସ ଅଭିଯୋଗ କରିଛି ଯେ ରାଜ୍ୟରେ ନାରୀ ନିର୍ଯାତନା ଘଟଣା ବୃଦ୍ଧି ପାଇଛି । ଏହାକୁ ପ୍ରତିବାଦ କରି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଆହୁତ ଏକ ସାମ୍ବାଦିକ ସମ୍ମିଳନୀ ନୂଆପଡ଼ାସ୍ଥିତ ଏକ ସ୍ଥାନରେ ଆୟୋଜିତ ହୋଇଥିଲା । ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁରେଶ ଆଜାଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ନୂଆପଡ଼ା ଜିଲ୍ଲା କଂଗ୍ରେସ ପର୍ଯ୍ୟବେକ୍ଷକ ମୁରଲୀଧର ନାଏକ, ଘାସିରାମ ମାଝି, ଭରତ ଲାଲ ରାଉତ, ଦେବଦତ୍ତ ଦୀକ୍ଷିତ, ସାହରୁଖ ଖାନ, ପାଶା ମହାନନ୍ଦ, ଆଲୋକ ଗୁରୁ, ସୌରଭ ଚନ୍ଦ୍ରକାର, ମୋତି ରାୱାଲ, ପ୍ରମୁଖ କଂଗ୍ରେସ କର୍ମି ଉପସ୍ଥିତ ଥିଲେ। ପ୍ରତିଦିନ ରାଜ୍ୟରେ ନାରୀଙ୍କ ଉପରେ ଅକଥନୀୟ ନିର୍ଯାତନା ଅତ୍ୟାଚାର ବଢ଼ିବାରେ ଲାଗିଛି। ନାବାଳିକା ଆଦିବାସି ଓ ଦଳିତ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରୁଛନ୍ତି । ତଥାପି ରାଜ୍ୟ ସରକାର ନିଦା ବିଷ୍ଣୁ ସାଜିଛନ୍ତି। ଏହାକୁ ବିରୋଧ କରି ୨୭ ମାର୍ଚ୍ଚ ୨୦୨୫ ରେ ବିଧାନ ସଭା ଘେରାଉ କରାଯିବ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରୀ ଆଜାଦ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଆହୁରି ବିସ୍ତୃତ ରୁପେ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ନାଏକ ପ୍ରକାଶ କରିଥିଲେ ।

# ମୁକ୍ତ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମରେ କବିତା ପଢ଼ିଲେ ୧୫ ଦେଶର କବି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ ଅବସରରେ ଆଭାସୀ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା।

ଦେଶର ପ୍ରଥମ ମୁକ୍ତ ବିଶ୍ୱବିଦ୍ୟାଳୟ ଭାବରେ ସାହିତ୍ୟ, ସଂସ୍କୃତି ଓ ବୌଦ୍ଧିକ ଭାବ ବିନିମୟକୁ ବିଶ୍ୱସ୍ତରରେ ଉତ୍ସାହିତ କରିବା ପାଇଁ ଏହି କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ସାଂସ୍କୃତିକ ବିବିଧତାକୁ ଆଧାର କରି ଶାନ୍ତି, ଅର୍ନ୍ତଭୁକ୍ତିକରଣ ଓ ସାମାଜିକ ରୂପାନ୍ତରିକରଣ ସହିତ ମାନବୀୟ ସ୍ନେହ ଓ ଏକତା ପ୍ରଦର୍ଶନ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏନଏଏସିର ଅଧ୍ୟକ୍ଷ ଅନୀଲ ଡି. ସହସ୍ରବୁଦ୍ଧେ ଏଥିରେ ମୁଖ୍ୟଅତିଥି, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଏବଂ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଉଦ୍‌ବୋଧନ ଦେଇଥିଲେ। ବୀର୍‌ଲ୍ୟାଣ୍ଡ ଷ୍ଟେଟର ପ୍ରଧାନମନ୍ତ୍ରୀ ଇଡ଼େନ୍ ଏସ୍ ତ୍ରିନିଦାଦ୍, ହଲିଉଡ଼ ଅଭିନେତ୍ରୀ ହେଲୋନ କୋରଡ଼ନାଙ୍କ ସହିତ ଫିଲିପାଇନ୍ସ, ଇଟାଲି, ବ୍ରିଟିଶ କଲମ୍ବିଆ, କାନାଡ଼ା, ଟ୍ୟୁନିସିଆ, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଲେବାନନ୍, ଆଫ୍ରିକା, ପୁର୍ଟୋରିକୋ, ବାଂଲାଦେଶ, ଗ୍ରୀସ୍, ମରିସସ୍ ସହିତ ଭାରତର ସୁଦୀପ୍ତୋ ଚାଟାର୍ଜୀ, ସହିଲେନ୍ଦ୍ର କପିଲ, ସୁଦର୍ଶନ କେଚେରେ, ନିଶା ମୋଦ୍‌ଗରେ, ନୀଳମ୍ ସକ୍‌ସେନା, ପ୍ରଦୀପ ବିଶ୍ୱାଳ (ଆଇଏଏସ୍), ଅମୃତ କୋଶି, ରାମକୃଷ୍ଣ ପେରୁଗୁ , ରମାକାନ୍ତ ଦାଶ , ରାଜେନ୍ଦ୍ର ପାଢ଼ୀ ପ୍ରମୁଖ କବିତା ପାଠ କରିଥିଲେ।

# କୋକସରା : ବାଏପାସ ରାସ୍ତା ଦାବି ନେଇ ଏନଏଚ ଅଧିକାରୀଙ୍କୁ ଦାବିପତ୍ର

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ସଦର ମହକୁମା କୋକସରା ସହର ଦେଇ ବାଏପାସ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି । ୨୬ ନମ୍ବର ଜାତୀୟ ରାଜପଥ ଉପରେ କୋକସରା ବ୍ଲକ୍ ମହକୁମା ରହିଛି। ଜାତୀୟ ରାଜପଥ ରାସ୍ତା ଉଭୟ କଡ଼ରେ ଅନେକ ସରକାରୀ କାର୍ଯ୍ୟାଳୟ ଯଥା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ଜେଏମଏଫସି କୋର୍ଟ, ଅନେକ ଶିକ୍ଷାନୁଷ୍ଠାନ, ବସଷ୍ଟାଣ୍ଡ ସମେତ ଦୋକାନ ବଜାର ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକ ରହିଛି । ବୋରିଗୁମ୍ମାରୁ ବରଗଡ଼କୁ ସଂଯୋଗ କରୁଥିବା ୨୬ ନମ୍ବର ଜାତୀୟ ରାଜପଥରେ ଦିବାରାତ୍ରୀ ୨୪ ଘଣ୍ଟା ହଜାର ହଜାର ସଂଖ୍ୟାରେ ଗାଡି ଚଳାଚଳ କରୁଛି । ଫଳରେ ସାଧାରଣ ଜୀବନଯାତ୍ରା ଓ ଯାତାୟାତ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଛି । ଏଣୁ କୋକସରା ବାହାର ଦେଇ ଏକ ବାଏପାସ ରାସ୍ତା ନିର୍ମାଣ ହେଲେ ସାଧାରଣ ଲୋକ ଉପକୃତ ହେବେ। ଏନେଇ କୋକସରା ସଚେତନ ନାଗରିକ ପକ୍ଷରୁ ଏକ ଦାବିପତ୍ର ଜାତୀୟ ରାଜପଥ ସାଧାରଣ ପରିଚାଳକଙ୍କୁ ପ୍ରଦାନ କରାଯାଇଛି। କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ମଧ୍ୟ ମେଲ ଜରିଆରେ ଚିଠି କରାଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ସଚେତନ ନାଗରିକ ମଞ୍ଚର ଶ୍ରୀନିବାସ ପ୍ରଧାନୀ, ହିମାଂଶୁ ଭୂଷଣ ଦାସ, ଅନୀଲ କୁମାର ପ୍ରଧାନୀ, ତ୍ରିଭୁବନ ନାଏକ, ଭୁଜରାଜ ମାଝୀ, ଉମେଶ ଚନ୍ଦ୍ର ପ୍ରଧାନୀ, କାମଦେବ ଧଙ୍ଗଡାମାଝୀ, ଅତୁଳ୍ୟ ପ୍ରଧାନୀ, ଲକ୍ଷ୍ମୀ ନାରାୟଣ ପ୍ରଧାନୀ, କମଳାକାନ୍ତ ଚିନ୍ଦା, ନରେନ୍ଦ୍ର ନାଏକ, ପ୍ରେମଲାଲ ସିଂ, ପ୍ରମୋଦ କୁମାର ବେହେରା ସମେତ ଶତାଧିକ ଲୋକଙ୍କ ଦସ୍ତଖତ ଥିବା ଏହି ଦାବିପତ୍ରରେ ଅନୁରୋଧ କରାଯାଇଛି ।

# ଡିଏଭିର ସ୍ଥାପନା ଦିବସ ପାଳିତ ଆୟୋଜିତ ହେଲା ପଞ୍ଚକୁଣ୍ଡୀୟ ହୋମଯଜ୍ଞ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଡିଏଭିର ୨୭ ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପରିସରରେ ପଞ୍ଚକୁଣ୍ଡୀୟ ହୋମଯଜ୍ଞ କରାଯାଇଥିଲା ।ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ୨୭ ତମ ସ୍ଥାପନା ଦିବସ ଉତ୍ସବରେ କୁଚିଣ୍ଡା କୁନ୍ତରା ଆଶ୍ରମ ଦାୟିତ୍ୱରେ ଥିବା ତଥା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଉତ୍ତର ଦାୟିତ୍ୱରେ ଥିବା ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଧାତ୍ମିକତା, ପୌଷ୍ଟିକ ଆହାର, ରାଷ୍ଟ୍ରପ୍ରେମ, ନୈତିକ ମୂଲ୍ୟବୋଧ ଆଦି ସନ୍ଦର୍ଭରେ ମୂଳମନ୍ତ୍ର ଦେଇଥିଲେ । ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ସହ ସମ୍ମାନିତ କରାଯାଇଥିଲା । ବିଶ୍ୱଶାନ୍ତି ଓ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା ଲାଗି ଆୟୋଜିତ ପଞ୍ଚକୁଣ୍ଡୀୟ ହୋମଯଜ୍ଞରେ ଅଧ୍ୟକ୍ଷ ଶ୍ରୀ ପଣ୍ଡାଙ୍କ ସମେତ ସହଧର୍ମିଣୀ ପୁଷ୍ପାଞ୍ଜଳି ପଣ୍ଡା, ପ୍ରତିଷ୍ଠା ସଭ୍ୟ ଓମପ୍ରକାଶ ଅଗ୍ରୱାଲ, ପରିଚାଳନା ସମିତି ସଭ୍ୟ ତାପସ କୁମାର ରାୟ ଚୌଧୁରୀ, ରେଖା ରାୟ ଚୌଧୁରୀ, ଗୌରୀଶଙ୍କର ତିୱାରୀ, ସମିତି ସଭ୍ୟ ସୋନାଲ ସାକୁନିଆ, ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଅଧ୍ୟାପିକା ମନ୍ଦାକିନୀ ଶତପଥୀ ପ୍ରମୁଖ ଯୋଗଦାନପୂର୍ବକ ଯଜ୍ଞାହୁତି ଦେଇଥିଲେ । ଡ. ମଞ୍ଜୁଶ୍ରୀ ବେହୁଲା ଓ ଅଞ୍ଜଳି ବାଲସୁବ୍ରମନ୍ୟନ ସଭା ସଞ୍ଚାଳନ କରିଥିବା ବେଳେ ରାହାସ ବିହାରୀ ଦାଶ, ନୀଳିମା ପଟେଲ, ଅକ୍ଷୟ ପାଣି, ମନିଷା ଚାନ୍ଦ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସମାରୋହରେ ସହଯୋଗ କରିଥିଲେ ।

## ଜୁନାଗଡ଼–ନବରଙ୍ଗପୁର ରେଳଲାଇନ ପ୍ରକଳ୍ପ ଚିଠାରେ ଧର୍ମଗଡ ବାଦ୍ ପଡ଼ିବା ନେଇ ଅସନ୍ତୋଷ

# କ୍ରିୟାନୁଷ୍ଠାନ କମିଟିର ଜରୁରୀ ବୈଠକ



ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରେ ପ୍ରସ୍ତାବିତ ଜୁନାଗଡ–ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱାକ୍ଷର ଥିବା ଏକ ଚିଠିର କପି ପଦାକୁ ଆସିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଗଡରେ ରେଳଷ୍ଟେସନ ହେଉନାହିଁ ଏହାଏଥିରୁ ସ୍ପଷ୍ଟ ହୋଇଯାଇଛି। ଏନେଇ ଧର୍ମଗଡ କ୍ରିୟାନୁଷ୍ଠାନ କମିଟିର ଆବାହକ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡକୁ ରେଲ ଲାଇନ୍ ସମ୍ପ୍ରସାରଣ ନହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ଦିଗାମ୍ବର ଦୁରିଆ, ସୁମନ୍ତ କୁମାର ପଣ୍ଡା, ପ୍ରସନ୍ନ କୁମାର ଅଗସ୍ତି, ନାଗରିକ ସଂଘର ଡମ୍ବରୁ ଧର ଲହଜଲ,ବିଘ୍ନରାଜ ପାଟ୍ଟଯୋଶୀ, ସୁନିଲ କୁମାର ପାତ୍ର, ଜଗନ୍ନାଥ ସେବା ସମିତିର ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଚେମ୍ବର ଅଫ କମର୍ସର ସଭାପତି ବିଦ୍ୟାଧର ସାହୁ, ସଂପାଦକ ଅରୁଣ କୁମାର ତାୟଲ, ବିକାଶ ମେହର, ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ବିଶ୍ ରଞ୍ଜନ ପାତ୍ର, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଡାକେଶ୍ୱର ଲହଜଲ, ସିତୁନ କୁମାର ମେହେର, ସୁଶାନ୍ତ କୁମାର ପାଢ଼ୀ, ହେମନ୍ତ କୁମାର ପଣ୍ଡା, ଚନ୍ଦନ କୁମାର ପାତ୍ର, ବଙ୍କିମ ସାଗର ସମେତ ବହୁ ବୁଦ୍ଧିଜୀବୀ ବୈଠକରେ ଯୋଗଦେଇ ଧର୍ମଗଡକୁ ରେଳପଥ ସମ୍ପ୍ରସାରଣ ନହେଲେ ଆଗକୁ ଦୁର୍ବାର ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଧର୍ମଗଡ କ୍ରିୟାନୁଷ୍ଠାନ କମିଟି କଳାହାଣ୍ଡି ସାଂସଦ ମାଳବିକା ଦେଓ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀଙ୍କୁ ଭେଟି ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ପୂର୍ବତନ କେନ୍ଦ୍ର ରେଲ ମନ୍ତ୍ରୀ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ମଧ୍ୟ ଭେଟି ଧର୍ମଗଡକୁ ରେଳପଥ ସମ୍ପ୍ରସାରଣ ନେଇ ସହଯୋଗ ପାଇଁ ଅନୁରୋଧ କରାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ପ୍ରକାଶ ଯୋଗ୍ୟ ଯେ,ଜୁନାଗଡ଼ ରୋଡ–ନବରଙ୍ଗପୁର ସ୍ୱତନ୍ତ୍ର ରେଳପଥ ପ୍ରକଳ୍ପରେ ଧର୍ମଗଡ ରୋଡ ଷ୍ଟେସନ ସହରରୁ ଅଳ୍ପ ଦୂରରେ ସ୍ଥାପନ ପାଇଁ ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ହସ୍ତକ୍ଷେପ ଲୋଡ଼ି ଚିଠି ଲେଖିଛନ୍ତି।

ଜୁନାଗଡ–ନବରଙ୍ଗପୁର ୧୧୬.୨୧ କିମି ରେଳଲାଇନ ଜମି ଅଧିଗ୍ରହଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିବା ବିଭାଗୀୟ ସୂତ୍ରରୁ ସୂଚନା ଦିଆଯାଇଛି। ଜମି ଅଧିଗ୍ରହଣ ନୋଟିସରେ ଜୁନାଗଡ ବ୍ଲକ ଓ କୋକସରା ବ୍ଲକର ଅଧିକାଂଶ ଜମି ଅଧିଗ୍ରହଣ ହେଉଥିବା ବେଳେ ଧର୍ମଗଡ ବ୍ଲକର ବିରାମାଲ ଗାଁର କେବଳ ୧.୫୩୬ ଏକର ଜମିଅଧଗ୍ରହଣ କରୁଥିବା ଜଣାପଡିଛି। ଏତକ ଜମି ରେଳ ଷ୍ଟେସନ ପାଇଁ ମଧ୍ୟ ଯଥେଷ୍ଟ ହେବନାହିଁ। ଏଥିରୁ ଏହା ମଧ୍ୟ ଅସ୍ପଷ୍ଟ,ପ୍ରକୃତରେ ଏହି ନୂତନ ରେଳ ଲାଇନ୍ ଧର୍ମଗଡ଼ ବ୍ଲକକୁ ସଂଯୋଗ କରିବ ନା ନାହିଁ । ଯାହାକି ଅଞ୍ଚଳବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରୁଛି। ଧର୍ମଗଡ ରୋଡ ଷ୍ଟେସନ ଧର୍ମଗଡ଼ରେ ନୁହେଁଅନ୍ୟ କେଉଁଠି ହେଉଥିବା ଏଥିରୁ ଆପାତଃତ ସ୍ପଷ୍ଟ ହେଉଛି। ଏହାକୁ ନେଇ ଏବେ ପୁଣି ଥରେ ଧର୍ମଗଡ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛିଛ ଆଗାମୀ ଦିନରେ ଧର୍ମଗଡକୁ ରେଳଲାଇନ ସଂଯୋଗ ଦାବିରେ ରେଳ ଉପଭୋକ୍ତା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆବାହକ ବରିଷ୍ଠ ଆଇନଜୀବୀ ତୁଷାରରଞ୍ଜନ ପାଟ୍ଟଯୋଶୀ କହିଛନ୍ତି।

# ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ମାରକୀ ଫୁଟବଲ ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୩ ତମ ଜୟନ୍ତୀ ସମାରୋହ ଅବସରରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ୍‌ରେ ରବିବାର ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ରାଜେନ୍ଦ୍ର ନାରାୟଣ ସିଂହଦେଓ ଫ୍ୟାନ୍ କ୍ଲବ ପକ୍ଷରୁ ଆୟୋଜିତ ଏହି ମ୍ୟାଚ୍ ର ଉଦ୍ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବରେ ପୌରାଧ୍ୟକ୍ଷା ଲିକା ସାହୁ , ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ, କମିଟି ସଭାପତି ପ୍ରଭାସ ପାଣିଗ୍ରାହୀ, ଡ.ଶ୍ରୀକର ମିଶ୍ର, ଦେଓଗାଁ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଓ କାଉନସିଲର ମାନେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଭାବଗ୍ରାହୀ ରଥ ଓ ରାଜେନ୍ଦ୍ର କଲେଜର ଅବସର ପ୍ରାପ୍ତ ପି ଇ ଟି ଶୁଭ୍ରାଂଶୁ ଶେଖର ଅମାତ ଙ୍କୁ ବିଧାୟକ କଳିକେଶ ସମ୍ମାନିତ କରିଥିଲେ। ଉଦ୍ଘାଟନୀ ମ୍ୟାଚଟି ସୋନପୁର ଏବଂ ପଦ୍ମପୁର ବୋଡାସମ୍ବର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ମଧ୍ୟରେ ସୋନପୁର ଦଳର ଖେଳାଳୀ ମିଥୁନ ସାହୁ ଏକ ଗୋଲ ଦେଇ ଦଳକୁ ଆଗେଇ ନେଇଥିଲେ । ସୋନପୁର ଦଳ ୧– ୦ ଗୋଲରେ ବିଜୟୀ ହୋଇଥିଲା । ମ୍ୟାଚ୍ କୁ ହେମନ୍ତ ବେହେରା ଓ ଶରତ ନନ୍ଦ ପରିଚାଳନା କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୩/୩୩)

-କ୍ଷେତ୍ର-କ୍ଷେତ୍ରଜ୍ଞ ବିଭାଗଯୋଗଃ-

(ଶ୍ରୀଭଗବାନୁବାଚ )

**ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।**
**କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ।।୩୩।।**

ହେ ଭାରତ ! ଯେପରି ଏକମାତ୍ର ସୂର୍ଯ୍ୟ ସମଗ୍ର ବ୍ରହ୍ମାଣ୍ଡକୁ ପ୍ରକାଶ କରିଛନ୍ତି, ସେହିପରି କ୍ଷେତ୍ରୀ (ପରମାତ୍ମା) ଏକାକୀ ଦେହ-ସମୁଦାୟକୁ ପ୍ରକାଶିତ କରନ୍ତି ।।୩୩।।

# ସ୍ୱାର୍ଥରୁ ବିବାଦ...ଯୁଦ୍ଧ

ସମ୍ପାଦକୀୟ

ପୁଣି ଯୁଦ୍ଧ । ୧୫ ମାସର ଅନ୍ତରାୟ ପରେ, ପୁଣି ଥରେ ଯୁଦ୍ଧର ଭୟାଭୟତା । ଇସ୍ରାଏଲ ଆକ୍ରମଣରେ ଶତାଧିକ ଲୋକଙ୍କ ମୃତ୍ୟୁ...ଅନେକ ଆହତ...ପୁଣି ବିସ୍ଥାପିତ । ଅକ୍ଟୋବର ୭ ତାରିଖ ୨୦୨୩ ରେ ଇସ୍ରାଏଲ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ପରଠାରୁ, ଇସ୍ରାଏଲ ଓ ହାମାସ ମଧ୍ୟରେ ହେଉଥିବା ଯୁଦ୍ଧରେ ଧ୍ୱଂସବିଧ୍ୱସ୍ତ ହେଇଯାଇଛି ଗାଜା । ୬୦ ହଜାରରୁ ଉର୍ଦ୍ଧ୍ୱ ଗାଜାବାସୀଙ୍କ ମୃତ୍ୟୁ ହେଉଥିବା ବେଳେ ୭ ହଜାରରୁ ଉର୍ଦ୍ଧ୍ୱ ଇସ୍ରାଏଲବାସୀ ମୃତ୍ୟୁବରଣ କରିଛନ୍ତି । ଲକ୍ଷାଧିକ ଆହତ ହେଇଛନ୍ତି, ବିସ୍ଥାପିତଙ୍କ ହିସାବ ନାହିଁ କହିଲେ ଚଳେ । ଜାତିସଂଘର ମାନବିକ ବ୍ୟାପାର ସମନ୍ୱୟ କାର୍ଯ୍ୟାଳୟ (OCHA), ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ପାଲେଷ୍ଟାଇନ ସରକାରଙ୍କ ସଦ୍ୟତମ ତଥ୍ୟ ଅନୁଯାୟୀ, ଜାନୁଆରୀ ୧୫ ତାରିଖ ସୁଦ୍ଧା ଇସ୍ରାଏଲୀ ଆକ୍ରମଣରେ, ଗାଜାର ପ୍ରାୟ ସମସ୍ତ ଘର ଉଣାଅଧିକେ ଭାଙ୍ଗିରୁଜି ଯାଇଛି ବା ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଛି, ୮୦ ପ୍ରତିଶତ ବାଣିଜ୍ୟିକ ସୁବିଧା ବା ଅନୁଷ୍ଠାନ ଧ୍ୱଂସ ହେଇଯାଇଛି, ୮୮ ପ୍ରତିଶତ ସ୍କୁଲ ଭିତ୍ତିଭୂମି ଭୁଶୁଡି ପଡିଛି, ସ୍ୱାସ୍ଥ୍ୟସେବା ସୁବିଧା କ୍ଷେତ୍ରରେ ୫୦ ପ୍ରତିଶତ ହସ୍ପିଟାଲ ଆଂଶିକ ଭାବରେ କାର୍ଯ୍ୟକ୍ଷମ ଥିବାବେଳେ ୬୮ ପ୍ରତିଶତ ରାସ୍ତା ନେଟୱାର୍କ ନଷ୍ଟ ହେଇଯାଇଛି । ଏହା ହିଁ ଯୁଦ୍ଧ ପରର ଦୃଶ୍ୟ । ଜାନୁଆରୀ ମାସରେ କାର୍ଯ୍ୟକାରୀ ହେଇଥିବା କଷ୍ଟ ଲବ୍ଧ ଯୁଦ୍ଧବିରତି, ଉଭୟ ଗାଜା ଓ ଇସ୍ରାଏଲବାସୀଙ୍କ ମୁହଁରେ ଟେନାଏ ହସ ଆଣିଦେଇଥିଲା ଏବଂ ଧ୍ୱଂସସ୍ତୁପକୁ ପୁଣି ଥରେ ସଜାଡ଼ିବା ଆରମ୍ଭ କରିଥିଲେ ଗାଜାବାସୀ, ସ୍ୱପ୍ନ ଦେଖିଥିଲେ, ପୁଣି ଥରେ ସଂସାର ଓ ସମାଜ ଗଢିବା ପାଇଁ...କିନ୍ତୁ ସବୁ ଓଲଟପାଲଟ ହେଇଗଲା । ମଙ୍ଗଳବାର ପ୍ରତ୍ୟୁଷରେ ଇସ୍ରାଏଲ ଏକ ଅତର୍କିତ ବୋମାମାଡ଼ ସହିତ ଯୁଦ୍ଧ ପୁନର୍ବାର ଆରମ୍ଭ ହେଇଥିଲା ଯେଉଁଥିରେ ଶହ ଶହ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଥିଲା, ଯୁଦ୍ଧବିରତି ଶେଷ ହୋଇଥିଲା ଏବଂ ଯଦି ହାମାସ ତାର ଅବଶିଷ୍ଟ ବନ୍ଧକମାନଙ୍କୁ ମୁକ୍ତ ନ କରେ ଏବଂ ଅଞ୍ଚଳ ଛାଡି ନ ଯାଏ ତେବେ ଆକ୍ରମଣ ଆହୁରି ଜୋର୍‌ଦାର ହେବ ବୋଲି ଇସ୍ରାଏଲ ଧମକ ଦେଇଛି । କ୍ରମେ ଗାଜା ଷ୍ଟ୍ରିପରେ ଇସ୍ରାଏଲର ଏହି ସାମରିକ ଆକ୍ରମଣ ପୂର୍ବ ଅପେକ୍ଷା ଆହୁରି ମାରାତ୍ମକ ଏବଂ ବିଧ୍ୱଂସକାରୀ ହେବାରେ ଲାଗିଛି । ଗାଜା ଯୁଦ୍ଧବିରତି ଆଲୋଚନାରେ ଅଚଳାବସ୍ଥା ଏକ ସଂଘର୍ଷର ଭୟଙ୍କର ବାସ୍ତବତାକୁ ସ୍ପଷ୍ଟ କରେ ଯେଉଁଠାରେ ମାନବିକ ବିଚାର ରାଜନୈତିକ ଲାଭ ତୁଳନାରେ ଗୌଣ ହେଇଯାଇଛି । ଯୁଦ୍ଧବିରତିକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ପରେ ପ୍ରସ୍ତାବ ଆସିବାରେ ଲାଗିଛି, କିନ୍ତୁ ଇସ୍ରାଏଲ ଏବଂ ହାମାସ ଉଭୟ ପ୍ରମୁଖ ଦାବିଗୁଡ଼ିକ ଉପରେ ଆପୋଷ ବୁଝାମଣା କରିବାକୁ ରାଜି ନ ହେବା, ଏକ ଗଭୀର ସମସ୍ୟାକୁ ପ୍ରତିଫଳିତ କରେ । ବର୍ତ୍ତମାନର ଅଚଳାବସ୍ଥା ମାସ ମାସ ଧରି ଯୁଦ୍ଧ ଦ୍ୱାରା ବିଧ୍ୱସ୍ତ ଲକ୍ଷ ଲକ୍ଷ ନାଗରିକଙ୍କ ଯନ୍ତ୍ରଣାକୁ ଆହୁରି ବୃଦ୍ଧି କରିଦେଇଛି । ଯୁଦ୍ଧବିରତିର ସ୍ଥାୟୀ ପାଇଁ ଆମେରିକାର ମଧ୍ୟସ୍ଥତା ପ୍ରୟାସ ଏକ ଅସ୍ଥାୟୀ ଜୀବନରେଖା ପ୍ରଦାନ କରିଥିଲା । ଏହି ପ୍ରସ୍ତାବର ଲକ୍ଷ୍ୟ ଥିଲା ଅବଶିଷ୍ଟ ବନ୍ଧକ ଓ ବନ୍ଦୀମାନଙ୍କୁ ମୁକ୍ତ କରିବା ଏବଂ ଗାଜାର ବିଚ୍ଛିନ୍ନ ଭୂଖଣ୍ଡରେ ମାନବିକ ସହାୟତା ପହଞ୍ଚାଇବା । ଦୁଇଟି ପ୍ରମୁଖ ପ୍ରସଙ୍ଗ ସମାଧାନରେ ପ୍ରତିବନ୍ଧକ ସାଜିଛି -ଗାଜାରେ ଇସ୍ରାଏଲର ସାମରିକ ଉପସ୍ଥିତି ଏବଂ ବନ୍ଧକ ଓ ବନ୍ଦୀମାନଙ୍କ ମୁକ୍ତି ସର୍ତ୍ତାବଳୀ । ହାମାସ ଇସ୍ରାଏଲରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ଦାବି କରୁଛି, ଯେତେବେଳେ ଇସ୍ରାଏଲ ଏହାର ନିରନ୍ତର ଅବରୋଧ ଏବଂ ସାମରିକ ଅଭିଯାନ ମାଧ୍ୟମରେ ଚାପ ବଜାୟ ରଖିବା ପାଇଁ ଜିଦ୍ ଧରିଛି । ପ୍ରତ୍ୟେକ ପକ୍ଷ ଅନ୍ୟ ପକ୍ଷକୁ ଦୋଷାରୋପ କରିବାରେ ଲାଗିଛନ୍ତି ଏବଂ ଉଭୟ ବିଶ୍ୱାସ କରୁଛନ୍ତି ଯେ ସମୟ ସେମାନଙ୍କର ପ୍ରତିକୂଳ ସ୍ଥିତିକୁ ମଜବୁତ କରିବ । ଦୁଃଖର କଥା ହେଉଛି ଯେ ଗାଜାର ଲୋକମାନେ, ଯେଉଁମାନଙ୍କ ମଧ୍ୟରୁ ଅନେକ ବହୁବାର ବିସ୍ଥାପିତ ହେଇସାରିଛନ୍ତି, ଏହି ଭୂ-ରାଜନୈତିକ ଅଚଳାବସ୍ଥାରେ ଫସି ରହିଛନ୍ତି । ୯୦ ପ୍ରତିଶତରୁ ଅଧିକ ଘର କ୍ଷତିଗ୍ରସ୍ତ କିମ୍ବା ନଷ୍ଟ ହୋଇଯାଇଥିବା ଏବଂ ପାଣି, ବିଦ୍ୟୁତ ଓ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକୀୟ ସେବାର ଅଭାବ, ମାନବିକ ସଙ୍କଟକୁ ଭୟଙ୍କର ସ୍ତରରେ ପହଞ୍ଚାଇଦେଇଛି । ଯୁଦ୍ଧଗ୍ରସ୍ତ ଅଞ୍ଚଳରେ, ମାନବିକ ସହାୟତାର ପ୍ରବେଶ, ପ୍ରାୟତଃ ଯୁଦ୍ଧବିରତିର ସ୍ଥିତି ସହିତ ଜଡିତ । ରାଜନୈତିକ ନେତାମାନେ ନିଜ ଜିଦ୍‌ରେ ଅଟଳ ରହୁଥିବାବେଳେ ବା ପରସ୍ପର ମଧ୍ୟରେ ଯୁଦ୍ଧକୁ ନେଇ ବିତର୍କ କରୁଥିବାବେଳେ, ଯୁଦ୍ଧର ଭୟାଭୟତା ବଢି ଚାଲିଥିବାବେଳେ, ନିର୍ଦ୍ଦୋଷ ସାଧାରଣ ନାଗରିକମାନ କ୍ଷୁଧା, ରୋଗ ଏବଂ ବିସ୍ଥାପନ ସହିବାକୁ ବାଧ୍ୟ ହେଉଛନ୍ତି । କଥା ହେଲା, ଉଭୟ ଉଭୟଙ୍କ ଜିଦରେ ଅଟଳ ଅଛନ୍ତି, କିନ୍ତୁ ବଢୁଥିବା ମାନବିକ ସମସ୍ୟା ପାଇଁ କେହି ବି ଗୁରୁତ୍ୱ ଦେଉନାହାନ୍ତି । ଉଭୟ ପକ୍ଷ ବନ୍ଧକ ଏବଂ ମାନବିକ ସହାୟତାକୁ ବିତର୍କ ପାଇଁ ବ୍ୟବହାର କରି ଚାଲିଛନ୍ତି, କିନ୍ତୁ ଦୁଃଖର କଥା, ଦୀର୍ଘକାଳୀନ ସମାଧାନ ପାଇଁ ଇଚ୍ଛୁକ ନୁହନ୍ତି ବୋଲି ମନେହୁଏ । ଆହୁରି ଖରାପ କଥା ହେଉଛି, ଅର୍ଥପୂର୍ଣ୍ଣ ଆଲୋଚନାର ଅଭାବ କେବଳ ଅସନ୍ତୋଷ ଏବଂ ମୌଳିକୀକରଣକୁ ଇନ୍ଧନ ପ୍ରଦାନ କରୁଛି, ଯାହା ଭବିଷ୍ୟତର ଆଲୋଚନାକୁ ଆହୁରି କଷ୍ଟକର କରିଚାଲିଛି । ବର୍ତ୍ତମାନର ଯୁଦ୍ଧବିରତି ଡାଞ୍ଚା ସୁଯୋଗର ଏକ ସଂକୀର୍ଣ୍ଣ ରାସ୍ତା ପ୍ରଦାନ କରେ । ଆଲୋଚନାକାରୀମାନେ ସର୍ବାଧିକ ରାଜନୈତିକ ଲକ୍ଷ୍ୟ ଅପେକ୍ଷା ସାଧାରଣ ନାଗରିକଙ୍କ ତୁରନ୍ତ କଲ୍ୟାଣକୁ ପ୍ରାଥମିକତା ଦେଉଥିବା ହାସଲଯୋଗ୍ୟ, କ୍ରମବର୍ଦ୍ଧିଷ୍ଣୁ ପଦକ୍ଷେପ ଉପରେ ଧ୍ୟାନ ଦେବା ଉଚିତ । ଉଦାହରଣ ସ୍ୱରୂପ, ନିରପେକ୍ଷ ପକ୍ଷମାନଙ୍କ ଦ୍ୱାରା ତଦାରଖ କରାଯିବା ସହ ପର୍ଯ୍ୟାୟକ୍ରମେ ପ୍ରତ୍ୟାହାର ଉପରେ ଏକ ପାରସ୍ପରିକ ଚୁକ୍ତିନାମା ସୃଷ୍ଟି କରାଯାଇପାରିବ । ସେହିପରି, ସ୍ୱାଧୀନ ଭାବରେ ପରିଚାଳିତ ଏକ ମାନବିକ କରିଡର ନିଶ୍ଚିତ କରାଯାଇପାରିବ ଏବଂ ଉଭୟ ଦେଶ ସାହାଯ୍ୟକୁ ଏକ ଅସ୍ତ୍ର ଭାବରେ ବ୍ୟବହାର ନ କରିବା ଉଚିତ ହେବ ଯାହା ହୁଏତ ଜନସାଧାରଣଙ୍କ ପାଇଁ ଟିକିଏ ଆଶ୍ୱସ୍ତି ଆଣିଦେବ । ଶେଷରେ, ସ୍ଥାୟୀ ଶାନ୍ତି ପାଇଁ ଉଭୟ ପକ୍ଷକୁ ଏକ ଶୂନ୍ୟ-ସଂଯୋଗ ମାନସିକତାରୁ ଏପରି ଏକ ମାନସିକତାକୁ ପରିବର୍ତ୍ତନ କରିବାକୁ ପଡିବ ଯାହା ସହାବସ୍ଥାନ ଏବଂ ପାରସ୍ପରିକ ସୁରକ୍ଷାକୁ ମୂଲ୍ୟ ଦେବ । ଏହା ବର୍ତ୍ତମାନର ପରିବେଶରେ କେତେଦୂର ସମ୍ଭବ ହେବ, ତାହା ଏକ ବିରାଟ ପ୍ରଶ୍ନ ନିଶ୍ଚୟ । କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ବିଶ୍ୱାସ-ନିର୍ମାଣ ପଦକ୍ଷେପ ହେଉଛି ଏକମାତ୍ର ବାସ୍ତବବାଦୀ ପଥ, ଯାହା ହିଂସା, ପ୍ରତିଶୋଧ ଏବଂ ମାନବିକ ବିପର୍ଯ୍ୟୟରୁ ମାନବଜାତିକୁ ସୁରକ୍ଷା ଦେଇପାରିବ ଏବଂ ବିଭାଜନର ଉଭୟ ପାର୍ଶ୍ୱର ପିଢ଼ିକୁ ଧ୍ୱଂସରୁ ରକ୍ଷା କରିପାରିବ । କାର୍ଯ୍ୟ କରିବାର ସମୟ ଏବେ ଆସିଛି । ଆଉ ଯେକୌଣସି ବିଳମ୍ବ କେବଳ ଯୁଦ୍ଧର କ୍ଷତକୁ ଗଭୀର କରିବ ଏବଂ ସମ୍ପୃକ୍ତ ଅଞ୍ଚଳର ମାନବ ସମାଜ, ସଭ୍ୟତା, ସବୁକିଛି ମାନସପଟରୁ ଲିଭିଯିବ ।

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୮୮୨ ମସିହା । ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ । ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁ ମୁଖରେ ପଡୁଥିଲେ । ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡା. ରବର୍ଟ କୋକ୍ । ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଜିବା ପାଇଁ । ବାସ୍, ତା'ପରେ ଡା. କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ । ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ । ଏହି ବ୍ୟାକ୍ଟେରିଆକୁ ଡା. କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ । ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା । ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ ।

ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ । ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି । କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ । ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ । ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ । ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡା. କୋକ୍‌ଙ୍କୁ । ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା । ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା । ପ୍ରତି ବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି - 'ୟେସ୍ ! ଉଇ କ୍ୟାନ୍ ଏଣ୍ଡ ଟିବି : କମିଟ୍, ଇନଭେଷ୍ଟ ଆଣ୍ଡ ଡେଲିଭର'' ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ୍ୟ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା । ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର । ସଚେତନତା ସୃଷ୍ଟି ସହ ଏହି ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ । ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ ।

ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍‌ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି ।

ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି । ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳୋତ୍ପାଟନ ମଧ୍ୟ ହୋଇପାରୁଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଜଣେ ଗୁଟ୍‌ଖା ହେଉ ବା ବିଡ଼ି, ସିଗାରେଟ, ଗ୍ରାମୀଣ ହାତ ତିଆରି ନିଶା ଦ୍ରବ୍ୟ ହେଉ ବା ମଦ୍ୟପାନ ଏହା ପ୍ରଥମତଃ ଜଣଙ୍କ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପେଟ, ଲିଭର ଓ କିଡ଼ନୀକୁ ପ୍ରଭାବିତ କରିଥାଏ । ଏହା ଏପରି ଏକ ଜଟିଳ ବିଷାକ୍ତ ପଦାର୍ଥ ଯେ ଏହା ଆପଣଙ୍କୁ ଯକୃତ ଜନିତ କ୍ୟାନସର ବି କରିପାରେ, ଲିଭର ସିରୋସିସ ବି ହୋଇପାରେ ଏବଂ ଏହା ମଧ୍ୟ ଯକ୍ଷ୍ମାରୋଗର ଅନ୍ୟତମ ପ୍ରମୁଖ କାରଣ । ସେହିପରି ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ ।

ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ । ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ । ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ । ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ । ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା । ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି । ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ । ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ । ଏହାକୁ ଡ୍ରଗ୍ ରେଜିଷ୍ଟେ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ । ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ । ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍ । ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ । ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ ।

ମଲ୍ଟିଡ୍ରଗ ରେସିଷ୍ଟେ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା, ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ୍ୟ । ସର୍ବପ୍ରଥମେ ଆପଣ ନିଜ ପାଇଁ ଭଲ ସ୍ୱାସ୍ଥ୍ୟଗତ ରୁଟିନଟି ତିଆରି କରନ୍ତୁ । ନିର୍ଦ୍ଧାରିତ ସମୟରେ ଶଯ୍ୟା ତ୍ୟାଗ ସହ ସୁଷମ ଖାଦ୍ୟ ଗ୍ରହଣ କରନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ସବୁଜ ପରିବା ଓ ତଟକା ଫଳ ଗ୍ରହଣ କରନ୍ତୁ । ପ୍ରାତଃ ଭ୍ରମଣ, ବ୍ୟାୟାମ, ଯୋଗାସନ ସବୁଠାରୁ ଭଲ ଅଭ୍ୟାସ । ନିରାମିଷ ଖାଦ୍ୟ ଏକ ଭଲ ଅଭ୍ୟାସ, ବାହାରର ଖାଦ୍ୟ, ବାସୀ ଖାଦ୍ୟ, ଥଣ୍ଡା ଖାଦ୍ୟ ଓ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ କୌଣସି ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସବୁଠାରୁ ଭଲ ଅଭ୍ୟାସ ।

ନିଜକୁ ସବୁବେଳେ ସକାରାତ୍ମକ ଭାବନା ଭିତରେ ରଖନ୍ତୁ । ଯଥାସମ୍ଭବ ଆପଣଙ୍କ ଇଷ୍ଟଗୁରୁ ଆଉ ଭଗବାନଙ୍କ ନାମ ସ୍ମରଣ କରିବା ସହ ସମସ୍ତଙ୍କ ସହିତ ଏକ ଆନନ୍ଦମୟ ଓ ପ୍ରଫୁଲ୍ଲିତ ସମ୍ପର୍କ ରଖନ୍ତୁ । ଏହା ଆପଣଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ ଏକ ବଡ଼ ସଞ୍ଜିବନୀ । ଆସନ୍ତୁ, ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳୋତ୍ପାଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଥିବା ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ।

**ପ୍ରଫେସର, ଲିଭର ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ- ୯୪୩୭୦୫୧୯୫୭**

# ଦୀପ ପ୍ରଜ୍ୱଳନର ମହତ୍ତ୍ୱ

ପ୍ରେମାନନ୍ଦ ପାଣିଗ୍ରାହୀ

ଦୀପ ଜ୍ୟୋତି ପରଂବ୍ରହ୍ମ ସ୍ୱରୂପ । ତେଣୁ ହିନ୍ଦୁ ପରମ୍ପରାରେ ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରଥମେ ଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟ ଶୁଭାରମ୍ଭ କରାଯାଇଥାଏ । ସକାଳେ ଓ ସନ୍ଧ୍ୟାରେ କୁଳଦେବତାଙ୍କ ନିକଟରେ ଦୀପ ଜାଳି ଶୁଭ ମନାସିବା ଆମ ସନାତନ ଧର୍ମର ସାଧାରଣ ପରମ୍ପରା । ଦୀପ ସାଧାରଣତଃ ମାଟି ବା ପିତ୍ତଳରେ ପ୍ରସ୍ତୁତ ହୋଇଥାଏ । ଘରେ ବା ଉତ୍ସବମାନଙ୍କରେ ସାମୟିକ ବ୍ୟବହାର ପାଇଁ ମାଟି ଦୀପ ଓ ଏକାଧିକ ଥର ବ୍ୟବହାର ପାଇଁ ପିତ୍ତଳ ଦୀପ ବ୍ୟବହାର କରାଯାଏ । ମାଟିହେଉ କି ପିତ୍ତଳ ଏହି ଦୀପ ସୃଷ୍ଟି,ସ୍ଥିତି ଓ ବୈଭବର ପ୍ରତୀକ ଅଟେ । ଦୀପ ଜ୍ଞାନ ଓ ଆଲୋକର ବାର୍ତ୍ତା ବହନ କରେ ।

ଦୀପ ଜଳାଇବା ଅର୍ଥ ଅଗ୍ନିଦେବଙ୍କୁ ଆମନ୍ତ୍ରଣ କରିବା । ଦୀପ ଜଳାଇଲେ ଆଲୋକ ବା ଜ୍ୟୋତି ବିଚ୍ଛୁରିତ ହୁଏ । ଏହି ଜ୍ୟୋତି ଜ୍ଞାନର ପ୍ରତୀକ । ଜ୍ୟୋତି ହିଁ ଅଗ୍ନିର ଅନ୍ୟ ରୂପ । ଅଜ୍ଞାନ ଅନ୍ଧକାରରୁ ଆଲୋକ ଆଡକୁ ଏହା ନେଇଯାଏ । ମାନବର ଜୀବନଯାତ୍ରା ସହ ଅଗ୍ନିର ଉପାଦେୟତା ଓ ଆବଶ୍ୟକତା ଓତଃପ୍ରୋତ ଭାବେ ଜଡିତ । ବେଦ କହେ ପ୍ରଥମେ ଜଳ ତାପରେ ତରଙ୍ଗ ସୃଷ୍ଟି ହେଲା । ତାପରେ ଅଗ୍ନି ଓ ଜଳର କ୍ରୀଡାରୁ ଜୀବଜଗତର ସୃଷ୍ଟି । ଜୀବଜଗତ ବଞ୍ଚିବାରେ ଅଗ୍ନି ଓ ଜଳ ଉଭୟ ଯେପରି ସାହାଯ୍ୟ କରନ୍ତି, ସେମିତି ବିନାଶର କାରଣ ମଧ୍ୟ ହୋଇଥାନ୍ତି । ଉପନିଷଦ କହେ ଆମ ହୃଦୟ ଅଜ୍ଞାନ ଅନ୍ଧକାରର ଗନ୍ତାଘର । ତେଣୁ ଦୀପ ଅନ୍ଧକାରରୁ ଆଲୋକର ପ୍ରତୀକ ଅଟେ, ନିରାଶାରୁ ଆଶାର ଦ୍ୟୋତକ ଅଟେ ।

ଏହି ସୃଷ୍ଟି ପାଞ୍ଚୋଟି ମହାଭୂତ ଉପରେ ପ୍ରତିଷ୍ଠିତ । ସେମାନେ ହେଲେ ଜଳ, ସ୍ଥଳ, ଆକାଶ, ବାୟୁ ଓ ଅଗ୍ନି । ତେଣୁ ପଞ୍ଚ ମହାଭୂତ ମଧ୍ୟରୁ ମାଟି ହେଉଛି ଗୋଟିଏ । ମାଟି ନିର୍ମିତ ଦୀପଟି ମନୁଷ୍ୟ ଶରୀରର ପ୍ରତୀକ ଅଟେ । ମନୁଷ୍ୟର ରକ୍ତ, ମାଂସ ଶରୀରକୁ ମାଟି ପିଣ୍ଡ ବୋଲି କୁହାଯାଇଛି । ଦୀପରେ ତେଲ ବା ଘିଅ ଦେଲେ ତାହା ଜଳେ । ମନୁଷ୍ୟର ଏହି ମାଟି ସଦୃଶ ଦେହରେ ତା'ର ଜୀବନୀ ଶକ୍ତି ହିଁ ତୈଳ ସଦୃଶ । ଦୀପ ଜଳାଇବା ଦ୍ୱାରା ମନୁଷ୍ୟ ତେଜସ୍ୱୀ ଓ ଉଚ୍ଚାକାଂକ୍ଷୀ ହୁଏ । ତେଣୁ ଦୀପକୁ ଐଶ୍ୱର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ବୋଲି ଗ୍ରହଣ କରାଯାଇଥାଏ । ଏହି ଦୀପ ଆମକୁ ଅସତ୍ୟ, ଅହିଂସା ଓ ଅନୀତି ଠାରୁ ଦୂରେଇ ସତ୍‌ପଥରେ ଚାଲିବାର ପଥ ଦେଖାଇଥାଏ । ଅସତ୍ୟରୁ ସତ୍ୟ, ଅନ୍ଧକାରରୁ ଆଲୋକ, ମୃତ୍ୟୁର ଅମୃତତ୍ତ୍ୱକୁ ଦୀପ ନେଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଦୀପ ସକରାତ୍ମକ ଚିନ୍ତାଧାରାର ପ୍ରତୀକ ।

ଦୀପ ପୁଣି ବିଭିନ୍ନ ପ୍ରକାରର ଯଥା-: ଏକମୁଖୀ, ତ୍ରୟମୁଖୀ, ଷଡ଼ମୁଖୀ, ସପ୍ତମୁଖୀ, ଏକଶତ ଆଠମୁଖୀ ଓ ସହସ୍ରମୁଖୀ । ପ୍ରତି ସଞ୍ଜରେ କୁଳବଧୂମାନେ ତୁଳସୀ ଚଉଁରାମୂଳେ ଏକମୁଖୀ ଦୀପ ଜାଳି ପରିବାରର ମଙ୍ଗଳକାମନା କରିଥାନ୍ତି । ତ୍ରିନାଥ ପୂଜା ସମୟରେ ତ୍ରୟମୁଖୀ ଦୀପ, ଦେବାଦେବୀ ମନ୍ଦିରରେ ଆରତୀ ସମୟରେ ପଞ୍ଚମୁଖୀ ଦୀପ, କାର୍ତ୍ତିକେୟଙ୍କ ପୂଜା ବିଧିରେ ଷଡମୁଖୀ ଦୀପ, ବିବାହ କର୍ମରେ ସପ୍ତମୁଖୀ ଦୀପ, ଆଶ୍ୱିନ ମାସ ଦୁର୍ଗାପୂଜା ଓ ମଙ୍ଗଳା ଓଷାରେ ଏକଶତ ଆଠମୁଖୀ ଦୀପ, ରୁଦ୍ରାଭିଷେକ ସମୟରେ ଏକଶତ ଏକୋଇଶିମୁଖୀ ଦୀପ ପ୍ରଜ୍ୱଳନ କରାଯାଇଥାଏ । ପୁଣ୍ୟ ମାସ କାର୍ତ୍ତିକରେ ଆକାଶ ଦୀପ ଜଳାଯିବାର ପରମ୍ପରା ରହିଛି । ଅଦୃଶ୍ୟ ସତ୍ତାରେ ଅବସ୍ଥାନ କରୁଥିବା ପିତୃଲୋକ ତଥା ପ୍ରେତ ପୁରୁଷଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ପାଇଁ ଓଡ଼ିଶାର ଘରେ ଘରେ ତୁଳସୀ ଚଉଁରା ନିକଟରେ ଆକାଶ ଦୀପ ଜଳାଯାଏ ।

ପ୍ରାଚୀନ ଉତ୍କଳର ସାଧବମାନେ କାର୍ତ୍ତିକ ପୂର୍ଣ୍ଣିମା ପ୍ରତ୍ୟୁଷରେ ବାଣିଜ୍ୟ ଯାତ୍ରା କରିବା ସମୟରେ କୁଳବଧୂମାନେ ଦୀପ ଜାଳି ସେମାନଙ୍କୁ ବିଦାୟ ଦେଉଥିଲେ । ଯୁଦ୍ଧକୁ ଯିବା ପୂର୍ବରୁ ଓ ବିଜୟୀ ହୋଇ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ମହାରାଣୀ ଦୀପ ଜାଳି ରାଜାଙ୍କୁ ବନ୍ଦାପନା କରୁଥିଲେ । ମହାପ୍ରଭୁ ଜଗନ୍ନାଥ ମାର୍ଗଶିର ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ,ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିଥିରେ ତିନି ଦିନ ଧରି ପିତୃଗଣଙ୍କୁ ଶ୍ରାଦ୍ଧ ପ୍ରଦାନ ପୂର୍ବକ ଦୀପଦାନ କରିଥାନ୍ତି ।

ପରିବାରର ମାଙ୍ଗଳିକ କାର୍ଯ୍ୟରେ ଯେଉଁ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟ ସମ୍ପାଦନା କରାଯାଏ ତାକୁ କୁଳଦୀପ କୁହାଯାଏ । ବର ଓ କନ୍ୟା ଯେତେବେଳେ ପ୍ରଥମେ ଗୃହ ପ୍ରବେଶ କରନ୍ତି, ଦୀପ ଜାଳି ବନ୍ଦାଇବାର ପରମ୍ପରା ରହିଛି । ଏହି ଦୀପ ବନ୍ଦାଇବା ଦ୍ୱାରା ନବ ଦମ୍ପତ୍ତିଙ୍କର ସୁଖ ଦାମ୍ପତ୍ୟ ଜୀବନ କାମନା କରାଯାଏ । ସୁହାଗ ରାତିରେ ଦୀପ ଜାଳି ନବ ଦମ୍ପତି ଏକ ସ୍ୱାମୀ ଓ ଏକ ସ୍ତ୍ରୀ ବ୍ରତ ପାଳନ କରିବା ପାଇଁ ଶପଥ ନେଇଥାନ୍ତି । ଅଖଣ୍ଡ ରାମାୟଣ ପାଠ ସମୟରେ ଗୋଟିଏ ଦିନ, ନବରାତ୍ରିରେ ନଅ ଦିନ, କେତେକ ମନ୍ଦିରରେ ଅଖଣ୍ଡ ଦୀପ ଜଳାଯାଇଥାଏ । ମହିମା ଧର୍ମଧାରାରେ ଅଖଣ୍ଡ ଧୁନି ଜଳାଇବା ପରମ୍ପରା ରହିଛି ।

ଅଖଣ୍ଡ ଦୀପ ଥରେ ଜଳାଇବା ପରେ ମନସ୍କାମନା ପୂରଣ ନହେବା ପର୍ଯ୍ୟନ୍ତ ଦୀପକୁ ଜଳାଯାଇଥାଏ । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀ ଶିବରାତ୍ରି ରୂପେ ସମଗ୍ର ଭାରତ ବର୍ଷରେ ପାଳିତ ହୁଏ । ଏହି ଦିନ ରାତି ଉଜାଗର ରହି ଭୋଳାନାଥଙ୍କୁ ଉପାସନା କରାଯାଏ । ତେଣୁ ଏହା ଜାଗର ଭାବରେ କଥିତ । ଶ୍ରଦ୍ଧାଳୁମାନେ ଉପବାସ ଓ ଉଜାଗର ରହି ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଜାଗର ଦୀପ ଜଳାଇଥାନ୍ତି । ମଧ୍ୟରାତ୍ରିରେ ସେବକଙ୍କ ଦ୍ୱାରା ମନ୍ଦିର ଚୂଡାରେ ବିଧି ପୂର୍ବକ ମହାଦୀପ ସ୍ଥାପନ କରାଯାଏ । ବ୍ରତଧାରୀମାନେ ଏହି ମହାଦୀପକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି । ମହାଦୀପ ଦର୍ଶନ ପରେ ସ୍ନାନ କରି ଶିବ ଦର୍ଶନ ପରେ ଖାଦ୍ୟ ଗ୍ରହଣ କରନ୍ତି । ଜାଗରରେ ମହାଦୀପ ଦର୍ଶନ ବହୁ ଶୁଭ ଫଳ ଦେଇଥାଏ ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ-୯୧୭୮୭୧୩୪୪୫**

# ତୁଠ ପଥର

ମୋର ଜଣେ ଦୂରସମ୍ପର୍କୀୟ ବନ୍ଧୁଙ୍କର ଅକାଳ ବିୟୋଗ ପରେ ତାଙ୍କ ବାପା-ମା'ଙ୍କୁ ଭେଟି ସାନ୍ତ୍ୱନା ଦେବା ଅବସରରେ ସେମାନେ ମୋତେ କହିଲେ ଆରେ ତୁମେ ଆମକୁ ବୁଝାଇବାକୁ ଆସିଛ କ'ଣ, ଏହା ଆମ ଜୀବନରେ ଗୋଟିଏ ଦୁର୍ଘଟଣା । ଏହା ପୂର୍ବରୁ ଆମକୁ ଅନେକ ଧକ୍କା ସହିବାକୁ ପଡିଛି । ଆମର ବିଶ୍ୱସ୍ତ ବନ୍ଧୁ ଧୋକ୍କା ଦେବା ଠାରୁ ଆରମ୍ଭ କରି, ଦୁର୍ଘଟଣାରେ ମୋର ଅଙ୍ଗହାନୀ ହେବା ପର୍ଯ୍ୟନ୍ତ ଆମ ଜୀବନରେ କ'ଣ ଅବା ନ ଘଟିଛି? ହୃଦୟକୁ ତୁଠପଥର କରିଦେଇ ଏଗୁଡିକୁ ଆମେ ସହି ଆସିଛୁ ।

ଆଉ ଆମକୁ ଅଧିକ କ'ଣ ଦୁଖ ଭୋଗିବାର ଅଛି? ଏତିକିବେଳେ ମୁଁ ଭାବୁଥିଲି ଆଜିକାଲିର ଯୁଗରେ ତୁଠପଥର ଅର୍ଥ, ସଜ୍ଞା ଏବଂ ବ୍ୟବହାର ବଦଳିବାର ଲାଗିଲାଣି ହୁଏତ ଏହାକୁ ଭବିଷ୍ୟତ ପିଢ଼ି ବୁଝିବା କଷ୍ଟକର ହୋଇ ପଡିବ ।

ବର୍ତ୍ତମାନର ଶୌଚାଳୟ, ପାଣି ପାଇପ, ନଳକୂପ ସୁବିଧା ସୁଯୋଗ ମିଳିବା ପୂର୍ବରୁ ଲୋକମାନେ ସାଧାରଣତଃ ଗାଁ ପୋଖରୀ, ନଦୀ କିମ୍ବା ଗାଡ଼ିଆରେ ଗାଧୋଉଥିଲେ । ସ୍ୱଚ୍ଛତା ତଥା ଆନୁଷଙ୍ଗିକ କାରଣରୁ କୂଅମୂଳରେ ଗାଧୋଇବାକୁ ସାଧାରଣତଃ ଲୋକମାନେ ପସନ୍ଦ କରୁନଥିଲେ । ଗାଧୋଇବା ସହିତ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଗାଡ଼ିଆ, ପୋଖରୀ, ନଈଗୁଡିକରେ ତୁଠ ତିଆରି ହେଉଥିଲା ।

କେତେବେଳେ ତାହା ରାଜା କିମ୍ବା ଜମିଦାରମାନଙ୍କ ପୃଷ୍ଠପୋଷକତାରେ ତିଆରି ହେଉଥିବା ବେଳେ ଆଉ କେତେବେଳେ ଗ୍ରାମବାସୀମାନଙ୍କ ସାହାଯ୍ୟ ସହଯୋଗରେ ତୁଠଗୁଡିକ ତିଆରି ହେଉଥିଲା । ପୁରୁଷ ଏବଂ ନାରୀମାନଙ୍କ ପାଇଁ ଅଲଗା ଅଲଗା ତୁଠ ତିଆରି ହେଉଥିବା ବେଳେ ଶୌଚାଦି କର୍ମ, ପର୍ବପର୍ବାଣୀ, ମୃତାହକର୍ମ ଆଦି ବିଭିନ୍ନ କାରଣ ପାଇଁ ଅଲଗା ଅଲଗା ତୁଠ ଥାଏ । ସୁଖର ବିଷୟ ପୂର୍ବର କଠୋର ଜାତିପ୍ରଥା ତଥା ଛୁଆଁ ଅଛୁଆଁ ଭେଦଭାବ ଦୂରେଇ ଯିବା ଫଳରେ ବର୍ତ୍ତମାନ ଜାତିଭିତ୍ତିକ ତୁଠ, ତା'ର ପ୍ରାସଙ୍ଗିକତା ହରାଇଛି ।

ବର୍ତ୍ତମାନ ସରକାରୀ ଅନୁଦାନ ଯୋଗୁଁ ଗାଁ ମାନଙ୍କରେ ଉଭୟ ପୋଖରୀ ଏବଂ ନଈଗୁଡିକରେ ତୁଠଗୁଡିକ ତିଆରି ହେଉଛି ତେବେ ପୁରୁଣା କାଳରେ ତୁଠମାନଙ୍କର ପଥରଗୁଡିକୁ ବ୍ୟବସ୍ଥିତ ଢ଼ଙ୍ଗରେ ସଜାଡି ରଖାଯାଉଥିବାବେଳେ ବର୍ତ୍ତମାନ ସେଗୁଡିକୁ ସିମେଣ୍ଟ, ବାଲି ଦେଇ କଂକ୍ରିଟ୍ କରିଦିଆଯାଉଛି ତେଣୁ ତୁଠ ପଥରର ଅର୍ଥକୁ ବର୍ତ୍ତମାନର ପିଢ଼ି ବୁଝିବା କଷ୍ଟକର ।

ଏଇ ତୁଠ ପଥରଗୁଡିକ ଗାଁ-ଗଣ୍ଡାର ସୁଖ, ଦୁଃଖ, ହାନୀଲାଭ, କଳି, ଗଣ୍ଡଗୋଳ, ଜନ୍ମ, ମୃତ୍ୟୁ ଆଦି ଅନେକ କଥା ତଥା ବ୍ୟଥାର ନୀରବ ସାକ୍ଷୀ । ନ୍ୟାୟ, ନିଶାପ, ଷଡ଼ଯନ୍ତ୍ର ଆଦି ଅନେକ କଥାକୁ ଏହାକୁ ହଜମ କରିବାକୁ ପଡ଼ିଥାଏ । ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଏହା ସବୁରି ପ୍ରିୟ ।

ପୂଜା, ପାର୍ବଣ ସମୟରେ ଏହିଠାରୁ ହିଁ ଗ୍ରାମବାସୀମାନେ ସଙ୍କଳ୍ପବଦ୍ଧ ହୋଇ କଳସ ବୁଡ଼ାଇ ଥାଆନ୍ତି । ତେବେ ଏସବୁ ବିପରୀତଧର୍ମୀ କଥା ଓ ପ୍ରସଙ୍ଗଗୁଡିକୁ ଯେଉଁମାନଙ୍କୁ ହଜମ କରିବାକୁ ପଡିଥାଏ ଏବଂ ସଫଳତାର ସହିତ ସେଗୁଡିକ ସହିଯାଇ ଆସୁଥିବା ସମସ୍ୟା ଗୁଡିକୁ ସହଜ ଓ ସରଳ ଭାବେ ଏବଂ ନିର୍ବିକାର ଭାବେ ସମ୍ମୁଖୀନ କରିଥାଆନ୍ତି ସେମାନଙ୍କୁ ତୁଠପଥରର ଆଖ୍ୟା ଦିଆଯାଇଥାଏ ।

କାରଣ ଲୋକମାନଙ୍କର ପଦାଘାତ ଠାରୁ ଆରମ୍ଭ କରି ଲୁଗା ସଫା କରିବା ପର୍ଯ୍ୟନ୍ତ ଯାବତୀୟ କାର୍ଯ୍ୟ ଏହି ପଥରଗୁଡିକ ଉପରେ କରାଯାଇଥାଏ ।

ତୁଠମାନଙ୍କରେ ଗାଁ ଲୋକମାନେ ଗାଧୋଇବା ନାଁରେ ଦଳଦଳ ହୋଇ ଆସି ବିଭିନ୍ନ ପ୍ରକାର ଆଲୋଚନା କରିଥାଆନ୍ତି । ତେଣୁ ତୁଠପଥର ସବୁ କଥାର ନୀରବ ସାକ୍ଷୀ । ଅର୍ଥାତ୍ ଏହା ସମସ୍ତ କଥା ବ୍ୟଥାକୁ ଶୁଣି ପୁଣି ନୂଆ ସକାଳର ସ୍ୱପ୍ନ ଦେଖେ । ତା'ପାଇଁ କୌଣସି କଥା ସ୍ଥିର ନୁହେଁ । କାରଣ' ସକାଳେ ତା ପାଖକୁ ଆସିଥିବା ଲୋକମାନଙ୍କର କଥାବାର୍ତ୍ତା, ବ୍ୟବହାର ତଥା ଚିନ୍ତାଚେତନା ସନ୍ଧ୍ୟାବେଳକୁ ବଦଳି ଯାଇଥାଏ । ଆଜି ଯେଉଁ ନୂଆବୋହୂଟିର ଅଳତାର ରଙ୍ଗରେ ତାକୁ ଲାଲ୍ କରିଦେଇଥାଏ କାଲି ହୁଏତ ତା'ର ଶଙ୍ଖାକୁ ଏଇ ପଥରରେ ଭାଙ୍ଗି ତାକୁ ବିଧବା ବେଶରେ ସଜାଇ ହେବାକୁ ପଡିଥାଏ ।

ସେହିଭଳି ହୋଲି ଖେଳ ସରିବା ପରେ ପରେ ଏହା ରଙ୍ଗାୟିତ ହୋଇଯାଉଥିବା ବେଳେ ଗାଁରେ ଦଙ୍ଗା ସମୟରେ ଏହା କେବେକେବେ ରକ୍ତର ରଙ୍ଗରେ ଲାଲ୍ ପଡିଯାଏ । ତେଣୁ ସବୁ ବର୍ଗର ଲୋକମାନଙ୍କର ସକଳ ଅନୁଭୂତିକୁ ତୁଠ ପଥର ହିଁ ମୁକସାକ୍ଷୀ ହିସାବରେ ସହିଯାଇଥାଏ ଆଉ ଅନମନୀୟ ସହନଶୀଳ ଲୋକଙ୍କର ହୃଦୟରେ ଲୋକଙ୍କର ହୃଦୟକୁ ଆମେ ଉଭୟ ସଂସାରିକ ଓ ସାହିତ୍ୟିକ ଭାଷାରେ 'ତୁଠପଥର' ବୋଲି ଅବିହିତ କରିଥାଉ ।

**ଡ. ସୀତାକାନ୍ତ ତ୍ରିପାଠୀ**
**ଭଦ୍ରକ, ମୋ-୯୭୭୮୭୬୪୩୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆତ୍ମସମର୍ପଣ...

ଗୁଳି, ଷ୍ଟିଲ ପାଇପ, ପୋଷାକ, ଝଣ୍ଡା ଇତ୍ୟାଦି ଜବତ କରିଛି । ନକ୍ସଲ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ଏହି ଜଂଗଲରେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ ଯାହାକୁ ଯବାନ ପଣ୍ଡ କରିଛନ୍ତି । ଏହି ଚଢ଼ଉରେ ଜିଲ୍ଲା ପୁଲିସ, ସିଆରପିଏଫ, କୋବ୍ରା ଯବାନ ସାମିଲ ଥିଲେ ।

### ପୁଞ୍ଜିଲାଲଙ୍କ...

ପୁଞ୍ଜିଲାଲଙ୍କୁ କ୍ରାଇମ ବ୍ରାଞ୍ଚ ଗିରଫ କରିଥିଲା । ପରବର୍ତ୍ତୀ ସମୟରେ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହେବାପରେ ପୁଞ୍ଜିଲାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଛଅ ବର୍ଷରୁ ଅଧିକ କାଳ ହେଲା ଜେଲରେ ଥିବାରୁ ଜାମିନ ଆବେଦନର ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପୁଞ୍ଜିଲାଲଙ୍କ ଏସ୍‌ଏଲପିକୁ ଗ୍ରହଣ କରି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ସୁପ୍ରିମକୋର୍ଟରେ ପୁଞ୍ଜିଲାଲଙ୍କ ପକ୍ଷରୁ ଆଡଭୋକେଟ୍ ଅନ୍ ରେକର୍ଡ ମଧୁସ୍ମିତା ବୋରା, ଆଇନଜୀବୀ ପଓ୍ୱନ କିଶୋର ସିଂହ, ଦୀପଙ୍କର ସିଂହ ଓ ପାଭିତ୍ରା ବି ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଅନ୍ ରେକର୍ଡ ନିରଞ୍ଜନ ସାହୁ ,ଆଇନଜୀବୀ ଶିଭାଙ୍ଗୀ ଗୁପ୍ତା ଓ ମଲ୍ଲିକା ଯାଦବ ମାମଲାର ପରିଚାଳନା କରୁଥିଲେ ।

### ଦିଲ୍ଲୀରୁ...

ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି । ଗିରଫ ନାଇଜେରିଆ ନାଗରିକକୁ ରିମାଣ୍ଡରେ ଅଣାଯିବ । ସଂପୃକ୍ତ ବ୍ୟକ୍ତି ଜଣକ ଏକାଧିକ ବ୍ୟକ୍ତିର ପରିଚୟ ଦେଇ ଠକେଇ କରିଛି । ନ୍ୟୁଜିଲାଣ୍ଡରୁ ମଧ୍ୟ ତାଙ୍କ ଆକାଉଣ୍ଟକୁ ଆସିଛି ପେମେଣ୍ଟ । ଅଭିଯୁକ୍ତ ଠାରୁ ୫ଟି ମୋବାଇଲ୍ ଓ ୮ଟି ମୋବାଇଲ୍ ସିମ୍ ଜବତ କରାଯାଇଛି । ସେହିପରି ତା'ଠାରୁ ପାସପୋର୍ଟ ଓ ଲ୍ୟାପଟପ୍ ମଧ୍ୟ ମିଳିଛି । ଯଦି ଆଉ କେହି ଠକାମୀର ଶିକାର ହୋଇଛନ୍ତି ଏନେଇ ପୁଲିସକୁ ଜଣାଇପାରିବେ । ଅଭିଯୁକ୍ତର ମୋବାଇଲ୍ରୁ ଅନେକ ଫେକ୍ ପ୍ରୋଫାଇଲ୍ ମିଳିଛି । ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରାଯିବ ।

### ଫ୍ଲାଏ ଆଶ୍...

ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ବୈଠକରେ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ, ଓଡ଼ିଶାରେ ସଞ୍ଚାରଣ ନେଟୱାର୍କ ଅଧୀନରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସଂକଳନ ପ୍ରକ୍ରିୟା ଚଳିତ ମାସରେ ସମାପ୍ତ ହେବା ପରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ଗ୍ରହଣ କରାଯିବ । ପୁନର୍ବିକଶିତ ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ) ର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଢଙ୍ଗରେ ଗ୍ରହଣ କରାଯିବ । ବିଦ୍ୟୁତ ଆବଣ୍ଟନ ସମ୍ପର୍କରେ ସେ କହିଥିଲେ ଯେ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏନଏଲସିଆଇଏଲର ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ । କେନ୍ଦ୍ର ମନ୍ତ୍ରୀ ମନୋହର ଲାଲଙ୍କ ଏହି ଗସ୍ତ ଓଡ଼ିଶାର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

### ଜଳିଗଲା...

ସେବା କେନ୍ଦ୍ର ହୋଇଥିଲା । ଗତକାଲି ବିଳମ୍ବିତ ରାତିରେ ବୁକ ଷ୍ଟୋର ନିକଟରେ ଏକ ପ୍ରଚଣ୍ଡ ଶବ୍ଦ ହେବାରୁ ନିକଟରେ ଥିବା ଘରଦ୍ୱାର ଥରି ଉଠିଥିଲା ।ଫଳରେ ଲୋକେ ଭୟରେ ବାହାରକୁ ଆସିଥିଲେ ।ବାହାରକୁ ଆସିବା ପରେ ସ୍ଥାନୀୟ ଲୋକେ ବୁକ ଏଜେନ୍ସି ଭିତରେ ନିଆଁ ଲାଗି ଜଳୁଥିବା ବେଳେ ଘରର କାନ୍ଥ ଫାଟି ଯାଇଥିଲା ଓ ତିନି ଜଣ ବ୍ୟକ୍ତି ଗିରୁତର ଆହତ ହୋଇ ବାହାରେ ପଡିଛନ୍ତି ।ଏହା ଦେଖି ବୁକ ଏଜେନ୍ସି ପାଖରେ ରହୁଥିବା ଘରର ମାଲିକ ଦିଲ୍ଲିପ ଜେନା ସ୍ଥାନୀୟ ଲୋକମାନଙ୍କୁ ଡାକିଥିଲେ ।ଏହା ସହିତ ସଙ୍ଗେ ସଙ୍ଗେ ବାଲିକୁଦା ଥାନାକୁ ଖବର ଦେବା ସହିତ ୧୦୮ ଆମ୍ବୁଲାନସ ଓ ଅଗ୍ନିଶମ ବିଭାଗକୁ ସୁଚନା ଦେଇଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟା କରିଥିବା ବେଳେ ଆହତ ମାନଙ୍କୁ ୧୦୮ ଆମ୍ବୁଲାନସ ଯୋଗେ ପ୍ରଥମେ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା ।ଆହତ ମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା ।ଆହତଙ୍କ ସୂଚନା ଅନୁସାରେ ବହି ଷ୍ଟୋରର କର୍ମଚାରୀମାନେ ବିଦ୍ୟୁତ ସେବା କେନ୍ଦ୍ର ମଧ୍ୟରେ ଶୋଇଥିଲେ । ଗତକାଲି ଶନିବାର ବିଳମ୍ବିତ ରାତିରେ ହଠାତ ପ୍ରଚଣ୍ଡ ଶବ୍ଦ ହୋଇ ବୁକ ଷ୍ଟୋରର ଏକ କାନ୍ଥ ସଂପୁର୍ଣ୍ଣ ଭାଙ୍ଗି ଶୋଇଥିବା ଘର ଉପରକୁ ପଡିଥିଲା ।ଫଳରେ ବିଦ୍ୟୁତ୍ ସେବା କେନ୍ଦ୍ର ମଧ୍ୟରେ ଶୋଇଥିବା ସମସ୍ତଙ୍କ ଉପରେ କାନ୍ଥ ପଡିଯିବାରୁ ୩ ଜଣ ଯାକ ଗୁରୁତର ଭାବରେ ଆହତ ହୋଇଥିଲେ ।ଅଗ୍ନିଶମ ବିଭାଗ ଦୀର୍ଘ ସମୟ ଧରି ନିଆଁ ଲିଭାଇ ଥିବା ବେଳେ ବିସ୍ଫୋରଣ କିମ୍ବା ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ବୋଲି ଜଗତସିଂହପୁର ଅଗ୍ନିଶମ ବିଭାଗ ଅଧିକାରୀ ମନୋରଞ୍ଜନ ପାଢୀ କହିଛନ୍ତି।

### ଜଷ୍ଟିସଙ୍କ...

ଫଟୋ ଓ ଭିଡିଓଗୁଡ଼ିକୁ ନିଜ ୱେବସାଇଟରେ ଅପଲୋଡ୍ କରିଛନ୍ତି । ଏଥିରେ ଅଳିଆ ଗଦାରେ ପଡ଼ିଥିବା ପୋଡ଼ା ନୋଟଗୁଡିକର ଫଟୋ ମଧ୍ୟ ଅନ୍ତର୍ଭୁକ୍ତ ରହିଛି ।ଏସବୁ ରିପୋର୍ଟ ମିଳିବା ପରେ ଜଷ୍ଟିସ ବର୍ମାଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି । ଏହି ଅର୍ଥର ଉତ୍ସ ଓ କିଏ ଏସବୁ ଅଧାପୋଡ଼ା ନୋଟକୁ ଅଳିଆଗଦାରେ ଫିଙ୍ଗିଥିଲା, ସେ ସଂପର୍କରେ ଜଣାଇବାକୁ ନୋଟିସରେ କୁହାଯାଇଛି ।

### ଜୁନ୍...

ପାଇଁ ପରିବହନ ଓ ପୋଲିସ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବିଭିନ୍ନ ସମୟରେ ଜୋରିମାନା ଆଦାୟ କରୁଛି । ରାଜପଥ ଉପରେ ଗୋଟିଏ ମଧ୍ୟ ଲେଏବାଏ ନଥିବାରୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ହୋଇଥାଏ । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାରେ ୩ଟି ଟ୍ରକ ଟର୍ମିନାଲ ନିର୍ମାଣ କରାଯାଉଛି । ଟ୍ରକ୍ ଟର୍ମିନାଲ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଏହି ସମସ୍ୟା ଦୂର ହୋଇପାରିବ।

ସମ୍ବଲପୁର ଜିଲ୍ଲା ବଡରମା ଗ୍ରାମ ନିକଟ ପତ୍ରାପାଲି ୫୩ନମ୍ବର ଜାତୀୟ ରାଜପଥ ନିକଟରେ ସାଢେ ୭ଏକର ଜମିରେ ଟ୍ରକ ଟର୍ମିନାଲ ନିର୍ମାଣ କରାଯାଉଛି । ଏଥିପାଇଁ ୧୨କୋଟି ୯ଲକ୍ଷ୬୮ହଜାର୪୭୩ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହାର ନିର୍ମାଣ କାମ ଚାଲିଥିବା ବେଳେ ଆସନ୍ତା ଜୁନ୍ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି

ରାଣିବେଡା ଠାରେ ୫୫ନମ୍ବର ଜାତୀୟ ରାଜପଥ ଉପରେ ୧୦ଏକର ଜମିରେ ଏହା ନିର୍ମାଣ କରାଯାଉଛି । ମୋଟ ୧୪କୋଟି୧୬ଲକ୍ଷ ୮୮ହଜାର୮୩୮ଟଙ୍କା ବ୍ୟୟରେ ଏହାର ନିର୍ମାଣ କାମ ଚାଲିଛି । ଏହି ୩ଟି ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ପ୍ରାୟ ୧ ହଜାର ଭାରିଯାନ ରହିବା ବ୍ୟବସ୍ଥା ରହିଛି । ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ (ଏସ୍‌ଡିଏ) ପକ୍ଷରୁ ସମ୍ବଲପୁରରେ ଏକ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ମାତ୍ର ଉପଯୁକ୍ତ ଜମିର ବନ୍ଦୋବସ୍ତ ନ ହେବାରୁ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ ।

### ପାକିସ୍ତାନରେ...

ଏହା ପ୍ରଥମ ଥର ନୁହେଁ ଯେତେବେଳେ ସେନା ଗଣତାନ୍ତ୍ରିକ ସରକାରଙ୍କୁ ଦୁର୍ବଳ କହି କ୍ଷମତା ଦଖଲ କରିବାକୁ ଯୋଜନା କରୁଛି ।

୧୯୯୯ ମସିହାରେ ସମାନ କିଛି ଘଟିଥିଲା, ଯେତେବେଳେ ପରଭେଜ ମୁଶାରଫ ନୱାଜ ସରିଫ ସରକାରଙ୍କ ବିରୁଦ୍ଧରେ ଏକ ମୋର୍ଚ୍ଚା ଖୋଲିଥିଲେ । ସେତେବେଳେ ମୁଶାରଫ କାରଗିଲ ଯୁଦ୍ଧରେ ପରାଜୟ ପାଇଁ ନୱାଜ ସରିଫଙ୍କୁ ଦାୟୀ କରିଥିଲେ, ଯେତେବେଳେ ବାସ୍ତବତା ଥିଲା ଯେ, କାରଗିଲ ଯୁଦ୍ଧର ସମ୍ପୂର୍ଣ୍ଣ ଯୋଜନା ମୁଶାରଫ ନିଜେ କରିଥିଲେ ।

## ଶକ୍ତିକାନ୍ତ ବସନ୍ତପୁର ସାଇ ମନ୍ଦିର ର ସଭାପତି



ଗରଦପୁର (ସବ୍ୟୁ) : ତେଣ୍ଡାଗୁଡା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁର ଠାରେ ଥିବା ଶିରିଡିସାଇ ଚାରିଟେବଲ ଟ୍ରଷ୍ଟ ର ନୂତନ ସଭାପତି ଭାବେ ଶକ୍ତିକାନ୍ତ ମହାନ୍ତି ନିର୍ବାଚିତ ହୋଇଛନ୍ତି । ପୂର୍ବତନ ସଭାପତି ନିଖିଲ ମହାନ୍ତି ଙ୍କ ଦେହାନ୍ତ ପରେ ସର୍ବସମ୍ମତି କ୍ରମେ ଶକ୍ତିକାନ୍ତ ମହାନ୍ତିଙ୍କୁ ସଭାପତି ରୂପେ ମନୋନୀତ କରାଯାଇଛି । ସମ୍ପାଦକ ଭାବେ ସୁନୀଲ ମହାନ୍ତି ଓ ପରିଚାଳନା କମିଟିର ଟ୍ରଷ୍ଟି ଭାବରେ ଡ଼କ୍ଟର ବୁଦ୍ଧିସୁନ୍ଦର ମହାନ୍ତି କୋଷାଧକ୍ଷ ଭାବେ ସୋମେନ ମହାନ୍ତିଙ୍କୁ ସର୍ବସାମ୍ମତି କ୍ରମେ ମନୋନୀତ କରାଯାଇଛି ।

## ବୁଥ ଲେଭେଲ ଏଜେଣ୍ଟ ନିଯୁକ୍ତି ନେଇ ବୈଠକ

ଭବାନୀପାଟଣା, (ସବ୍ୟୁ): ନିର୍ବାଚନ ଆୟୋଗର ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିଷଦ ସଭାଗୃହରେ ବିଭିନ୍ନ ରାଜନୈତିକ ଦଳଙ୍କ ସହ ବୁଥ ଲେଭେଲ ଏଜେଣ୍ଟ ନିଯୁକ୍ତି ବିଷୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୭୭ - ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ୮୦ - ଭବାନୀପାଟଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ୭୮ - ନର୍ଲା ନିର୍ବାଚନ ମଣ୍ଡଳୀର ପଞ୍ଜୀକରଣ ଅଧିକାରୀ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କଳାହାଣ୍ଡି ଦୟାମୟ ପାଢୀ, ସହ ନିର୍ଦ୍ଦେଶକ ସଞ୍ଚୟ ଓ ଆର୍ଥିକ ସେବା ବିବେକାନନ୍ଦ ମହାନନ୍ଦ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ପ୍ରିୟରଞ୍ଜନ ସେଠୀ ଓ ସହକର୍ମୀ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଶ୍ରୀ ମହାନନ୍ଦ ବୁଥ ଲେଭେଲ ଏଜେଣ୍ଟ ନିଯୁକ୍ତି ଓ ରାଜନୈତିକ ଦଳର ଦାୟିତ୍ୱ ବିଷୟରେ ବୁଝାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଭୋଟର ତାଲିକାକୁ ସ୍ୱଚ୍ଛ ଓ ଆଦର୍ଶ କରିବାରେ ରାଜନୈତିକ ଦଳର ଭୂମିକା ଉପରେ ଗୁରୁତ୍ୱ ଦେଇଥିଲେ । ଉପଜିଲ୍ଲାପାଳ ଭବାନୀପାଟଣା ଓ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ସମସ୍ତ ରାଜନୈତିକ ଦଳକୁ ବୁଥ ଲେଭେଲ ଏଜେଣ୍ଟ ନିଯୁକ୍ତି କରିବା ପାଇଁ ଆହ୍ୱାନ ଦେଇଥିଲେ ।

## କାଠ ଅଭାବ : ମୃତଦେହ ରଖି ଧାରଣା ଦେଲେ ଶ୍ମଶାନ ବନ୍ଧୁ

ସୁନ୍ଦରଗଡ଼ (ସବ୍ୟୁ) : ଜଙ୍ଗଲ ଓ ପରିବେଶରେ ପରିପୂର୍ଣ୍ଣ ସୁନ୍ଦରଗଡ଼ର ଅବସ୍ଥା ଆଉ ପୂର୍ବ ଭଳି ନାହିଁ। ଜଙ୍ଗଲ, ଖଣି ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁଁ ସୁନ୍ଦରଗଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟ ହରାଉଛି। ଏହା ଦ୍ୱାରା ସ୍ଥାନୀୟ ଲୋକେ ଅସୁବିଧାର ସାମ୍ନା କରୁଛନ୍ତି। ଜଙ୍ଗଲରୁ ଶୁଖିଲା ଖାଠ ନମିଳିବାରୁ ସୁନ୍ଦରଗଡ଼ ଡିଏଫ୍‌ଓଙ୍କ ବାସଭବନ ସମ୍ମୁଖରେ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ ମିରାସେଙ୍କ ବାସଭବନ ସମ୍ମୁଖରେ ଦୁଇ ମୃତଦେହ ରଖି ଶ୍ମଶାନ ବନ୍ଧୁ ଏବଂ ମୃତକଙ୍କ ପରିଜନ ଧାରଣା ଦେଇଛନ୍ତି। ଏମାନେ ଶବ ସତ୍କାର ପାଇଁ କାଠର ଘୋର ଅଭାବ ପ୍ରତିବାଦରେ ଶବ ରଖି ଧାରଣା ଦେଇଛନ୍ତି।

କାଠ ସମସ୍ୟାର ଚିରସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି ଶ୍ମଶାନ ବନ୍ଧୁ। ଶବ ସଂସ୍କାର ସକାଶେ ସୁନ୍ଦରଗଡ଼ରେ କାଠର ଘୋର ଅଭାବ ରହିଛି। ପ୍ରତିଦିନ ହେମଗିର ବନାଞ୍ଚଳ ଅଫିସକୁ ଏମସିଏଲ ଖଣି ପାଇଁ କଟା ହୋଇ ଆସୁଥିବା ହେକ୍ଟର ହେକ୍ଟର ଜଙ୍ଗଲର କାଠ ସବୁ ଯାଉଛି କୁଆଡେ ବୋଲି ପ୍ରଶ୍ନ କରିଛନ୍ତି। କାଠ ସବୁ ରାଉରକେଲା ବେଦବ୍ୟାସ, ଝାରସୁଗୁଡ଼ା, ସମ୍ବଲପୁରକୁ କନିକା ରେଞ୍ଜ ଟ୍ରକ ଟ୍ରକ କାଠ ଚାଲାଣ ହେଉଥିବା ବେଳେ ସୁନ୍ଦରଗଡର କୌଣସି ଡିପୋରେ ୧୫ ଦିନ ହେଲା ଗୋଟିଏ କ୍ୱିଣ୍ଟାଲ ବି କାଠ ନାହିଁ।

ଏସ୍ଥିତିରେ ଦୁର୍ଭାଗ୍ୟର କଥା ଆଜି କାଠ ଅଭାବରୁ ସୁନ୍ଦରଗଡ ସହରରେ ତିନୋଟି ମୃତଦେହର ଦାହ ସଂସ୍କାର ସକାଶେ ଶ୍ମଶାନବନ୍ଧୁ ଓ ମୃତକଙ୍କ ପରିଜନଙ୍କୁ ହଇରାଣ ହେବାକୁ ପଡ଼ିଥିଲା। ଶନିବାର ହେମଗିର ଡବଲ ମର୍ଡର ଘଟଣାର.ଦୁଇ ମୃତକଙ୍କ ଶବଦାହ କରିବାକୁ କାଠ ନଥିବା କହି ଡିଏଫଓ ହାତ ଟେକି ଦେଇଥିବାରୁ ପ୍ରତିବାଦରେ ଶ୍ମଶାନବନ୍ଧୁ ଓ ମୃତକଙ୍କ ପରିଜନ ଶବ ରଖି ଧାରଣା ଦେଇଛନ୍ତି ।

## ଡିଆରଏମ୍ ଅଫିସ ସମ୍ମୁଖରେ ଶ୍ରମିକ ସଙ୍ଗଠନର ଧାରଣା

ସମ୍ବଲପୁର(ସବ୍ୟୁ) : ସର୍ବଭାରତୀୟ ପ୍ରତିବାଦ ସପ୍ତାହ ପାଳନ ଅବସରରେ ଡିଆରଏମ୍ ଅଫିସ ସମ୍ମୁଖରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ସମ୍ବଲପୁର ଶାଖା ପକ୍ଷରୁ ଧାରଣା ଦିଆଯାଇଛି । ଏଥିସହ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ୪୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଦତ୍ତ ଦାବିପତ୍ରରେ ଏକୀକୃତ ପେନସନ୍ ବ୍ୟବସ୍ଥାର ତ୍ରୁଟିବିଚ୍ୟୁତିକୁ ସଂଶୋଧନ କରି ସମସ୍ତ କର୍ମଚାରୀଙ୍କୁ ନୂତନ ପେନସନ୍ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ରେଳବାଇ କ୍ଷେତ୍ରରେ ଆଉଟ୍ ସୋର୍ସିଂ ଓ ଘରୋଇକରଣ ଆଦି ବନ୍ଦ, ରନିଂଷ୍ଟାପଙ୍କ ପାଇଁ ଆୟକରରୁ ୭୦ପ୍ରତିଶତ କେଏମ୍‌ଏ ଛାଡ, ସୁପରଭାଇଜର ମାନଙ୍କ ପାଇଁ ଥିବା ୧୨ଘଣ୍ଟିଆ ଡ୍ୟୁଟି ରୋଷ୍ଟର ଓ ସେଲିଂକୁ ଉଚ୍ଛେଦ, ରନିଂଷ୍ଟାପ ମାନଙ୍କ ପାଇଁ ସ୍ଲିପ୍ଟ ଡ୍ୟୁଟି ଉଚ୍ଛେଦ, ବର୍ଷର ମଧ୍ୟଭାଗରେ ବଦଳି ବନ୍ଦ, ସମସ୍ତ ଲୋକ କେବିନ, ସମସ୍ତ ଟ୍ରେକମ୍ୟାନ ଆଶ୍ରୟକକ୍ଷରୁ ବାତାନୁକୂଳକ କରାଯିବା, ପୂର୍ବତଟ ରେଳବାଇରେ ଗାର୍ଡ ଓ କାଉନସିଲର ପଦବୀ , ଟ୍ରେକମ୍ୟାନଣ୍ଟନର ମାନଙ୍କ ପାଇଁ ୪୨୦୦ଜିପି ମଞ୍ଜୁର ଆଦି ଦାବି ରହିଛି । ଏଥିରେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ଡିଭିଜନାଲ ସଂଯୋଜକ ମହମ୍ମଦ ରଫି ଓ ସମ୍ପାଦକ ବୁନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ହୀରାକୁଦ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା

ସମ୍ବଲପୁର,(ସବ୍ୟୁ): ହୀରାକୁଦରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲୁ ରହିଛି। ପ୍ରଥମେ ଥଇଥାନ ପରେ ଉଚ୍ଛେଦ କରିବାକୁ ଦାବି ହେଉଛି। ଏହା ବିରୋଧରେ ଆନ୍ଦୋଳନ ସହ ହୀରାକୁଦ ବନ୍ଦ ହୋଇ ଯାଇଛି । ତେବେ ଜିଲ୍ଲା ପ୍ରଶାସନ ନିଜ ଜିଦରେ ଅଟଳ ରହିଛି ।ଏଭଳି ସ୍ଥଳେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ହୀରାକୁଦ ଟାଉନ ଦୋକାନୀ ଓ ଗୃହ ଉଚ୍ଛେଦ ସଂଘକୁ ଭେଟି ଜବରଦଖଲ ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସଂଘ ଦ୍ୱାରା ପ୍ରତ୍ୟେକ ନିଷ୍ପତ୍ତିକୁ ବିଜୁ ଜନତା ଦଳ ସମର୍ଥନ କରିବ ବୋଲି ଘୋଷଣା କରିଥିଲେ। ଶହେ ଫୁଟ ପ୍ରଶସ୍ତ ରାସ୍ତା ନିର୍ମାଣ ପାଇଁ ଯେଉଁ ଉଚ୍ଛେଦ ପ୍ରକ୍ରିୟା ପର୍ଯ୍ୟଟନ ନାଁରେ ଆରମ୍ଭ ହୋଇଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ । ଅନ୍ୟପଟେ କୌଣସି ଟେଣ୍ଡର ଡକା ନଯାଇ ଏବଂ ନକ୍ସା ପ୍ରସ୍ତୁତ କରା ନଯାଇ କିଭଳି ଭାବେ ତହସିଲଦାର ହିଣ୍ଡାଲକୋର ପାଚେରୀକୁ ଛାଡି ଅନ୍ୟାନ୍ୟ ସ୍ଥାନ ଗୁଡିକରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ। ସରକାର ଚାହିଁଲେ ହୀରାକୁଦ ସହରର ଜାମକୁ କମେଇବା ପାଇଁ ଏବଂ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ରେମେଡ ଠାରୁ ହୀରାକୁଦ ବନ୍ଧ ପର୍ଯ୍ୟନ୍ତ ଫ୍ଲାଇଓଭର ମଧ୍ୟ ନିର୍ମାଣ କରିପାରିବେ। ଏଥିରୁ ସ୍ପଷ୍ଟ ଯେ ବିଜେପି ସରକାର ଓ ସମ୍ବଲପୁର ଜନପ୍ରତିନିଧି ମାନେ ହୀରାକୁଦ ବାସିନ୍ଦାଙ୍କର ଦୁଃଖ ବୁଝିବା ପରିବର୍ତ୍ତେ ହିଣ୍ଡାଲକୋ କମ୍ପାନିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରକାର ପ୍ରାୟ ସୁନିଶ୍ଚିତ ଯୋଜନା କରିଛନ୍ତି ଏବଂ ଏହାକୁ ପ୍ରତିଷ୍ଠିତ କରିବା ପାଇଁ ଯୋଜନା କରିଛନ୍ତି। ତୁରନ୍ତ ଭେଣ୍ଡିଂ ଜୋନ ନିର୍ମାଣ , ଭାଙ୍ଗିବାକୁ ଥିବା ଦୋକାନ ଗୃହଗୁଡ଼ିକୁ କ୍ଷତିପୂରଣ ଦେବା ପାଇଁ ସେ ଦାବି କରିଛନ୍ତି।

ଏହି ଆଲୋଚନା ବେଳେ ଦୋକାନୀ ଓ ଗୃହ ଉଚ୍ଛେଦ ସଂଘର ସଭାପତି ବିକ୍ରମାଦିତ୍ୟ ଶତପଥୀ, ଉପସଭାପତି ଗଣେଶ ଚନ୍ଦ୍ର ପଲେଇ, କୋଷାଧକ୍ଷ ବିଚିତ୍ରା ଶତପଥୀ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଅଜୟ ଲଲ୍ଲୁଙ୍କ ବାଲେଶ୍ୱର ଗସ୍ତ : କର୍ମୀ ମହଲରେ ଉତ୍ସାହ

ବାଲେଶ୍ୱର (ସବ୍ୟୁ) : ଅଖିଳ ଭାରତୀୟ କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଅଜୟ ଲୁଲୁଙ୍କ ବାଲେଶ୍ୱର ଗସ୍ତ କର୍ମୀ ମାନଙ୍କର ଉତ୍ସାହ ପରିଲକ୍ଷିତ ହୋଇଛି।ଆସନ୍ତା ୨୭ ତାରିଖ ରେ ଓଡ଼ିଶାରେ ହେଉ ଥିବା ନାରୀ ନିର୍ଯ୍ୟାତନାର ପ୍ରତିବାଦରେ ବିଧାନ ସଭା ଘେରାଉକୁ ସଫଳ କରିବା ପାଇଁ ସେ ଉପସ୍ଥିତ ସମସ୍ତ କର୍ମୀ ଙ୍କୁ ଆହ୍ୱାନ କରିଥିଲେ। ରବିବାର ଅପରାହ୍ନରେ ବାଲେଶ୍ୱର ଆସିବା ରାସ୍ତାର ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ପରେ ଷ୍ଟେସନ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ବାଲେଶ୍ୱର ସ୍ଥିତ ଟାଉନ ହଲ୍ ପର୍ଯ୍ୟନ୍ତ ନିଆଯାଇଥିଲା ସେଠାରେ ଜିଲ୍ଲା କଂଗ୍ରେସ କମିଟିର ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଭାରୀ ଲଲୁ ଓଡ଼ିଶାର ବୃଦ୍ଧି ପାଉଥିବା ନାରୀ ନିର୍ଯ୍ୟାତନାର ବିରୋଧ ରେ କଂଗ୍ରେସ ଲଢେଇ ଜୋରଦାର କରିବ ବୋଲି କହିଥିଲେ । କଂଗ୍ରେସ ଆନ୍ଦୋଳନ ରୁ ହିଁ ସୃଷ୍ଟି । ତେଣୁ ନାରୀ ନିର୍ଯ୍ୟାତନାକୁ ସେଦଳ କେବେ ସହଜରେ ଗ୍ରହଣ କରିପାରି ବ ନାହିଁ ବୋଲି କହିଥିଲେ । ଅଖିଳ ଭାରତୀୟ କଂଗ୍ରେସ କମିଟି ର ସଦସ୍ୟ ନବଜ୍ୟୋତି ପଟ୍ଟନାୟକ ଉପସ୍ଥିତ ହୋଇ ବାଲେଶ୍ୱର ବାସୀ ଙ୍କ ମନ ଓ ପ୍ରାଣ ସହିତ ସବୁବେଳେ ଅଛନ୍ତି ଏ ଲଢେଇ ରେ ସମସ୍ତେ ସାମିଲ୍ ହୋଇ ନାରୀଙ୍କୁ ନ୍ୟାୟ ଦେବାର ଆବଶ୍ୟକତା ଅଛି ବୋଲି କହି ବିଧାନସଭା ଘେରାଉ କୁ ବ୍ୟାପକ ପାଇଁ ବାଲେଶ୍ୱର ଜିଲ୍ଲା କଂଗ୍ରେସ ର ବିପୁଳ ସହଯୋଗ ଆବଶ୍ୟକ କହି ନିବେଦନ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା ପିସିସି ର ପୂର୍ବତନ ସାଧାରଣ ସମ୍ପାଦକ ପଦ୍ମକାର ଗୁରୁ ପୂର୍ବତନ ବିଧାୟକ ଦେବୀ ପ୍ରସନ ଚଣ୍ଡ ,ସୁଦର୍ଶନ ଜେନା, ସତ୍ୟଶିବ ଦାସ, ସୁଦର୍ଶନ ଦାସ ,ବିଜନ ନାୟକ,ମୋନାଲିସା ସାମଲ, ହିମାଂଶୁ ବେହେରା,ସୁବ୍ରତ ଧଡ଼ା, ଯୁବ ନେତା ସରୋଜ ଲେଙ୍କା ,ତପନ ରାଉତ ,ରଞ୍ଜନ ଦାସ,ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ଗୋପୀନାଥ ପାଢ଼ୀ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା ଗୌତମ ସାହୁ ଦେବଦତ୍ତ ଦାସ, ରଞ୍ଜନ ଦାସ, ପଦ୍ମଲୋଚନ ଲେଙ୍କା ,ଅର୍ଚ୍ଚନା ନନ୍ଦୀ,ଜୟକୃଷ୍ଣ ବେହେରା , ଜ୍ଞାନ ରଞ୍ଜନଙ୍କ ସମେତ ସତ୍ୟନାରାୟଣ ଗୁପ୍ତା ସତ୍ୟସୁନ୍ଦର ଦାସ ,ଶ୍ରୀକାନ୍ତ ଜେନା ,ରାଜେନ୍ଦ୍ର ମହାନ୍ତି, ରାଜୀବ ପରିଡା ,ସନ୍ତୋଷ ଜେନା,ବାବାଜୀ ଦେହୁରୀ ପ୍ରମୁଖ ମଚାସୀନ ଥିଲେ। ଶେଷରେ ହିମାଂଶୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିସୁଟ୍‌ରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ସାମାଜିକ ସେବା ସୋସାଇଟି ପକ୍ଷରୁ ତ୍ରିଲୋଚନ ନେତ୍ରାଳୟ ସହଯୋଗରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଆରମ୍ଭ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଆନୁଷ୍ଠାନିକ ଭାବେ ଶୁଭ ଉଦ୍ଘାଟନ କରିଥିଲେ । ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବ । ପ୍ରଥମ ଦିନରେ ୫୫୦ଜଣ ଛାତ୍ରଛାତ୍ରୀ, ଶିକ୍ଷକ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ନେଇ ରିଫ୍ରେକସନ୍ ପରୀକ୍ଷା ଓ ଅନ୍ୟାନ୍ୟ ପରାମର୍ଶ ଦିଆଯାଇଥିଲା । ଏହି ଶିବିରରେ ପ୍ରାୟ ୨ହଜାରରୁ ଅଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ କୁଳ ସଚିବ ପ୍ରଦୀପ ଡାଙ୍ଗ, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ରାକେଶ ରୋସନ ଦାଶ, ସହଯୋଗୀ ଡିନ୍ ଡ. ପୂଣ୍ୟପ୍ରିୟା ମିଶ୍ର, ସମାଜ ସେବା ସୋସାଇଟିର ଉପସଭାପତି ଡ. ତୃପ୍ତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

**AFFIDAVIT**

By virtue of an affidavit sworn before the Notary Public, Bhubaneswar, vide Regd. Sl. No. 63, dtd. 13.03. 2025 I, Gulzarilal Jena, F/O Vibhaditya Jena, resident of Plot N5/225, IRC Village, Bhubaneswar, Pin-751015 declare that I have changed my daughter's name from Vibhaditya Jena to Vibhadityaa Jena. Henceforth, she shall be known as Vibhadityaa Jena for all future purposes.

## ଡାକ୍ତରଖାନାରେ ଅଗ୍ନିକାଣ୍ଡ : ରୋଗୀ ଆତଙ୍କିତ

ଆଠଗଡ଼ ,(ସବ୍ୟୁ) : ଆଠଗଡ଼ ଡାକ୍ତରଖାନା ରେ ନିମ୍ନ ମାନର କାର୍ଯ୍ୟ ପାଇଁ ଲାଗିଲା ନିଆଁ।ହୁତୁହୁତୁ ହୋଇ ଜଳିଲା ଡାକ୍ତରଖାନା କାନ୍ଥରେ ଲାଗିଥିବା ପଙ୍ଖା।ରାତି ଅଧରେ ନିଆଁ ଦେଖି ସେଠାରେ ଉପସ୍ଥିତ ଥିବା ରୋଗୀ ଏବଂ ରୋଗୀ ସମ୍ପର୍କୀୟଙ୍କ ସହିତ କର୍ମଚାରୀ ମାନେ ମଧ ଆତଙ୍କିତ ହୋଇ ପଡ଼ିଥିଲେ। ଡାକ୍ତରଖାନା କର୍ମଚାରୀ ମାନେ ସେଠାରେ ଥିବା ଅଗ୍ନି ନିର୍ବାପକ ସାହାଯ୍ୟରେ ନିଆଁକୁ ଆୟତ୍ତ କରି ଥିବା ଡ଼ାକ୍ତରଖାନା ଅଧିକ୍ଷକ ଡ଼ା ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି। ତେବେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ନିମ୍ନ ମାନର ବିଦ୍ୟୁତ ଉପକରଣ ସହିତ ଯନ୍ତ୍ରାଂଶ ଲାଗୁଥିବା ଯୋଗୁଁ ଏଭଳି ସ୍ଥିତି ହୋଇ ଥିବା ଅଭିଯୋଗ ହୋଇଛି।ଗତ ଦୁଇ ବର୍ଷ ମଧ୍ୟରେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟର ନବୀକରଣ କାମ ତଥା ପୂର୍ବ ସରକାରଙ୍କ ଫାଇଭ ଟି ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏବେ ସେଗୁଡିକର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

OFFICE OF THE PANCHAYAT SAMITI, GHASIPURA
At/Po.- Ghasipura , Dist.- Keonjhar, Odisha

i-577

Advt. No. 04/ BDO-GHASIPURA/2024-25 Dt:

Tender Call Notice

Online percentage rate tender through "e" procurement are invited from the interested "C & B" Class Contractors registered with the Govt. for execution of 05 nos of Civil works with an Estimated cost of individual work Rs. 2382850/- under Panchayat Samiti, Ghasipura, Keonjhar. The eligible criteria and the details of the tender documents which can be downloaded from the website www.tendersorissa.gov.in. and only view from the website www.kendujhar.nic.in. Interested bidders fulfilling the eligibility criteria may submit their proposals in the above mentioned portal . The bid Documents will be available in the above website from 24.03.2025 11.00 AM up-to 05.04.2025, 05.00 PM. Proposal(s) complete in all respect should submit their application through Online before 05.04.2025 up-to 05.00 PM . The Single cover will be opened on 08.04.2025 at 11.00 A.M. The undersigned reserves the rights to reject the bidders if any documents found incorrect/false at any stage of bidding

Block Development Officer,
Ghasipura Keonjhar

OIPR- 19093/11/0005/2425

## ତୋର୍ ପାର୍ କେ ମୋର୍ ପାହା ନାଟକ ମଞ୍ଚସ୍ଥ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ଆଉ ପ୍ରଦର୍ଶନ ବିଭାଗ ପକ୍ଷରୁ ଆୟୋଜିତ ୫ମ ହୀରାଖଣ୍ଡ ନାଟ୍ୟ ମହୋତ୍ସବର ତୃତୀୟ ସଂଧ୍ୟାରେ 'ତୋର୍ ପାର୍ କେ ମୋର୍ ପାହା' ନାଟକ ମଞ୍ଚସ୍ଥ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ନୃପରାଜ ସାହୁ , ସ୍ନାତକୋତ୍ତର ବିଭାଗ ସମୂହର ଅଧକ୍ଷ ପ୍ରଫେସର ତୁଷାରକାନ୍ତି ଦାସ ଅତିଥି ଭାବେ ଯୋଗଦେଇ ହୀରାଖଣ୍ଡ ନାଟ୍ୟ ମହୋତ୍ସବ ନାଟକର , ବିକାଶ ଦିଗରେ ଏକ ବଳିଷ୍ଠ ଉଦ୍ୟମ ଏବଂ ପ୍ରଦର୍ଶନ କଳା ବିଭାଗର ଛାତ୍ରଛାତ୍ରୀ ଏହାଦ୍ୱାରା ବହୁତ ଉପକୃତ ହେବେ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ । ପ୍ରଦର୍ଶନ କଳା ବିଭାଗର ସଂଯୋଜକ ଡ. ଗୋପୀନାଥ ବାଗ ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମର ନିର୍ଦ୍ଦେଶକ ଅତିଶ୍ କୁମାର ଶତପଥୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଦର୍ଶନ କଳା ବିଭାଗ ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା ଏବଂ ଅଦୃଶ୍ୟ ନାଟ୍ୟର ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ। ନାଟକ ପୂର୍ବରୁ ପ୍ରଦର୍ଶନ କଳା ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେଉରା ଏବଂ ବୈଶାଖି ମହାପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ପରେ ନାଟକ ପ୍ରଦର୍ଶିତ ହୋଇଥିଲା । ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକ ବାଦ୍ୟ ଗଣ୍ଡା ବଜାର ଢୋଲ୍ ବାଦ୍ୟକାର ଅରକ୍ଷିତ ଓ ଡାଲଖାଇ ନୃତ୍ୟ ଶିଳ୍ପୀ ରଏବାରୀର ସମ୍ପର୍କକୁ ନେଇ ବେଶ୍ ଚର୍ଚ୍ଚା। କଳାକୁ ନେଇ ପରସ୍ପର ପ୍ରତି ଥିବା ଦରଦୀ ଥିବା ସମ୍ପର୍କକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖନ୍ତି ଲୋକେ। ହେଲେ ସେ ସବୁକୁ ଖାତିରି ନ କରି ଦୁହେଁ ସମର୍ପିତ କରି ଦିଅନ୍ତି ଲୋକକଳାର ସୁରକ୍ଷା ପାଇଁ। ସେଥିରେ ଯୋଡ଼ି ହୁଏ ଆଉ ଏକ ଚରିତ୍ର ରାଘବ, ଯିଏ କି ଜଣେ ଲୋକ ବାଦ୍ୟ କାରିଗର। ଏହି ତିନି ଚରିତ୍ରର ସଂଘର୍ଷର କାହାଣୀକୁ ନେଇ ଗତିଶୀଳ ଘଟଣା ପ୍ରବାହରେ ଯୋଡ଼ି ହୁଅନ୍ତି ଆଉ ଦୁଇ ଚରିତ୍ର ମୁନା ଆଉ ଗବେଷକ ଆଲୋକ ପଟ୍ଟନାୟକ। ସମୟ ଆସେ ରାଘବ ଦାଦନ ଖଟିବାକୁ ଯାଇଥିବା ପୁଅକୁ ଖୋଜିବା ପାଇଁ ଯାଇ ଆଉ ଫେରେ ନାହିଁ। ରଏବାରୀ ଆରପାରିକୁ ଚାଲିଯାଏ। ଏକଲା ହୋଇଯାଏ ଅରକ୍ଷିତ। ଏଭଳି ବିଷୟ ବସ୍ତୁକୁ ନେଇ ନାଟକଟି ପରିବେଷିତ ହୋଇଥିଲା ।

CAD-2913

obcc
ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
ODISHA BRIDGE & CONSTRUCTION CORPORATION LIMITED
(A Governmeent of Odisha Undertaking under Works Department)

No. 2967 Date : 20.03.2025
File: SMT-1738 (Vol-I)

NOTICE INVITING TENDER

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Online mode) | Period of Completion | Class of Contractor |
|---|---|---|---|---|---|---|---|
| 1 | "Additional works on Development / Upgradation of Existing Fishing Harbour at Dhamara in Bhadrak District" | 45/Tender/ OBCC/ 2024-25 | From 03.04.2025 | On or before 5:30 PM of 23.04.2025 | ₹22,000/- (Including GST) | 12 (Twelve) Calendar Months | 'Special' Class or 'Super' Class |

5. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.

6. OBCC has the right to accept or reject the Notice / RFP without assigning any reasons thereof.

OIPR- 34161/11/0019/2425

Chief General Manager-III

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ୨୧ତମ କଟକ-ବୈଶାଖୀ ବାଣିଜ୍ୟମେଳା ୨୭ ରୁ
# ୬୩୫ ଷ୍ଟଲରେ ଭାଗନେବେ ଦେଶବିଦେଶର ଉଦ୍ୟୋଗୀ

କଟକ, (ସ୍ୱପ୍ର): କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଚଳିତ ମାର୍ଚ୍ଚ ୨୭ ତାରିଖରୁ ଆରମ୍ଭ ହେଉଛି କଟକ-ବୈଶାଖୀ ବାଣିଜ୍ୟମେଳା । ଏହା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ବାଣିଜ୍ୟ ମେଳାରେ ଏସି ହ୍ୟାଙ୍ଗର ଷ୍ଟଲରେ ଦେଶ ବିଦେଶରୁ ବହୁ ବାଣିଜ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରାଯାଇଛି । ବାଣିଜ୍ୟମେଳାରେ ଆଫଗାନସ୍ଥାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ଉଦ୍ୟୋଗୀମାନଙ୍କର ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ସହିତ ଶୁଖିଲା ଖାଦ୍ୟସାମଗ୍ରୀ ଏସି ହ୍ୟାଙ୍ଗର ଷ୍ଟଲରେ ସ୍ଥାନ ପାଇବ । ସେହିଭଳି ଦିଲ୍ଲୀ, ଉତ୍ତରପ୍ରଦେଶ, ରୁଚି-ଫ୍ରୋଜିଟ୍ ପକ୍ଷରୁ ମେଳା ପରିସରରେ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ନେଇ ରୁଚି ଖାଦ୍ୟ ମଣ୍ଡପ ଖୋଲିବ । ମେଳା ବୁଲିବାକୁ ଆସୁଥିବା ଜନସାଧାରଣଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଫୁଡ଼କୋର୍ଟ ଷ୍ଟଲ ରଖାଯାଇଛି । ଓଡ଼ିଶାର ପାରମ୍ପରିକ ଖାଦ୍ୟ ମୁଢ଼ି ମାଂସ, ଛେନାଝିଲି, ରସାବଳୀ ଠାରୁ ନେଇ




କରୁଛନ୍ତି । ଓଡ଼ିଶା ସମେତ ୨୨ଟି ରାଜ୍ୟର କ୍ଷୁଦ୍ର, ମଧ୍ୟମ ଓ ବୃହତ ଔଦ୍ୟୋଗିକ ପ୍ରତିଷ୍ଠାନ ଏବଂ ଜଣାଶୁଣା ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିବେ । ଚଳିତବର୍ଷ ବାଣିଜ୍ୟ ମେଳାରେ ୬୩୫ଟି ଷ୍ଟଲ ଖୋଲିବ । ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ରାଜ୍ୟ ଭାରପ୍ରାପ୍ତ ମୁଖ୍ୟ ସୂଚନା କମିଶନର ସୁଶାନ୍ତ କୁମାର ମହାନ୍ତିଙ୍କୁ ଚଳିତବର୍ଷ ରୁଚି ବୈଶାଖୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି କଟକ ବୈଶାଖୀ ବାଣିଜ୍ୟ ମେଳା କମିଟି ପକ୍ଷରୁ ରବିବାର ଦିନ ବାରବାଟୀ ଗେଷ୍ଟହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଘୋଷଣା ହରିଆଣା, ରାଜସ୍ଥାନ, ବିହାର, ପଶ୍ଚିମବଙ୍ଗ, ମଣିପୁର, ଆସାମ, ଜାମ୍ମୁକାଶ୍ମୀର ରାଜ୍ୟର ବ୍ୟବସାୟୀମାନେ ସେମାନଙ୍କ କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀ ଏଠାରେ ବିକ୍ରୟ କରିବେ । ଏହା ସହିତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମଧ୍ୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ବହୁ ପ୍ରତିଷ୍ଠିତ ଉଦ୍ୟୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି । ଓଡ଼ିଶାର ପ୍ରତିଷ୍ଠିତ ରୁଚି ଫୁଡ୍‌ଲାଇନ୍ ଏହାର ମୁଖ୍ୟ ପ୍ରାୟୋଜକ ଏବଂ ମଲବେରି ସହପ୍ରାୟୋଜକ ରହିଛି ।

ଏହି ଅବସରରେ ରୁଚି ଉଦ୍ୟୋଗ ପକ୍ଷରୁ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ରଖାଯାଇଛି ଏବଂ ରାଜସ୍ଥାନୀ ଖାଦ୍ୟ ଓ ସମସ୍ତ ପ୍ରକାର ଫାଷ୍ଟଫୁଡ୍ ଉପଲବ୍ଧ ହେବ । ଏହି ସାମ୍ବାଦିକ ସମ୍ମିଳନୀରେ ବୈଶାଖୀ ବାଣିଜ୍ୟମେଳା ଆୟୋଜନ ସମିତିର ମୁଖ୍ୟ ପୃଷ୍ଠପୋଷକ ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ପୃଷ୍ଠପୋଷକ ଡ. ରଂଜନ କୁମାର ବିଶ୍ୱାଳ, ମେଳାର ସଂଯୋଜକ ଦେବୀପ୍ରସାଦ ଦାଶ, ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସଂଜୀବ ବେହେରା, କୋଷାଧ୍ୟକ୍ଷ ଦିଲୀପ ସାହୁ, ରମେଶ ଚନ୍ଦ୍ର ସାହୁ, ଗୁପ୍ତା ଇଭେଂଟର ସୁଜିତ୍ ଗୁପ୍ତା ପ୍ରମୁଖ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ରୁଚିର ଲୋକସଂପର୍କ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ଫୁଲନଖରା, (ସବ୍ୟୁ) :କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ଗ୍ରାମ ପଞ୍ଚାୟତବଡଝରିଲୋ ଗ୍ରାମଠାରେ ଗଢି ଉଠିଥିବା ଶିଶୁ ବିକାଶ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଶିକ୍ଷା ବିକାଶ ସଂସ୍ଥାନର ସମ୍ପାଦକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ,ମୁଖ୍ୟବକ୍ତା ଭାବେ କଟକ ଜିଲ୍ଲା କର୍ମଜୀବି ସାମ୍ବାଦିକ ସଂଘ ସଭାପତି ଲଳିତ କୁମାର ଦାଶ ଓ ସମ୍ମାନିତ ଅତିଥିଭାବେ କଟକ ସଦର ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର , ଇଂ ସୁଶାନ୍ତ କୁମାର ତ୍ରିପାଠୀ, ବ୍ରଜକିଶୋର ମହାନ୍ତି ,ଗଣେଶ ଚନ୍ଦ୍ରସାହୁ ପ୍ରମୁଖ ଯୋଗ ଦେଇ ଶିଶୁ ମାନଙ୍କ ବିକାଶ ପାଇଁ ଉପଯୁକ୍ତ ପରିବେଶ ଆବଶ୍ୟକତା ଅଛି ବୋଲି ମତ ପୋଷଣ କରିଥିଲେ । ଅତିଥି ପରିଚୟ ପତ୍ର ଓ ସ୍ୱାଗତ ଭାଷଣ ବିଦ୍ୟାଳୟରପ୍ରତିଷ୍ଠାତା ସଭାପତି ଦୀପକ ମହାପାତ୍ର ପ୍ରଦାନ କରୁଥିବା ବେଳେ ବିଦ୍ୟାଳୟର ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର ଶିକ୍ଷା ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହିକାର୍ଯ୍ୟ କ୍ରମରେ ଗୁରୁଜୀ ଗୁରୁମାମାନେ ଓ ପରିଚାଳନା କମିଟି କର୍ମକର୍ତ୍ତା ମାନେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ଆସନ୍ତା ୨୭ ତାରିଖରେ ବିଧାନସଭା ଘେରିବ କଂଗ୍ରେସ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟରେ ଏବଂ କେନ୍ଦ୍ରରେ ବିଜେପି ସରକାର ଗଠନ କରିବା ପରେ ମହିଳା ମାନଙ୍କ ପ୍ରତି ବିଭିନ୍ନ ପ୍ରକାର ଅତ୍ୟାଚାର ବଢ଼ି ଚାଲିଛି । ରାଜ୍ୟରେ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ଦାବିରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ବିଧାନସଭାରେ ଏହାକୁ ଉପସ୍ଥାପନ କରିବା ସହ ଏକ କମିଟି ଗଠନ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ କଂଗ୍ରେସ ବିଧାୟକ ମାନେ ଦାବି କରିଥିଲେ । ଏହାକୁ ବିରୋଧ କରି ବିଜେପି ବିଧାୟକ ମାନଙ୍କ ମଧ୍ୟରୁ ବିଧାନସଭାରେ ହଟ୍ଟଗୋଳ କରାଗଲା । ବାଚସ୍ପତି ବିଜେପି ବିଧାୟକଙ୍କୁ ନିଲମ୍ବନ ନ କରିବା ପରିବର୍ତ୍ତେ ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ନିଲମ୍ବନ କରିବା କେତେ ଯଥାର୍ଥ ଏବଂ କେତେ ନ୍ୟାୟ ସଙ୍ଗତ ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଡ଼ ଦେବାଶିଷ ପଟ୍ଟନାୟକ ସବିଶେଷ ତଥା ଉପସ୍ଥାପନ କରିଛନ୍ତି ।

ଡ଼ ପଟ୍ଟନାୟକ କହିଛନ୍ତି ରାଜ୍ୟରେ ପାଖାପାଖି ୪୫ ହଜାର ରୁ ଅଧିକ ମହିଳା ଓ ଶିଶୁ ନିଖୋଜ ଅଛନ୍ତି । ବିଜେପି ସରକାରର ୯ ମାସ ମଧ୍ୟରେ ୧୨.୯ ପ୍ରତିଶତ ମହିଳା ବିଭିନ୍ନ ଅତ୍ୟାଚାରର ଶିକାର ହୋଇଛନ୍ତି । ବିଭିନ୍ନ ଥାନାରେ ୧୬୦୦ କେସ ପଞ୍ଜିକୃତ ହୋଇଛି । ନାରୀ ନିର୍ଯ୍ୟାତନାରେ ରାଷ୍ଟ୍ରପତିଙ୍କ ଗାଁ ମଧ୍ୟ ବାଦ୍ ପଡିନି । ତେଣୁ ରାଜ୍ୟରେ ନାରୀଙ୍କ ସୁରକ୍ଷା ଓ ନ୍ୟାୟ ଦାବିରେ ରାଜରାସ୍ତାକୁ ଓହ୍ଲାଇବ ଓ ଜୋରଦାର ଲଢେଇ କରିବ । ଯେ ପର୍ଯ୍ୟନ୍ତ ନାରୀଙ୍କୁ ଉପଯୁକ୍ତ ସମ୍ମାନ ଏବଂ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ କଂଗ୍ରେସ ଦଳ ଲଢେଇ ଜାରି ରଖିବ ବୋଲି ଡ଼ ପଟ୍ଟନାୟକ ସରକାରଙ୍କୁ ଚେତେଇ ଦେଇଛନ୍ତି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନରେ ଏବଂ ନେତୃତ୍ୱରେ ଆସନ୍ତା ୨୭ ତାରିଖ ଦିନ ବିଧାନସଭା ଘେରାଉ କରାଯିବ ବୋଲି ସେ କହିଛନ୍ତି । ସାମ୍ବାଦିକ ସମ୍ମିଳନୀ ଏବଂ ପ୍ରସ୍ତୁତି ବୈଠକରେ ଡ଼ ଦେବାଶିଷ ପଟ୍ଟନାୟକ, ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ ଙ୍କ ସମେତ ଜିଲ୍ଲା ପ୍ରଭାରୀ ମହମ୍ମଦ ଇମଦାଦ,



ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରଣତି ମିଶ୍ର,ବିଧାୟକ ପାର୍ଥ ଅଶୋକ ଦାଶ,ପ୍ରଶାନ୍ତ ଚମ୍ପତି,ପ୍ରକାଶ ଜେନା,ପିସିସି ମୁଖପାତ୍ର ରଜନି କୁମାର ମହାନ୍ତି ,ସୁବ୍ରତ ମହାପାତ୍ର, ଶ୍ରିୟାସ୍ମିତା ପଣ୍ଡା, ଆଶିଷ ମଲ୍ଲିକ,ମିହିର ଆଚାର୍ଯ୍ୟ,ଅକ୍ଷୟ ଦାଶ,ପଟିଆ ଜେନା,ଜ୍ୟୋତି ମହାନ୍ତି,ପ୍ରମୁଖ ବହୁ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଧସ୍ତାଧସ୍ତି, ସୋନାଲି ଆହତ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା କଂଗ୍ରେସ କମିଟି ର କାର୍ଯ୍ୟକାରିଣୀ ବୈଠକ ତଥା ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ ନିମନ୍ତେ ଆୟୋଜିତ ପ୍ରସ୍ତୁତି ବୈଠକରେ ରବିବାର କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଛନ୍ତି । ଏଥିରେ ମହିଳା ନେତ୍ରୀ ସୋନାଲି ସାହୁ ଆହତ ହୋଇଛନ୍ତି। ବରୁଣେଇସ୍ଥିତ କମ୍ୟୁନିଟି ହଲ୍ ଠାରେ ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକ ରେ ପ୍ରଦେଶ କଂଗ୍ରେସ ର ଜାତୀୟ ସହ ପ୍ରଭାରୀ ରୋଜାଲିନ୍ ଟିର୍କି, ଜିଲ୍ଲା କଂଗ୍ରେସ ପ୍ରଭାରୀ ଜୟଶ୍ରୀ ପାତ୍ର, ମିଡିଆ ପ୍ରଭାରୀ ଅମୀୟ ପାଣ୍ଡବ, ସୋନାଲୀ ସାହୁ, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଶିଶିର ପରିଡା ପ୍ରମୁଖ ସାମିଲ ହୋଇ ବିଜେପିର ୮ମାସର ସରକାର ସମୟରେ ମହିଳା ବିରୋଧୀ ହିଂସା ବ୍ୟାପକ ହୋଇଛି । ୧୮ହଜାର ମହିଳା ନିର୍ଯାତନାର ଶିକାର ହେଲେଣି । ଏ ସମ୍ପର୍କରେ ଗୃହରେ ମୁଖ୍ୟମନ୍ତ୍ରୀଙ୍କୁ କଂଗ୍ରେସ ଜବାବ ମାଗିଲେ ସରକାର ଜବାବ ଦେବା ବଦଳରେ ବିଧାନସଭାରେ ଲୋକତନ୍ତ୍ରର କଳା ଅଧ୍ୟାୟ ରଚନା କରିଛନ୍ତି। ବିଜେପିର ଚିତ୍ର ଏବଂ ଚରିତ୍ର ଏବେ ରାଜ୍ୟବାସୀଙ୍କ ସାମ୍ନାକୁ ଆସିଯାଇଛି। ରାଜ୍ୟରେ ୨୫ବର୍ଷ ଶାସନ କାଳରେ ବିଜେଡି ରାଜ୍ୟର ଉନ୍ନତି କରିପାରିଲାନି । ଓଡ଼ିଶା ହେଉଛି ମାଆ ସୁଭଦ୍ରାଙ୍କ ମାଟି। ଏଠି ଘରେ ଘରେ ମାଆ ସୁଭଦ୍ରାଙ୍କ ପୂଜା କରାଯାଏ। ସରକାର ଉତର ଦିଅନ୍ତୁ, କେବେ ଓଡ଼ିଶାର ଘରେ ଘରେ ନିଖୋଜ ହୋଇଥିବା ସୁଭଦ୍ରାଙ୍କୁ ଫେରାଇ ଆଣିବେ ବୋଲି ଉପସ୍ଥିତ ନେତାମାନେ କହିଛନ୍ତି । ତେଣୁ ରାଜ୍ୟରେ ନାରୀ ନିର୍ଯ୍ୟାତନା ବୃଦ୍ଧି ବିରୋଧରେ ବିଧାନସଭା ଘେରାଉ ଲାଗି କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି । ମାତ୍ର ବୈଠକ ର ଶେଷ ପର୍ଯ୍ୟାୟ ବେଳକୁ ହଠାତ୍ କିଛି କର୍ମୀ ଉତ୍ତେଜିତ ହୋଇ ମଂଚ ରେ ବସିଥିବା ନେତ୍ରୀ ସୋନାଲି ସାହୁଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହେବା ସହ ଟେବୁଲ ବାଡେଇ ହୋହାଲା କରିଥିଲେ । ଫଳରେ ସୋନାଲି ସାହୁ ପଡିଯାଇଥିବାବେଳେ ତାଙ୍କ ଗୋଡରେ ଆଘାତ ଲାଗିଛି । ଏନେଇ ସୋନାଲୀ ସାହୁଙ୍କୁ ଯୋଗଯୋଗ କରିବାରେ ସେ କୁହନ୍ତି କିଛି କୁଚକ୍ରୀ ଗୋଷ୍ଠି ଗଣ୍ଡଗୋଳ କରିବାକୁ ତୟାର ହୋଇ ଆସିଥିଲେ । ମାତ୍ର ସେମାନଙ୍କ ଏଭଳି ହୀନଚକ୍ରାନ୍ତ ସବୁ ଉପସ୍ଥିତ ନେତୃବୃନ୍ଦ ଦେଖିଛନ୍ତି । ୟା ଉପରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଶା କରୁଛୁ ।

# ଅଦିନିଆ ବର୍ଷା ଓ କୂଆପଥର ବୃଷ୍ଟି କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର (ସବ୍ୟୁ): ନିକଟରେ ରାଜ୍ୟରେ ବହୁ ଜିଲ୍ଲାରେ ହୋଇଥିବା ଅଦିନିଆ ବର୍ଷା ଓ କୂଆପଥର ବୃଷ୍ଟି ଫଳରେ ବହୁ ଲୋକ ଆହତ ହୋଇଛନ୍ତି ଏବଂ ଧନସମ୍ପତି କ୍ଷୟକ୍ଷତି ହୋଇଛି। ଏହା ଦ୍ୱାରା ବହୁ ଚାଷୀଙ୍କର ଚାଷ ଓ ପନିପରିବା ଫସଲ ନଷ୍ଟ ହୋଇଛି। ଏସବୁ କ୍ଷୟକ୍ଷତିକୁ ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ନବଜ୍ୟୋତି ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ସତ୍ୟଶିବ ଦାସ ଆବାହକ ରହିଛନ୍ତି ସେହିପରି ଯଶୋବନ୍ତ ସିଂହ ଲାଗୁରୀ, ବନ୍ଦିତା ପରିଡ଼ା, ଅଶିତ ପଟ୍ଟନାୟକ,ଗିରିବାଳା ବେହେରା ଓ ଯୋଗୋଶ ଅଗ୍ରୱାଲ ସଭ୍ୟଭାବରେ ରହିଛିନ୍ତି। ଉକ୍ତ କମିଟି ଖୁବଶୀଘ୍ର କ୍ଷତିଗ୍ରସ୍ତ ଜିଲ୍ଲାକୁ ଗସ୍ତ କରିବେ ଏବଂ କ୍ଷୟକ୍ଷତିର ଅନୁଧ୍ୟାନ କରି ଏକ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବେ ବୋଲି ପିସିସି ସଭାପତି ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ।

# ସହିଦନଗର ଦୁର୍ଗାପୂଜାସମିତି ପକ୍ଷରୁ ବିଶ୍ୱ ପଖାଳ ଦିବସ



ଭୁବନେଶ୍ୱର (ସବ୍ୟୁ): ସହିଦନଗର ଦୁର୍ଗା ପୂଜା ସମିତି ପକ୍ଷରୁ ବିଶ୍ ପଖାଳ ଦିବସ ଆୟୋଜନ କରାଯାଇଥିଲାଛଏଥିରେ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ମେୟର ସୁଲୋଚନା ଦାଶ,ବିଧାୟକ ଅରୁଣ ସାହୁ,ବିଧାୟକ ଅନନ୍ତ ନାରାୟଣ ଜେନା, ଏକ୍ରାମ ବିଧାୟକ ବାବୁ ସିଂହ,ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଗୋଲେଖ୍ ମହାପାତ୍ର, ସମୀର ମହାନ୍ତିପ୍ରିୟଦର୍ଶୀ ମିଶ୍ର,ଜଗନ୍ନାଥ ପ୍ରଧାନ,ଏଥିରେ ସମିତିର ସଭାପତି ହେମନ୍ତ କୁମାର ପରିଡା ସମିତିର ସମ୍ପାଦକ ସଚ୍ଚି ନନ୍ଦନ ନାୟକ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପାତ୍ର, ଉପଦେଷ୍ଟା ମନୋରଞ୍ଜନ ଦାଶ, ଉପସଭାପତି ଚନ୍ଦନ କୁମାର ପାଳିତ, କରପୋରେଟର ରାଜକିଶୋର ଦାସ, ଯୁଗ୍ମସଂପାଦକ ବିଶ୍ୱ ପ୍ରସାଦ ମହାନ୍ତି, ସୁଦର୍ଶନ ସାହୁ, ରଞ୍ଜନ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସ୍ମୃତି ରଞ୍ଜନ ଜେନା,ଉପ କୋଷାଧ୍ୟକ୍ଷ ଶ୍ରୀ ଗୋପାଳ କୃଷ୍ଣ ମହାନ୍ତି ଓ କାର୍ଯ୍ୟକାରୀ ସଦସ୍ୟ, ବିଶ୍ୱରଂଜନ ରାୟ,ହରିଶ ପ୍ରସାଦ ରଥ,ଶ୍ରୀ ଆଶିଷ ମହାପାତ୍ର, ଦିଲ୍ଲିପ ଦାଶ, ବିଶ୍ୱ ପ୍ରକାଶ ରାୟ, ଦେବାଶିଷ ସାହୁ,ସନ୍ଦିପ ବେହେରା, ଆଶିଷ ମହାପାତ୍ର, ଜିତେନ୍ଦ୍ର ରାଓ, ଆଦର୍ଶ ପଟ୍ଟନାୟକ, ସନ୍ଦୀପ କୁମାର ବେହେରା, ଦିଲ୍ଲୀପ ମଲ୍ଲିକ, ଶ୍ରୀ ଅଭିମନ୍ୟୁ, ଅସିତ, ଶ୍ରୀ ଶ୍ରୀନୁ , କାହ୍ନୁ ପାତ୍ର, ଭୁବନେଶ୍ୱରର କର୍ପୋରେଟର ମାନେ ଯୋଗ ଦେଇଥିଲେ । ଆଜିର ଏହି ପଖାଳ ଦିବସର ସଫଳତା ପାଇଁ କାର୍ଯ୍ୟକାରୀ ସଭାପତି ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ଆମାଜନ ଫ୍ୟାସନର ନେକ୍ସଟ ଜେନେରେସନ ଷ୍ଟୋରରେ
# ଜେନ ଜେଡ କ୍ରେତାଙ୍କ ସଂଖ୍ୟା ୩ ଗୁଣ ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ) : ଆମାଜନ ଫ୍ୟାଶନ ଏହାର ନେକ୍ସଟ ଜେନ ଷ୍ଟୋର ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ୨୦୨୩ ମସିହାରେ ଜେନେରାଲ ଜେଡ୍ ପାଇଁ ଭାରତର ପ୍ରଥମ ଉତ୍ସର୍ଗୀକୃତ ଡିଜିଟାଲ୍ ଫ୍ୟାସନ୍ ହବ ଭାବରେ ଆରମ୍ଭ ହୋଇଥିବା ଏହି ଅଭିନବ ଷ୍ଟୋରଫ୍ରଂଟ ଜେନ ଜେଡ ଗ୍ରାହକଙ୍କ ସଂଖ୍ୟାରେ ୩ ଗୁଣ ବୃଦ୍ଧି ଏବଂ ଟିୟର ୨ ସହରଗୁଡ଼ିକରୁ ଆହୁରି ଉଲ୍ଲେଖନୀୟ ୪ ଗୁଣ ବିକ୍ରି ବୃଦ୍ଧିକୁ ପ୍ରୋତ୍ସାହିତ କରିଛି । ଯାହା ଭାରତର ଭୂଗୋଳରେ ଟ୍ରେଣ୍ଡ-ଫରୱାର୍ଡ ଫ୍ୟାସନର ଲୋକପ୍ରିୟତାକୁ ଦର୍ଶାଉଛି। ୨ ନିୟୁତରୁ ଅଧିକ ଉତ୍ପାଦ ସହିତ ୩୪୦ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡର ଏକ ବିସ୍ତୃତ ପୋର୍ଟଫୋଲିଓ ଥିବା ଏହି ଅନଲାଇନ୍ ଷ୍ଟୋର ଡିଜିଟାଲ-ନେଟିଭ୍ ଫ୍ୟାସନ ଉପଭୋକ୍ତାଙ୍କ ପାଇଁ ଉଭୟ ଉପଲବ୍ଧତା ଏବଂ ଅଭିବ୍ୟକ୍ତି ଚାହୁଁଥିବା ନିଶ୍ଚିତ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ପ୍ରତିଷ୍ଠିତ କରିଛି । ଏହି ଗତିକୁ ବଜାୟ ରଖିବା ପାଇଁ ଆମାଜନ ଫ୍ୟାଶନ ମାର୍ଚ୍ଚ ୨୦ ରୁ ୨୪ ତାରିଖ ପର୍ଯ୍ୟନ୍ତ ବହୁ ପ୍ରତୀକ୍ଷିତ ନେକ୍ସଟ ଜେନ ଅନଲାଇନ ସପିଂ ଇଭେଂଟ ଆୟୋଜନ କରିବ, ଯେଉଁଥିରେ ଯୁବ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରୁଥିବା କ୍ୟୁରେଟେଡ୍ କଲେକ୍ସନ ଉପରେ ୬୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ୱାଇ୨କେ ବାଡି, ୯୦ ଦଶକର ଗ୍ରୁଞ୍ଜ, ଷ୍ଟ୍ରିଟ୍ ଷ୍ଟାର ଏବଂ ସଫ୍ଟ ବୟ ଭଳି ସମସାମୟିକ ଶୈଳୀର କାହାଣୀ ସହିତ ଜେନ୍ ଜେଡ୍ ଲେନ୍ସ ମାଧ୍ୟମରେ ପୁନଃପରିକଳ୍ପିତ ଫ୍ୟାସନ ଷ୍ଟେପଲ୍ ଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏସମ୍ପର୍କରେ ଆମାଜନ ଫ୍ୟାଶନ ଆଣ୍ଡ ବିୟୁଟି ଇଣ୍ଡିଆର ନିର୍ଦ୍ଦେଶକ ସିଦ୍ଧାର୍ଥ ଭଗତ କହିଛନ୍ତି ଯେ ଆମର ନେକ୍ସଟ ଜେନେରେସନ ଷ୍ଟୋରର ଉଲ୍ଲେଖନୀୟ ଅଭିବୃଦ୍ଧି ଭାରତର ଫ୍ୟାଶନ ଇକୋସିଷ୍ଟମରେ ଏକ ମୌଳିକ ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ।

# କୃଷକଙ୍କ ସ୍ୱାର୍ଥରେ ଜୌରା ନଦୀ ବଞ୍ଚାଅ ଆନ୍ଦୋଳନର ଶୁଭାରମ୍ଭ କଲା ବିଜେଡ଼ି

ଭୁବନେଶ୍ୱର, (ସବ୍ୟୁ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ ଅନ୍ତର୍ଗତ ଆଠଟି ପଞ୍ଚାୟତର କୃଷକମାନଙ୍କୁ ପ୍ରଭାବିତ କରୁଥିବା ଜଳ ସଙ୍କଟର ମୁକାବିଲା ପାଇଁ ବିଜୁ ଜନତା ଦଳ ଜୌରା ନଦୀ ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରିଛି। ଇନ୍ଦ୍ରାବତୀ ନଦୀର ଏକ ଗୁରୁତ୍ୱପୂର୍ଣ୍ଣ ଉପନଦୀ ଜୌରା ନଦୀର ପ୍ରାକୃତିକ ପ୍ରବାହର ଜଳ ଧାରା ପରିବର୍ତ୍ତନ ଜନିତ ଉପୁଜିଥିବା ଗୁରୁତର ସମସ୍ୟା ଏହି ଅଞ୍ଚଳରେ କୃଷି ଉପରେ ଗୁରୁତର ପ୍ରଭାବ ପକାଇଛି। ଜଳସେଚନ ବିଭାଗ 'ଜୌରା ନଦୀ'ର ପ୍ରାକୃତିକ ପ୍ରବାହକୁ ସୀମିତ କରିଦେବା ଦ୍ୱାରା କୋଟପାଡ଼ ବ୍ଲକର ଆଠଟି ପଞ୍ଚାୟତରେ ଉତ୍କଟ ଜଳାଭାବ ସୃଷ୍ଟି ହୋଇଛି ଏବଂ ୫୦୦ରୁ ଅଧିକ ଉଠାଜଳସେଚନ କେନ୍ଦ୍ର ବନ୍ଦ ହୋଇ ଚାଷୀ ସମ୍ପ୍ରଦାୟକୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଛି। ଏହାର ଆଶୁ ସମାଧାନ ନିମନ୍ତେ କୋରାପୁଟ ଜିଲ୍ଲାର ବରିଷ୍ଠ ବିଜେଡ଼ି ନେତାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅଭିପ୍ରେତ ବୋଲି ବରିଷ୍ଠ ବିଜେଡି ନେତାମାନେ କହିଛନ୍ତି ।

ସେମାନେ ଅଭିଯୋଗ କରିଛନ୍ତି ଯେ, ଇନ୍ଦ୍ରାବତୀ ଜଳ ବନ ଚୁକ୍ତି ଅନୁଯାୟୀ ଉଭୟ ଓଡ଼ିଶା ଏବଂ ଛତିଶଗଡ଼ ସମ ପରିମାଣର ନଦୀ ଜଳ ପାଇବା କଥା । କିନ୍ତୁ ବିଜେପି ନେତୃତ୍ୱାଧୀନ ଓଡିଶା ସରକାର ଛତିଶଗଡ ସପକ୍ଷରେ କାର୍ଯ୍ୟ କରୁଛନ୍ତି ଓ ଏହାର ଫଳସ୍ୱରୁପ ଏହି ଅଞ୍ଚଳର କୃଷି ଓ ଜଳସେଚନ ପ୍ରଭାବିତ ହୋଇଛି। ଏହି ଆନ୍ଦୋଳନରେ ପୂର୍ବତନ ମନ୍ତ୍ରୀ ରବି ନନ୍ଦ, ପୂର୍ବତନ କୋରାପୁଟ ସାଂସଦ ଝିନ ହିକାକା, ପୂର୍ବତନ ଜିଲ୍ଲା ସଭାପତି (କୋରାପୁଟ) ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ୍, ପୂର୍ବତନ ବିଧାୟକ (କୋଟପାଡ଼) ଚନ୍ଦ୍ର ଶେଖର ମାଝୀ, ପୂର୍ବତନ ବିଧାୟକ (ପଟାଙ୍ଗୀ) ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ପ୍ରୀତମ ପାଢ଼ୀ ଏବଂ ପୂର୍ବତନ ବିଧାୟକ ପ୍ରଭୁ ଜାନିଙ୍କ ସମେତ ଅନେକ ପ୍ରମୁଖ ବିଜେଡ଼ି ନେତା ଅଂଶଗ୍ରହଣ କରିଥିଲେ। ଜୌରା ନଦୀର ପ୍ରାକୃତିକ ପ୍ରବାହକୁ ପୁନରୁଦ୍ଧାର କରିବା ଏବଂ ହଜାର ହଜାର କୃଷକଙ୍କ ଜୀବିକା ରକ୍ଷା ପାଇଁ ଜଳ ବନକୁ ସଂଶୋଧନ କରିବା ନିମନ୍ତେ ବିଜୁ ଜନତା ଦଳ ରାଜ୍ୟ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଦାବି କରିଛି। ବିଜେଡ଼ି ସର୍ବଦା କୃଷକମାନଙ୍କ ସହିତ ଅଛି ଏବଂ ସେମାନଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରଖିବ ବୋଲି ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଓଇଏସ୍‌ର ବିଶ୍ୱ ଜଳ ଦିବସ କାର୍ଯ୍ୟକ୍ରମ
# ଜଳର ସୁରକ୍ଷା ଓ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ

ଭୁବନେଶ୍ୱର, (ସବ୍ୟୁ): ଜଳ ହିଁ ଜୀବନ, କାରଣ ଆମ ଶରୀରରେ ଏକ ଉପାଦାନ ରୂପେ ଏହା ୫୫ ପ୍ରତିଶତରୁ ଅଧିକ ମାତ୍ରାରେ ଉପଲବ୍ଧ ଅଛି । ପୃଥିବୀର ୭୧ ଶତାଂଶ ଜଳ ଆଚ୍ଛାଦିତ ହୋଇଥିଲେ ସୁଦ୍ଧା ସମଗ୍ର ବିଶ୍ୱରେ ଜଳ ଆଜି ଏକ ଦୁର୍ଲଭ ପଦାର୍ଥରେ ପରିଣତ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି ଜନସଂଖ୍ୟା ବିସ୍ଫୋରଣ ସହିତ ଘରୋଇ, କୃଷି, ଶିଳ୍ପ ଏବଂ ବ୍ୟବସାୟିକ, ପ୍ରତ୍ୟେକ କ୍ଷେତ୍ରରେ ଜଳର ବ୍ୟବହାରରେ ଅନିୟନ୍ତ୍ରିତ ବୃଦ୍ଧି ଘଟୁଛି । ଅନ୍ୟ ପକ୍ଷରେ, ଜଳ ଉତ୍ସସବୁରେ ନକାରାତ୍ମକ ମାନବୀୟ କାର୍ଯ୍ୟକଳାପର ପ୍ରଭାବରେ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇ ଏହା ବ୍ୟବହାର ଅନୁପଯୁକ୍ତ ହେଉଛି ଏବଂ ଯେଉଁମାନେ ବିଷାକ୍ତ ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି ସେମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ହେଉଛନ୍ତି, ଏପରିକି ମୃତ୍ୟୁ ମୁଖରେ ପଡୁଛନ୍ତି । ପୁନଶ୍ଚ, ବର୍ତ୍ତମାନର ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜଳ ସଙ୍କଟ, ବିଶେଷ ରୂପେ ଗ୍ରୀଷ୍ମ ଋତୁରେ, କ୍ରମେ ଆହ୍ୱାନକାରୀ ପାଲଟିଛି । ଏପରି ଦୃଶ୍ୟପଟ୍ଟରେ, ଜଳ ସମ୍ପଦର ସୁରକ୍ଷା ଓ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ ହେବା ଏକାନ୍ତ ବାଞ୍ଛନୀୟ । ଓଡ଼ିଶା ପରିବେଶ ସମିତି (ଓଇଏସ୍) ଏବଂ ବିକାଶ ଆବାସିକ ବିଦ୍ୟାଳୟ, କଣ୍ଟାବାଡ଼, ଭୁବନେଶ୍ୱରର ମିଳିତ ଅନୁକୁଲ୍ୟରେ ବିଶ୍ୱ ଜଳ ଦିବସ ପାଳନ ଅବସରରେ କାର୍ଯ୍ୟକ୍ରମର ଅତିଥିମାନେ ଚଳିତ ବର୍ଷର ପ୍ରସଙ୍ଗ 'ହିମବାହ



ସଂରକ୍ଷଣ' ଉପରେ ଆଲୋଚନା କରି ଏପରି ମତ ବ୍ୟକ୍ତ କରିଛନ୍ତି ।

ବିଦ୍ୟାଳୟର ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତିତ୍ୱକରି ବିଦ୍ୟାଳୟର ଅଧ୍ୟକ୍ଷ ଆର୍ ବିଜୟ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ରୂପେ ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଯୋଗଦାନ କରି ବ୍ୟକ୍ତ କରିଥିଲେ ଯେ ଆମ ଗ୍ରହରେ ଜୀବଜଗତର ତିଷ୍ଠିବା ଜଳର ଉପଲବ୍ଧି ସହିତ ଓତପ୍ରୋତଃ ଭାବରେ ଜଡ଼ିତ । ପରବର୍ତ୍ତୀ ପିଢ଼ି ନିମନ୍ତେ ଆବଶ୍ୟକ ପ୍ରଦୂଷଣମୁକ୍ତ, ବିଶୁଦ୍ଧ ଜଳ କିପରି ପର୍ଯ୍ୟାପ୍ତ ପରିମାଣରେ ମିଳିବ, ସେଥି ନିମନ୍ତେ ଆଜିର ଯୁବ ପିଢ଼ି ଯଥେଷ୍ଟ ଯତ୍ନବାନ ହେବା ସହ ଜଳର ମିତବ୍ୟୟିତା ବିଷୟରେ ଲୋକମାନଙ୍କୁ ସଚେତନ କରିବା ଆବଶ୍ୟକ । ମୁଖ୍ୟବକ୍ତା ରୂପେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ଲାଇଡ଼ ପ୍ରଦର୍ଶନ ମାଧ୍ୟମରେ ବିଷୟବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାପମାତ୍ରା ବୃଦ୍ଧି ଦ୍ୱାରା ପର୍ବତ ଶିଖରସ୍ଥ ହିମବାହ ତଥା ମେରୁ ଅଞ୍ଚଳର ବରଫ କିପରି ତରଳିବାରେ ଲାଗିଛି ତାହା ବର୍ଣ୍ଣନା କରିଥିଲେ । ବିଶ୍ୱର ପ୍ରାୟ ୭୦% ମଧୁର ଜଳ ଏସବୁ ଅଞ୍ଚଳରେ ଗଚ୍ଛିତ ରହିଥାଏ । ହିମବାହ ଯଦି ଉତ୍ତାପ ପ୍ରଭାବରେ ତ୍ୱରିତ୍ ବେଗରେ ତରଳି ଯାଏ, ତେବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ନଦୀମାନଙ୍କରେ ଜଳ ଉପଲବ୍ଧ ହେବନାହିଁ । ଏହା କେବଳ ମାନବସମାଜ ପାଇଁ ନୁହେଁ, ଜଳୀୟ ପରିସଂସ୍ଥା ଏବଂ ସ୍ଥଳଭାଗର ବହୁ ଜୀବଜନ୍ତୁଙ୍କର ଜଳାଭାବରେ ମୃତ୍ୟୁ ଘଟିବାର ସମ୍ଭାବନା ସୃଷ୍ଟି କରିବ । ତେଣୁ ବେଳହୁଁ ସାବଧାନ ହୋଇ ଜଳଉତ୍ସକୁ ସୁରକ୍ଷିତ ରଖିବା ଆମର ନୈତିକ କର୍ତ୍ତବ୍ୟ ବୋଲି ସେ ବ୍ୟକ୍ତ କରିଥିଲେ । ଓଇଏସ୍ ଆଜୀବନ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା ଏବଂ ପର୍ଶୁରାମ ପଣ୍ଡା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରସଙ୍ଗ ଉପରେ କୁଇଜ୍, ଚିତ୍ରାଙ୍କନ ଏବଂ ଭାଷଣ ପ୍ରତିଯୋଗିତା ପରିଚାଳନା କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ, ବିଦ୍ୟାଳୟର ସଭାପତି ଭି ଶ୍ରୀନିବାସ, ଉପାଧ୍ୟକ୍ଷ ସଞ୍ଜୀବ କୁମାର ଦାସ, ଡ. ଲାଲା ଏକେ ସିଂହ, ପ୍ରଫେସର ନିମାଇ ଚରଣ ମିଶ୍ର, ଇଂ ବିମଳ ଦାଶ, ବିଶ୍ୱନାଥ ପୁହାଣ, ଏକାଦଶୀ ନନ୍ଦୀ, ଇଂ ଅଶୋକ କୁମାର ବେହେରା ଏବଂ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ଚାରି ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ଓଇଏସ୍ ସଦସ୍ୟ ଯୋଗଦାନ କରିଥିଲେ ।

## ମହିଳାଙ୍କ ସ୍ୱାସ୍ଥ୍ୟଗତ ସମୃଦ୍ଧିକୁ ଗୁରୁତ୍ୱ
# ଏସ୍‌ଏସ୍‌ଟି ଡେଭଲପର୍ସ ପକ୍ଷରୁ ଗଣଦୌଡ




ଭୁବନେଶ୍ୱର (ସବ୍ୟୁ): ମହିଳାଙ୍କ ତ୍ୟାଗ ଓ ପ୍ରତିଭାକୁ ସମର୍ଥନ ଜଣାଇ ମାର୍ଚ୍ଚ ୮ ରେ ସାରା ବିଶ୍ୱ ପାଳନ କରୁଛି ବିଶ୍ୱ ମହିଳା ଦିବସ । ତେବେ ଏହି ସବୁ ଭିତରେ ମହିଳାଙ୍କ ସମୃଦ୍ଧି ପାଇଁ ଯେମିତି ଲିଙ୍ଗଗତ ବିଭେଦ ମାନସିକତା ଦୂରେଇବାର ଆବଶ୍ୟକତା ରହିଛି ସେହିଭଳି ଉପଯୁକ୍ତ ସ୍ୱାସ୍ଥ୍ୟର ବି ଗୁରୁତ୍ୱ ରହିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଜଣାଶୁଣା ବିଲଡ଼ର ସଂସ୍ଥା ଏସ୍‌ଏସ୍‌ଟି ଡେଭଲପର୍ସ ପକ୍ଷରୁ ଭୁବନେଶ୍ୱର ବାଲିଅନ୍ତା ଅଟଳଗଡ଼ ଠାରେ ଆୟୋଜିତ ହୋଇଯାଇଛି ଗଣଦୌଡ଼ । ଏଥିରେ ବହୁ ସଂଖ୍ୟାରେ ଯୁବପିଢ଼ିଙ୍କ ଠାରୁ ନେଇ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ ଅନ୍ତର୍ଜାତୀୟ ପର୍ବତାରୋହି, ରାଜନେତା ସିଦ୍ଧାର୍ଥ ରାଉତରାୟ ଓ ଲୋକପ୍ରିୟ ରୋଜିସ କିଚେନର ମୁଖ୍ୟ ଓ ମହିଳା ଉଦ୍ୟୋଗୀ ସରୋଜା ଚୌଧୁରୀ । ସରୋଜା କହିଛନ୍ତି ସ୍ୱାସ୍ଥ୍ୟ ହିଁ ସମ୍ପଦ, ଆମ ପ୍ରତିଦିନ ଜୀବନରେ ନିଜକୁ ସୁସ୍ଥ ରଖିବା ପାଇଁ ଯୋଗ ପ୍ରାଣାୟମ, ଖେଳ ଆଦିକୁ ସାମିଲ କରିବା ନିହାତି ଦରକାର । ନିଜର ସ୍ୱାସ୍ଥ୍ୟ ସୁସ୍ଥ ନରହିଲେ କେବେ ହେଲେ ଜଣେ ସଫଳତା ପାଖରେ ପହଞ୍ଚି ପାରିବ ନାହିଁ । ସେ କିଭଳି ନିଜକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ବ୍ୟାୟମ ଓ ଯୋଗ କରନ୍ତି ସେନେଇ ସୂଚନା ଦେବା ସହ ବିଭିନ୍ନ ପରାମର୍ଶ ଦେଇଛନ୍ତି । ସେହିଭଳି ସିଦ୍ଧାର୍ଥ ରାଉତରାୟ କହିଛନ୍ତି ଯଦି ଆମକୁ ଓଡ଼ିଶାକୁ ନମ୍ବର ୱାନ କରିବାର ଅଛି ତାହେଲେ ଆମ ଓଡ଼ିଆଙ୍କୁ ପ୍ରଥମେ ଫିଟ୍ ରହିବାକୁ ପଡ଼ିବ । ଅଳସୁଆ ହେଲେ ଆମେ ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ନାହିଁ । ସେ ଆହୁରି ମଧ୍ୟ କହିଛନ୍ତି ମହିଳା ମାନଙ୍କୁ ସୁସ୍ଥ ରଖିବା ପାଇଁ ସବୁ ପଞ୍ଚାୟତରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଉ । ଏସଏସଟି ଡେଭଲପର୍ସର ଏଚଆର ସୁଚିସ୍ମିତା ପତି କାର୍ଯ୍ୟକ୍ରମର ଆଭିମୁଖ୍ୟ ନେଇ ଆଲୋକପାତ କରିଥିଲେ । ଚଳିତ ବର୍ଷ ପ୍ରଥମ ଥର ପାଇଁ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ନେଇ ସଚେତନ ସୃଷ୍ଟି କରିବାକୁ ଆୟୋଜିତ ହୋଇଯାଇଛି ଗଣଦୌଡ଼ । ଆଗାମୀ ଦିନରେ କିଭଳି ଏହାକୁ ବ୍ୟାପକ କରାଯିବ ଓ ଅଧିକ ଅଧିକ ଜନ ସଚେତନତା ସୃଷ୍ଟି କରାଯାଇ ପାରିବ ସେନେଇ ଅନୁଷ୍ଠାନ ଦୃଷ୍ଟି ଦେବ ବୋଲି ସେ କହିଛନ୍ତି ।

# ପାକିସ୍ତାନ-ବେଲୁଚି ବିଦ୍ରୋହୀଙ୍କ ମଧ୍ୟରେ ତୀବ୍ର ସଂଘର୍ଷ



**କରାଚୀ:** ପାକିସ୍ତାନ ଏବଂ ବେଲୁଚିସ୍ତାନ ବିଦ୍ରୋହୀମାନଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ଅଧିକ ବ୍ୟାପକ ହୋଇଛି । ଆଜି ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସଂଘର୍ଷରେ ୪ ପୁଲିସ କର୍ମୀଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରେ ଚାରି ଜଣ ଶ୍ରମିକ ମଧ୍ୟ ଅନ୍ତର୍ଭୁକ୍ତଛ ସୂଚନା ଅନୁଯାୟୀ, ବେଲୁଚିସ୍ତାନ ପ୍ରଦେଶରେ ପୃଥକ ପୃଥକ ଘଟଣାରେ ଅଜ୍ଞାତ ବନ୍ଧୁକଧାରୀମାନେ ଚାରି ଜଣ ପୁଲିସ କର୍ମଚାରୀ ଏବଂ ଚାରି ଜଣ ଶ୍ରମିକଙ୍କୁ ହତ୍ୟା କରିଛନ୍ତି । ପ୍ରଥମ ଘଟଣା ଶନିବାର ଦିନ ନୋଶକି ସହରର ଘାରିବାବାଦ ଅଞ୍ଚଳରେ ଘଟିଥିଲା, ଯେଉଁଠାରେ ମୋଟରସାଇକେଲ ଆରୋହୀମାନେ ଏକ ପାଟ୍ରୋଲିଂ ପୁଲିସ ଦଳ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ଚାରି ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା । ସେପଟେ ବେଲୁଚିସ୍ତାନ ପୋଷ୍ଟ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓ ଅନୁସାରେ, ପାକିସ୍ତାନର କ୍ୱେଟାରେ ପୋଲିସ ପ୍ରତିବାଦକାରୀଙ୍କ ମୁଣ୍ଡରେ ସିଧାସଳଖ ଗୁଳି କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି । ବେଲୁଚିସ୍ତାନରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର ଗୁଳିଚାଳନା ଓ ଲାଠିମାଡ ଘଟଣାରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ଗୁଳିଚାଳନା ଯୋଗୁଁ ଆହତ ହୋଇଛନ୍ତି, ଯେତେବେଳେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି ।

ଦ୍ୱିତୀୟ ଆକ୍ରମଣଟି କଳାତର ମାଙ୍ଗୋଚର ସହରର ମଲାଙ୍ଗଜାଇ ଅଞ୍ଚଳରେ ଘଟିଥିଲା, ଯେଉଁଥିରେ ପଞ୍ଜାବ ପ୍ରଦେଶର ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ପୁଲିସ ଅଧିକାରୀ ହାସିମ ଖାନ ଗଣମାଧ୍ୟମକୁ କହିଛନ୍ତି ଯେ ପୁଲିସ କର୍ମଚାରୀଙ୍କ ମୃତଦେହକୁ ହସ୍ପିଟାଲକୁ ପଠାଯାଇଛି ଏବଂ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛି । କଳାଟ ଡେପୁଟି ପୁଲିସ କମିଶନର ଜମିଲ ବାଲୋଚ୍ କହିଛନ୍ତି ଯେ ଦ୍ୱିତୀୟ ଆକ୍ରମଣରେ ପ୍ରଭାବିତ ଶ୍ରମିକମାନେ ପଞ୍ଜାବ ପ୍ରଦେଶର ସାଦିକାବାଦର ବାସିନ୍ଦା ଏବଂ ବୋରୱେଲ ଖୋଳିବାରେ ନିୟୋଜିତ ଥିଲେ । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣର ଦାୟିତ୍ୱ ନେଇନାହିଁ ।

ସେପଟେ ବେଲୁଚିସ୍ତାନ ପୋଷ୍ଟ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓ ଅନୁସାରେ, ପାକିସ୍ତାନର କ୍ୱେଟାରେ ପୋଲିସ ପ୍ରତିବାଦକାରୀଙ୍କ ମୁଣ୍ଡରେ ସିଧାସଳଖ ଗୁଳି କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛିଛ ବେଲୁଚିସ୍ତାନରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର ଗୁଳିଚାଳନା ଓ ଲାଠିମାଡ ଘଟଣାରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ଗୁଳିଚାଳନା ଯୋଗୁଁ ଆହତ ହୋଇଛନ୍ତି, ଯେତେବେଳେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି ।

# ସ୍କୁଲରେ ମିଳିଲା ୨୦ କୋଟି ବର୍ଷ ପୁରୁଣା ଡାଇନୋସର ପାଦଚିହ୍ନ



**ନୂଆଦିଲ୍ଲୀ:** ଗବେଷକମାନେ ଅଷ୍ଟ୍ରେଲିଆର କୁଇନ୍ସଲ୍ୟାଣ୍ଡର ଏକ ଗ୍ରାମୀଣ ବିଦ୍ୟାଳୟରେ ଡାଇନୋସର ପାଦଚିହ୍ନ ଆବିଷ୍କାର କରିଛନ୍ତି । ଯାହା ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏକ ସାଧାରଣ ପଥର ଉପରେ ରହିଛି । ବିଦ୍ୟାଳୟର ପ୍ରବେଶ ପଥରେ ମିଳିଥିବା ଏହି ପଥରକୁ ନେଇ କୁଇନ୍ସଲ୍ୟାଣ୍ଡ ୟୁନିଭରସିଟିର ଜୀବାଶ୍ମ ବିଜ୍ଞାନୀ ଆନ୍ଥୋନୀ ରୋମିଲିଓ କହିଛନ୍ତି ,ବିଦ୍ୟାଳୟର ପ୍ରବେଶ ପଥରେ ମିଳିଥିବା ଏହି ପଥରରେ ୬୬ଡାଇନୋସର ପାଦଚିହ୍ନ ରହିଛି, ଯାହା ପ୍ରାୟ ଏକ ବର୍ଗ ମିଟରରେ ବିସ୍ତୃତ । ଯାହା ଜୁରାସିକ୍ ସମୟର ଝଲକ ପ୍ରଦାନ କରୁଛି । ଏହି ଆବିଷ୍କାର ଆହୁରି ଗୁରୁତ୍ୱପୂର୍ଣ୍ଣ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ କୌଣସି ଡାଇନୋସର ହାଡ ମିଳି ନାହିଁ ।

ଅଷ୍ଟ୍ରେଲିଆରେ ଡାଇନୋସର ଜୀବାଶ୍ମ ସଂଖ୍ୟା ବହୁତ ଅଧିକବୋଲି ରୋମିଲିଓ କହିଛନ୍ତି । ଏହି ପାଦଚିହ୍ନ ପ୍ରାୟ ୨୦ କୋଟି ବର୍ଷ ପୁରୁଣା । ଏହାକୁ ନେଇ ରୋମିଲିଓ କହିଛନ୍ତି ଯେ, ସମ୍ଭବତଃ ସେମାନେ ଛୋଟ ଶରୀର ଓ ଦୁଇ ଗୋଡ଼ ବିଶିଷ୍ଟ, ଉଦ୍ଭିଦ ଖାଉଥିବା ଡାଇନୋସର ଥିଲେ । ସେଥିମଧ୍ୟରୁ ଗୋଟିଏ ହେଉଛି ଅନୋମାଇପସ୍ ସ୍କାମ୍ବସ୍ ।

ଏହି ପଥର ଉପରେ ଶହେଟି ବୃତ୍ତ ରହିଛି , ଯାହା ଦ୍ରୁତ ବେଗରେ ପ୍ରବାହିତ ନଦୀରେ ଥିବା ସୂଚନା ଦେଉଛି । ରୋମିଲିଓ ଏକ ଭିଡିଓରେ କହିଛନ୍ତି ଯେ, ଏହି ଜୀବଜନ୍ତୁମାନେ ପଙ୍କରୁ ଯାହା ପାଇଲେ ତାହା ଖାଉଥିଲେ । ଏକ ଜଳପଥ ଅତିକ୍ରମ କରିବା ସମୟରେ ସମ୍ଭବତଃ ଏହି ପାଦ ଚିହ୍ନ ରହିଯାଇଛି ।

ବିଲୋଏଲା ଷ୍ଟେଟ୍ ହାଇସ୍କୁଲର ଏକ କୋଣରୁ ମିଳିଥିବା ଏହି ଜୀବାଶ୍ମ ପଥରଟି ପ୍ରଥମେ ୨୦୦୨ରେ କାଲିଡ୍ କ୍ୱାରିରେ ଆବିଷ୍କୃତ ହୋଇଥିଲା ଏବଂ ଏହାକୁ ଏକ ଭୂବିଜ୍ଞାନୀଙ୍କ ଦ୍ୱାରା ବିଦ୍ୟାଳୟକୁ ଦିଆଯାଇଥିଲା, ତାଙ୍କର ପତ୍ନୀ ସେହି ସମୟରେ ସେଠାରେ ଶିକ୍ଷକ ଥିଲେ । ଅବଶ୍ୟ, ରୋମିଲିଓ ଏହାକୁ ଲକ୍ଷ୍ୟ କରିବା ପୂର୍ବରୁ ଏହାର ମହତ୍ତ୍ୱ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଜ୍ଞାତ ରହିଥିଲା ।

ଏହି ଆବିଷ୍କାରକୁ ନେଇ ସ୍କୁଲର ଡେପୁଟି ପ୍ରିନ୍ସପାଲ କହିଛନ୍ତି ଯେ, ଆଚମ୍ବିତ କରିଛି, ଟିକେ ଆଶ୍ଚର୍ଯ୍ୟଜନକ ଏବଂ ରୋମାଞ୍ଚକର ଅଟେ । ସେ କହିଥିଲେ ଯେ, କିପରି ପଥରଟି ଦୀର୍ଘ ସମୟ ଧରି ସାର୍ବଜନୀନ ସ୍ଥାନରେ ପଡି ରହିଥିଲା ।

# ଋଷରେ ହୋଇଥିଲା ଭୟାନକ ରିସର୍ଚ୍ଚ? ନିଜ ଦେହର ମାଂସ ଖାଉଥିଲେ କଏଦୀ



**ନୂଆଦିଲ୍ଲୀ:** ବିଶ୍ୱର ବିଭିନ୍ନ ସ୍ଥାନରେ ଅନେକ ପ୍ରକାରର ପରୀକ୍ଷଣ ବା ଏକ୍ସପେରିମେଣ୍ଟ କରାଯାଏ । କେତେକ ପରୀକ୍ଷଣ ବିଷୟରେ ସମସ୍ତେ ଜାଣିଥାଆନ୍ତି, ଆଉ କିଛି ଗୋପନୀୟ ଭାବେ କରାଯାଇଥାଏ ।ଯାହା ସାଧାରଣରେ ପ୍ରକାଶ ପାଏ ନାହିଁ । କୁହାଯାଏ ଯେ ୧୯୪୦ ଦଶକରେ ଏପରି ଏକ ପରୀକ୍ଷଣ ହୋଇଥିଲା, ଯାହା ବିଷୟରେ ଶୁଣିଲେ ଲୋକମାନେ ଭୟଭୀତ ହୋଇଯାଆନ୍ତି । ଏହି ପରୀକ୍ଷଣଟି 'ଋଶିଆନ୍ ସ୍ଲିପ୍ ଏକ୍ସପେରିମେଣ୍ଟ' ନାମରେ ପରିଚିତ । ଏହି ପରୀକ୍ଷଣ ପାଇଁ ଜେଲରେ ବନ୍ଦି ଥିବା ପାଞ୍ଚ ଜଣ କଏଦୀଙ୍କ ସହ ଏକ ଚୁକ୍ତି କରାଯାଇଥିଲା । ସେମାନଙ୍କୁ କୁହାଯାଇଥିଲା ଯେ ଯଦି ସେମାନେ ଏଥିରେ ଅଂଶ ଗ୍ରହଣ କରିବେ, ତେବେ ପରୀକ୍ଷଣ ଶେଷ ହେବା ପରେ ସେମାନଙ୍କୁ ଜେଲରୁ ମୁକ୍ତ କରାଯିବ ।

ସେମାନଙ୍କୁ କୁହାଯାଇଥିଲା ଯେ ଏହି ପରୀକ୍ଷଣ ପାଇଁ ସେମାନଙ୍କୁ ୩୦ ଦିନ ଧରି ଅନିଦ୍ରା ରହିବାକୁ ହେବ । କଏଦୀମାନେ ଏଥିରେ ରାଜି ହୋଇଥିଲେ । ଏହାପରେ ସେମାନଙ୍କୁ ଏକ ବାୟୁଗତିରୋଧୀ ଚାମ୍ବରରେ ବନ୍ଦ କରାଯାଇଥିଲା ଏବଂ ସେଠାରେ ଏକ ଗ୍ୟାସ୍ ଛଡ଼ାଗଲା, ଯାହା ସେମାନଙ୍କୁ ନିଦ୍ରାରୁ ଦୂରେଇ ରଖିବ ଓ ବୈଜ୍ଞାନିକମାନେ ଏହାର ପ୍ରଭାବ ଦେଖିପାରିବେ । ପ୍ରଥମେ ସବୁକିଛି ଠିକ୍ ଚାଲିଥିଲା । କଏଦୀମାନେ ପରସ୍ପର ସହ ଆରାମରେ କଥାବାର୍ତ୍ତା କରୁଥିଲେ । ବୈଜ୍ଞାନିକମାନେ ସେମାନଙ୍କ କଥାକୁ ରେକର୍ଡ କରୁଥିଲେ ଏବଂ ବାହାରୁ ସେମାନଙ୍କ ଉପରେ ନଜର ରଖୁଥିଲେ । ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ କଏଦୀଙ୍କ ଅବସ୍ଥା ସ୍ଥିର ରହିଥିଲା, କିନ୍ତୁ ତା'ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାକୁ ଲାଗିଲା ।

କଏଦୀମାନେ ଧୀରେ ଧୀରେ ପରସ୍ପର ସହ କଥା ବନ୍ଦ କଲେଛ ସେମାନେ ବସି ବସି ନିଜେ ନିଜେ କିଛି କହୁଥିଲେ । ଏହିପରି ୧୦ ଦିନ ଗଲା । ତା'ପରେ ୧୧ତମ ଦିନରେ ହଠାତ୍ ଜଣେ କଏଦୀ ଜୋରରେ ଚିତ୍କାର କରିବାକୁ ଲାଗିଲେ । ସେ ଏତେ ଜୋରରେ ଚିତ୍କାର କଲେ ଯେ ତାଙ୍କରର କଣ୍ଠ ଫାଟିଯାଇଥିଲା । ଆଶ୍ଚର୍ଯ୍ୟର କଥା ହେଲା, ଏହି କଏଦୀଙ୍କ ଚିତ୍କାରରେ ଅନ୍ୟ କଏଦୀଙ୍କ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ ।

ପରୀକ୍ଷଣ କରୁଥିବା ବୈଜ୍ଞାନିକମାନେ କଏଦୀଙ୍କ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଦେଖିଲେ ଯେ କଏଦୀଙ୍କ ଶରୀରର ଅନେକ ଅଙ୍ଗରୁ ମାଂସ ଉଭେଇ ଯାଇଛି, କେବଳ ହାଡ଼ ଦେଖାଯାଉଛି । ସେମାନଙ୍କୁ ଦେଖି ଲାଗୁଥିଲା ଯେମିତି ସେମାନେ ପରସ୍ପରର ବା ନିଜର ମାଂସ ଖାଇଛନ୍ତି । କଏଦୀଙ୍କର ଏପ୍ରକାର କାର୍ଯ୍ୟ ଓ ଅବସ୍ଥା ଦେଖି ବୈଜ୍ଞାନିକମାନେ ଭାବିଲେ ଯେ ସେମାନଙ୍କୁ ମାରି ଦିଆଯାଉଛି । ଏଥିପାଇଁ ସେମାନେ ଟିମର କମାଣ୍ଡରଙ୍କ ସହ ଆଲୋଚନା କଲେ, କିନ୍ତୁ କମାଣ୍ଡର ଏପ୍ରକାରିବାକୁ ଅନୁମତି ଦେଇନଥିଲେ । ସେ କହିଥିଲେ ପରୀକ୍ଷଣ ଜାରି ରହୁ । ତେବେ, ପରେ ଜଣେ ବୈଜ୍ଞାନିକ ନିଜେ କଏଦୀଙ୍କୁ ମାରି ଦେଲେ ଓ ପରୀକ୍ଷଣ ସହ ଜଡ଼ିତ ସମସ୍ତ ପ୍ରମାଣ ନଷ୍ଟ କରିଦେଲେ ।

ଏହି କାହାଣୀ ସତ କି ମନଗଢ଼ା, ତାହା ସ୍ପଷ୍ଟ ହୋଇନାହିଁ । ତେବେ ୨୦୧୦ ମସିହାରେ ଏକ ୱେବସାଇଟରେ ଏହା ପ୍ରକାଶିତ ହୋଇଥିଲା ଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଥିଲା । କେତେକ ଲୋକ ଏହାକୁ ସତ୍ୟ ମାନନ୍ତି, କାରଣ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ଓ ଚୀନ୍ ଭଳି ଦେଶମାନଙ୍କରେ ମଣିଷ ଉପରେ ଅନେକ ବିପଜ୍ଜନକ ପରୀକ୍ଷଣ ହୋଇଥିଲା ।

# ନୀତିଶଙ୍କୁ ମନ୍ତ୍ରୀମାନଙ୍କ ନାମ ପଚାରନ୍ତୁ,କହିପାରିବେନି: ପିକେ



**ପାଟନା:** ଜନସୁରାଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର(ପିକେ) କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ମତାମତ ଦେଇଥିବା ପ୍ରଥମ ବ୍ୟକ୍ତି ଥିଲେ ତାଙ୍କ ସହଯୋଗୀ ସୁଶୀଲ କୁମାର ମୋଦୀ । ସେବେଠାରୁ ବିହାରର ଅନେକ ମନ୍ତ୍ରୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ମତାମତ ଦେଇଛନ୍ତି। ମୁଁ ଜାନୁଆରୀ ପର୍ଯ୍ୟନ୍ତ ଏଥିରେ କୌଣସି ମନ୍ତବ୍ୟ ଦେଇ ନଥିଲି । କିନ୍ତୁ ବିପିଏସସି ପ୍ରତିବାଦ ସମୟରେ ମୁଁ ଜାଣିପାରିଲି, ନୀତିଶ କୁମାରଙ୍କ ମାନସିକ ଅବସ୍ଥା ଖରାପ ହୋଇଯାଇଛି । ସେ ଜାଣିପାରୁନାହାନ୍ତି ରାଜ୍ୟରେ କ'ଣ ଘଟୁଛି? ନୀତିଶ କୁମାର ଶାରୀରିକ ଭାବରେ କ୍ଳାନ୍ତ ଏବଂ ମାନସିକ ଭାବରେ ଅସୁସ୍ଥ ଅଛନ୍ତି । ଯଦି ତୁମେ ଏହାର ପ୍ରମାଣ ଚାହୁଁଛ, ତେବେ ତାଙ୍କ ମନ୍ତ୍ରୀ ପରିଷଦର ମନ୍ତ୍ରୀମାନଙ୍କ ନାମ ପଚାର । ସେ କହି ପାରିବେନି । ନୀତିଶ କୁମାର ଇସ୍ତଫା ଦେବା ଉଚିତ । କିନ୍ତୁ ବିଜେପି ମଧ୍ୟ ସମାନ ଭାବରେ ଦୋଷୀ କାରଣ ପ୍ରଧାନମନ୍ତ୍ରୀ କିମ୍ବା ଗୃହମନ୍ତ୍ରୀ ଏନେଇ କେବେ ମଧ୍ୟ ଅଜଣା ନୁହଁନ୍ତି । ସେମାନେ ଜାଣିଛନ୍ତି ନୀତିଶ କୁମାର ମାନସିକ ଭାବେ ଅସୁସ୍ଥ ।

ନିକଟରେ ଲାଲୁ ଯାଦବଙ୍କ ଝିଅ ରୋହିଣୀ ଆଚାର୍ଯ୍ୟ କହିଥିଲେ ଯେ, ଜାତୀୟ ସଙ୍ଗୀତ ଗାନ ସମୟରେ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ଆଚରଣ ନେଇ ସ୍ପଷ୍ଟ ହୋଇଛି ଯେ, ତାଙ୍କ ମାନସିକ ସ୍ୱାସ୍ଥ୍ୟରେ ନିଶ୍ଚିତ ଭାବରେ କିଛି ସମସ୍ୟା ଅଛି । ଜାତୀୟ ସଙ୍ଗୀତ ସମୟରେ, ନୀତିଶ କୁମାର ଜାତୀୟ ସଙ୍ଗୀତର ମର୍ଯ୍ୟାଦାର ବିପରୀତ ଆଚରଣ କରିଥିଲେ । ଗୃହର ଅଧିବେଶନ ସମୟରେ ନିରନ୍ତର ବିଭିନ୍ନ ପ୍ରକାରର ହାସ୍ୟାସ୍ପଦ ଇଙ୍ଗିତ ଦେଉଥିଲେ । ସାର୍ବଜନୀନ ମଞ୍ଚରେ ସରକାରୀ କାର୍ଯ୍ୟକ୍ରମରେ ବହୁ ଅଜବ କାର୍ଯ୍ୟ କରିଛନ୍ତି । ଅନେକ ବିବାଦୀୟ ଏବଂ ଅଶ୍ଳୀଳ ବକ୍ତବ୍ୟ ପ୍ରଦାନ କରିଛନ୍ତି ।

ସେ କହିଛନ୍ତି ଯେ, ନୀତିଶ କୁମାରଙ୍କ ପ୍ରତ୍ୟେକ ଛୋଟ ଛୋଟ କଥାରେ ଚିତ୍କାର କରି ଉତ୍ତେଜିତ ହେବା, ଅପମାନଜନକ ଭାଷା ବ୍ୟବହାର କରିବା, ବିରୋଧୀ ବିଧାୟକ, ଏମଏଲସି, ବିହାରର ପୂର୍ବତନ ଏବଂ ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀଙ୍କ ପାଇଁ ଅପମାନଜନକ ଶବ୍ଦ ବ୍ୟବହାର କରିବା, ଏସବୁ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ, ବିହାରର ମୁଖ୍ୟମନ୍ତ୍ରୀଙ୍କ ମାନସିକ ଅବସ୍ଥା ଗମ୍ଭୀର ଚିନ୍ତାର ବିଷୟ ।

ସେମାନଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ ତୁରନ୍ତ ପରାମର୍ଶ ଆବଶ୍ୟକ । ତାଙ୍କର ରୋଗ ଦୁଃରାରୋଗ୍ୟ ହେବା ପୂର୍ବରୁ, ତାଙ୍କୁ ସମୟୋଚିତ ଏବଂ ଉପଯୁକ୍ତ ଚିକିତ୍ସା ମିଳିବା ଉଚିତ୍ । ଏହା ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଏବଂ ବିହାର ପାଇଁ ମଧ୍ୟ ଭଲ ହେବ । ଏହାକୁ ନେଇ ରାବ୍ରୀ ଦେବୀ ଏବଂ ତେଜସ୍ୱୀ ଯାଦବ ନୀତିଶ କୁମାରଙ୍କ ଇସ୍ତଫା ଦାବି କରିଥିଲେ ।

# ଢାକା ଅଶାନ୍ତ, ହାଇଆଲର୍ଟରେ ସେନା

**ଢାକା:** ବାଂଲାଦେଶର ରାଜଧାନୀ ଢାକାରେ ବିଭିନ୍ନ ଚରମପନ୍ଥୀ ଇସ୍ଲାମିକ ସଙ୍ଗଠନ ପକ୍ଷରୁ ଭାରତ ବିରୋଧୀ ବିକ୍ଷୋଭ ଓ ଶୋଭାଯାତ୍ରାକୁ ନେଇ ତୀବ୍ର ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି । ବିଭିନ୍ନ ଇସ୍ଲାମିକ ସଂଗଠନ ଭାରତ ବିରୋଧୀ ସ୍ଲୋଗାନ ଦେଇ ଲୋକଙ୍କୁ ଉତ୍ତେଜିତ କରିବା ସହ ହିନ୍ଦୁ ବିରୋଧୀ ହିଂସା ପାଇଁ ବାତାବରଣ ସୃଷ୍ଟି କରିଥିବାରୁ ଏବେ ବାଂଲାଦେଶ ସେନା ହାଇଆଲର୍ଟରେ ରହିଛି ଏବଂ ସମଗ୍ର ଢାକାରେ ଅଭିଯାନ ଜୋରଦାର କରିଛି । ପାଲେଷ୍ଟାଇନରେ ଇସ୍ରାଏଲ୍ର ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଭାରତରେ ମୁସଲମାନଙ୍କ ଉପରେ ଆକ୍ରମଣକୁ ନିନ୍ଦା କରି କେତେକ ଗୋଷ୍ଠୀ ହିଂସା ଭିଆଇବା ପାଇଁ ମସୁଧା କରୁଥିବା ଜଣାପଡ଼ିବା ପରେ ଏଭଳି ସ୍ଥିତିକୁ ରୋକିବା ପାଇଁ ସେନା ତତ୍ପରତା ଦେଖାଇଛି । ସମ୍ଭାବ୍ୟ ହିଂସାକୁ ଆକଳନ କରି ସେନା ସମେତ ଆଇନ ପ୍ରଣୟନକାରୀ ଏଜେନ୍ସିମାନେ ପରିସ୍ଥିତି ଉପରେ ଅହରହ ନଜର ରଖିଛନ୍ତି । ଢାକାର ବିଭିନ୍ନ ରାସ୍ତା ଓ ଗଳିକନ୍ଦିରେ ସେନା ପାଟ୍ରୋଲିଂ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି । ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ମିଳିତ ସୁରକ୍ଷା ବାହିନୀ ପକ୍ଷରୁ ଗତକାଲିଠାରୁ ସହରରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ରାମପୁରା, ଶାନ୍ତିନଗର, କାକରାଇଲ, ନ୍ୟାସନାଲ ପ୍ରେସ୍ କ୍ଲବ୍ ଅଞ୍ଚଳ, ବାଇତୁଲ ମୁକରମ୍, ମୋହଖାଲି, ବିଜୟ ସରଣୀ, ଗୁଲସନ ଓ ଖିଲଖେତ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବାଂଲାଦେଶ ସେନିକ ଚେକ୍ପୋଷ୍ଟ ସ୍ଥାପନ କରିଛନ୍ତି ।

## ଇସିଙ୍କ ଉପରେ ବିଶ୍ୱାସ ନାହିଁ: କପିଲ ସିବଲ

**ନୂଆଦିଲ୍ଲୀ:** ନିର୍ବାଚନ କମିସନ ଉପରେ ପ୍ରଶ୍ନ ଉଠାଇ କପିଲ ସିବଲ ବିବାଦୀୟ ମନ୍ତବ୍ୟ ଦେଇ କହିଛନ୍ତି ଯେ, ଏହା ଏକ 'ନିଷ୍କ୍ରିୟ', 'ବିଫଳ ସଂସ୍ଥା' ଏବଂ ଲୋକଙ୍କର ଏକ ବଡ଼ ଅଂଶ ଏହା ଉପରେ ବିଶ୍ୱାସ କରୁ ନାହାନ୍ତି । ନିର୍ବାଚନ କମିସନଙ୍କ ପ୍ରତି ଅନାସ୍ଥାର ପ୍ରସଙ୍ଗ ଯେତେ ଶୀଘ୍ର ସମାଧାନ ହେବ, ଗଣତନ୍ତ୍ର ବଞ୍ଚି ରହିବାର ସମ୍ଭାବନା ସେତେ ଅଧିକ ହେବ । କପିଲ ସିବଲ କହିଛନ୍ତି ଯେ, ବିରୋଧୀ ମେଣ୍ଟ ଇଣ୍ଡିଆରେ ସାମିଲ ଦଳଗୁଡ଼ିକର ଭବିଷ୍ୟତ ପାଇଁ ଏକ ମିଳିତ ନୀତି, ଆଦର୍ଶଗତ ଢାଞ୍ଚା ଏବଂ କାର୍ଯ୍ୟକ୍ରମର ଆବଶ୍ୟକତା ଅଛି । ଭାରତ 'ବିଚ୍ଛିନ୍ନ' ନୁହେଁ, ବରଂ 'ଏକତ୍ରିତ' ଦେଖାଯିବା ଉଚିତ । ସିବଲ କହିଛନ୍ତି ଯେ, ନିର୍ବାଚନ କମିସନଙ୍କ ପ୍ରତି ଅନାସ୍ଥା ପ୍ରସଙ୍ଗ ଯେତେ ଶୀଘ୍ର ସମାଧାନ ହେବ, ଗଣତନ୍ତ୍ର ରକ୍ଷା ହେବାର ସମ୍ଭାବନା ସେତେ ବଢ଼ିବ । କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ଦ୍ୱାରା ଲଗାଯାଇଥିବା ଭୋଟର ତାଲିକାରେ ଅନିୟମିତତା ଅଭିଯୋଗ ବିଷୟରେ ପଚରାଯିବାରୁ ସେ କହିଥିଲେ ଇସିଏକ ନିଷ୍କ୍ରିୟ ସଂସ୍ଥା ।' ସମ୍ବିଧାନ ଅନୁଯାୟୀ ନିର୍ବାଚନ କମିସନଙ୍କଠାରୁ ଆଶା କରାଯାଉଥିବା ଦାୟିତ୍ୱ ଅନୁଯାୟୀ କମିସନ ତାଙ୍କର କର୍ତ୍ତବ୍ୟ ପାଳନ କରିନାହାନ୍ତି । ସିବଲ ଦାବି କରିଛନ୍ତି, ଯେଉଁ ଫଳାଫଳ ଆସିଛି ତାହା ଅନେକ ସ୍ତରରେ ହେରଫେରର ଫଳାଫଳ ହୋଇପାରେ । ପୂର୍ବତନ କଂଗ୍ରେସ ନେତା କହିଥିଲେ, ଆମକୁ ଏହି ସମସ୍ୟାର ସମାଧାନ ଏକାଠି କରିବାକୁ ପଡିବ ।କଂଗ୍ରେସ ଏବଂ 'ଇଣ୍ଡିଆ' (ଇଣ୍ଡିଆନ୍ ନ୍ୟାସନାଲ୍ ଡେଭଲପମେଣ୍ଟାଲ୍ ଇନକ୍ଲୁସିଭ୍ ଆଲାଏନ୍ସ) ମେଣ୍ଟର ଅନ୍ୟାନ୍ୟ ଦଳଗୁଡ଼ିକ ଭୋଟ୍ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ କରିଆସୁଛନ୍ତି । ନିର୍ବାଚନ କମିସନ ଶନିବାର କହିଥିଲେ ଯେ, ୪,୦୦୦ ରୁ ଅଧିକ ନିର୍ବାଚନ ଅଧିକାରୀ ସେମାନଙ୍କ ବିଧାନସଭା କ୍ଷେତ୍ରରେ ପଡ଼ି ରହିଥିବା ବୁଥ୍ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ସର୍ବଦଳୀୟ ବୈଠକ କରୁଛନ୍ତି । ଅଭିଯୋଗଗୁଡ଼ିକର ସମାଧାନ ପାଇଁ କମିସନ ରାଜ୍ୟଗୁଡ଼ିକର ରାଜନୈତିକ ଦଳଗୁଡ଼ିକ ସହିତ ବହୁସ୍ତରୀୟ ଆଲୋଚନା କରିବାକୁ ସମ୍ପ୍ରତି ନିଷ୍ପତ୍ତି ନେଇଥିଲେ, ଯାହାର ଫଳସ୍ୱରୂପ ଏହି ବୈଠକଗୁଡ଼ିକ ଅନୁଷ୍ଠିତ ହେଉଛି ।

## ସମ୍ଭଲ ଜାମା ମସଜିଦ ମୁଖ୍ୟ ଗିରଫ

**ସମ୍ଭଲ:** ୟୁପିର ସମ୍ଭଲ ହିଂସା ମାମଲାରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ଗିରଫଦାରୀ ହୋଇଛି । ଜାମା ମସଜିଦର ମୁଖ୍ୟ ଜାଫର ଅଲ୍ଲୀଙ୍କୁ ଗିରଫ କରାଯାଇଛି । ସମ୍ଭଲ ପୁଲିସର ସୂଚନା ଅନୁଯାୟୀ, ୨୪ ନଭେମ୍ବର ୨୦୨୪ରେ ଘଟିଥିବା ହିଂସା ଘଟଣାରେ ଜଫର ଅଲିଙ୍କୁ ଗିରଫ କରାଯାଇଛି । ପଚରାଉଚରା ପରେ ଗିରଫ କରାଯାଇଥିଲା । ଜାଫରଙ୍କୁ ଖୁବ୍‌ଶୀଘ୍ର ଚନ୍ଦୌସି କୋର୍ଟରେ ହାଜର କରାଯିବ । ରବିବାର ଅପରାହ୍ଣରେ ପୁଲିସ ସଦର ଜାଫର ଅଲିଙ୍କୁ ହେପାଜତକୁ ନେଇଛି । ତାଙ୍କୁ ତାଙ୍କ ଘରୁ ଉଠାଇ ନିଆଯାଇ ସମ୍ଭଲ ପୁଲିସ ଷ୍ଟେସନକୁ ନିଆଯାଇଥିଲା ।ଯେଉଁଠାରେ ତାଙ୍କୁ ଗତବର୍ଷ ନଭେମ୍ବର ୨୪ ତାରିଖରେ ଘଟିଥିବା ହିଂସା ସମ୍ପର୍କରେ ଏସଆଇଟି ପଚରାଉଚରା କରିଥିଲା । ଜାଫର ଅଲ୍ଲୀ ଶାହି ଜାମା ମସଜିଦ କମିଟିର ଆଡଭୋକେଟ୍ । ନଭେମ୍ବର ୨୪ ତାରିଖରେ ଘଟିଥିବା ହିଂସାକାଣ୍ଡ ମାମଲାରେ ତାଙ୍କୁ ଗିରଫ କରାଯାଇଛ । ଏହି ହିଂସାରେ ଚାରି ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା । ସହରରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ, ଥାନାରେ ପିଏସି ଏବଂ ଆରଏଫ ସମେତ ଏକ ବିଶାଳ ପୁଲିସ ଫୋର୍ସ ମୁତୟନ କରାଯାଇଛ । ଏହା ପରେ ଏକ ଫ୍ଲାଗ୍‌ମାର୍ଚ୍ଚ ମଧ୍ୟ କରାଯାଇଥିଲା ।

# ପାଣି ପିଇବାକୁ ନେଇ ଏହି ୫ଟି ଭୁଲ କରନ୍ତୁ ନାହିଁ



**ନୂଆଦିଲ୍ଲୀ:** ପାଣି ଆମ ଜୀବନ ପାଇଁ ଅତ୍ୟନ୍ତ ମୂଲ୍ୟବାନ । ଶରୀର ଏବଂ ପୃଥିବୀ ଉଭୟର ୬୦ ରୁ ୭୦ ପ୍ରତିଶତ ପାଣିରେ ଗଠିତ । କିନ୍ତୁ ଶରୀରରେ ଥିବା ପାଣି ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ କିନ୍ତୁ ପୃଥିବୀରେ ଥିବା ଅତିରିକ୍ତ ପାଣି ପିଇବା ପାଇଁ ଉପଯୋଗୀ ନୁହେଁ, ଅର୍ଥାତ୍ ପାନୀୟ ଜଳର ଅଭାବ ଆମ ପୃଥିବୀରେ ଏକ ବଡ଼ ସଙ୍କଟ ।

୨୨ ମାର୍ଚ୍ଚରେ ବିଶ୍ୱ ଜଳ ଦିବସ ପାଳନ କରାଯାଇଥିଲା । ରାୟାନ ଫର୍ଣ୍ଣାଣ୍ଡୋ କୁହନ୍ତି ଯେ, ପାଣି ପିଇବା ସହିତ ଜଡିତ ଭୁଲ ଆମ ଶରୀରର ଅନେକ ଅଂଶକୁ କ୍ଷତି ପହଞ୍ଚାଇପାରେ । ବିଶ୍ୱର ଅଧିକାଂଶ ସ୍ଥାନରେ, ଲୋକମାନଙ୍କୁ ପିଇବା ପାଇଁ ଉପଯୁକ୍ତ ପାଣି ମଧ୍ୟ ମିଳୁନାହିଁ, ଯାହା କିଛି ପରିମାଣରେ ମଣିଷର ମଧ୍ୟ ଦୋଷ ।

### ଏକାଥରକେ ବହୁତ ପାଣି ପିଇବା

ଏହାକୁ ୱାଟର ଗଲପିଂ ମଧ୍ୟ କୁହାଯାଏ । ଅନେକ ସମୟରେ, ଅଧିକ ପାଣି ପିଇବା ପାଇଁ, ଆମେ ଏକା ଥରକେ ଅଧ କିମ୍ବା ଗୋଟିଏ ଲିଟର ବୋତଲ ପାଣି ପିଇଥାଉ । ଏକାଥରକେ ଏତେ ପରିମାଣର ପାଣି ପିଇବା ଦ୍ୱାରା କିଡନୀ ଉପରେ ପ୍ରଭାବ ପଡ଼ିପାରେ । ଏହା କିଡନୀର ଏକକାଳୀନ କାର୍ଯ୍ୟ କରିବାରେ ଅସୁବିଧା ସୃଷ୍ଟି କରେ, ଯାହା ଫଳରେ ଏହାର କାର୍ଯ୍ୟଦକ୍ଷତା ପ୍ରଭାବିତ ହୁଏ ।

### ଥଣ୍ଡା ପାଣି ପିଇବା

କେତେବେଳେ ଥଣ୍ଡା ପାଣି ପିଇବା ଠିକ୍ ଅଛି, କିନ୍ତୁ ସବୁବେଳେ କେବଳ ବରଫ ଥଣ୍ଡା ପାଣି ପିଇବା ଆମ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଥଣ୍ଡା ପାଣି ପେଟରେ ଥିବା ଇଲେକ୍ଟ୍ରୋଲାଇଟ୍ସକୁ ନିଷ୍କ୍ରିୟ କରିପାରେ, ଯାହା ଫଳରେ ଏସିଡିଟି ଏବଂ ପେଟ ଫୁଲିଯାଏ । ଏହି ପାଣି ପିଇବା ଦ୍ୱାରା ରକ୍ତବାହୀ ନଳୀଗୁଡ଼ିକ ସଙ୍କୁଚିତ ହୋଇଯାଏ, ଯାହା ପାଚନକ୍ରିୟାକୁ ପ୍ରଭାବିତ କରେ ।

### ଖାଇବା ପରେ ତୁରନ୍ତ ପାଣି ପିଇବା

ଖାଦ୍ୟ ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ପାଚନ କ୍ରିୟା ଧୀର ହୋଇପାରେ । ଏହା କରିବା ଦ୍ୱାରା ଖାଦ୍ୟ ହଜମ ହେବା କଷ୍ଟକର ହୋଇଯାଏ ଏବଂ ଆପଣ ପେଟରେ ଭାରୀ ଅନୁଭବ କରିପାରନ୍ତି । ପାଣି ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ ନାହିଁ, ବରଂ ଏହାକୁ ଦ୍ରବୀଭୂତ କରି କଠିନ କରିଥାଏ । ଖାଇବାର ଅଧ ଘଣ୍ଟା ପୂର୍ବରୁ ଏବଂ ଖାଇବାର ୪୦ ମିନିଟ୍ ପରେ ପାଣି ପିଇବା ଉଚିତ ।

### ଅତ୍ୟଧିକ ପାଣି ପିଇବା

ଶରୀରକୁ ଜଳୀୟ ଅଂଶ ବଜାୟ ରଖିବା ପାଇଁ ପର୍ଯ୍ୟାପ୍ତ ପାଣି ଆବଶ୍ୟକ, କିନ୍ତୁ ଅତ୍ୟଧିକ ପାଣି ପିଇବା ଦ୍ୱାରା ଶରୀରରେ ସୋଡିୟମ ସ୍ତର କମିଯାଏ, ଯାହାକୁ ହାଇପୋନାଟ୍ରେମିଆ ମଧ୍ୟ କୁହାଯାଏ । ଅତ୍ୟଧିକ ପାଣି ପିଇବା ଦ୍ୱାରା କିଡନୀ ଉପରେ ବହୁତ ଚାପ ପଡ଼େ ଏବଂ ଏହାକୁ କ୍ଷତି ପହଞ୍ଚାଏ । ଏହି ଅବସ୍ଥା ଗମ୍ଭୀର ହୋଇପାରେ ଏବଂ ଶରୀରର ଅନେକ ଅଙ୍ଗର କାର୍ଯ୍ୟକୁ ପ୍ରଭାବିତ କରିପାରେ । ଅତ୍ୟଧିକ ପାଣି ପିଇବା ଦ୍ୱାରା ଶରୀରରେ ସୋଡିୟମ୍ ଏବଂ ପୋଟାସିୟମ୍ ଭଳି ଖଣିଜ ପଦାର୍ଥର ଅଭାବ ମଧ୍ୟ ଦେଖାଯାଏ ।

### ଶୋଇବା ପୂର୍ବରୁ ପାଣି ପିଅନ୍ତୁ

କିଛି ଲୋକ ଶୋଇବା ପୂର୍ବରୁ ପାଣି ପିଇଥାନ୍ତି । ଏହି ଅଭ୍ୟାସ ଠିକ୍ ନୁହେଁ । ଏହା କରିବା ଦ୍ୱାରା ଆପଣଙ୍କୁ ବାରମ୍ବାର ନିଦରୁ ଉଠି ୱାଶରୁମ ଯିବାକୁ ପଡିବ, ଏହି ଅବସ୍ଥା ଆପଣଙ୍କ ନିଦକୁ ପ୍ରଭାବିତ କରେ । ରାତିରେ କିଡନୀର କାମ କରିବା ମଧ୍ୟ ଧୀର ହୋଇଯାଏ, ତେଣୁ ବାରମ୍ବାର ପରିସ୍ରା ହେବା ଦ୍ୱାରା ଡିହାଇଡ୍ରେସନ ହୋଇପାରେ, ଯାହା କିଡନୀ ଷ୍ଟୋନର ସମସ୍ୟାକୁ ବଢ଼ାଇଥାଏ ।

### ଜଳ ଅଭାବ ଏକ ବଢୁଥିବା ସମସ୍ୟା

ରିଆନ କୁହନ୍ତି ଯେ ଭାରତ ଏପରି ଏକ ଦେଶ ଯେଉଁଠାରେ ଜଳକଷ୍ଟ ଏକ ସଙ୍କଟଠାରୁ କମ୍ ନୁହେଁ । ସ୍ୱଚ୍ଛ ଏବଂ ଶୁଦ୍ଧ ପାଣି କମ୍ ଉପଲବ୍ଧ ଥିବାରୁ ଏଠାରେ ଲୋକମାନେ ଡିହାଇଡ୍ରେସନର ଶିକାର ହେବା ମଧ୍ୟ ସାଧାରଣ କଥା । ଭାରତରେ, ପାଣି ସଞ୍ଚୟ କରିବାର ଅଭ୍ୟାସ ଯୋଗୁଁ ଲୋକମାନେ ପାଣି ପିଇବାକୁ ଭୁଲିଯାଆନ୍ତି, ଯାହା ଶରୀରକୁ କ୍ଷତି ପହଞ୍ଚାଏ । କମ୍ ପାଣି ହାର୍ଟକୁ ପ୍ରଭାବିତ କରେ ଏବଂ ଭାରତରେ ହୃଦରୋଗ ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ନିରନ୍ତର ବୃଦ୍ଧି ପାଉଛି ।

# ସୁପରକିଙ୍ଗ୍ସର ବିଜୟ ଅଭିଯାନ



ଚେନ୍ନାଇ,୨୩।୩ (ଏଜେନ୍ସି): ଆଇପିଏଲ୍‌ର ତୃତୀୟ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ଧମାକାଦାର ବିଜୟ ହାସଲ କରିଛି । ୫ଥର ଲେଖାଏଁ ଆଇପିଏଲ୍ ଟ୍ରଫି ହାତେଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ଚେନ୍ନାଇରୁ ଆଇପିଏଲ୍ ଅଭିଯାନ ଆରମ୍ଭ କରିଛନ୍ତି । ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ଜବାବରେ ଚେନ୍ନାଇ ସୁପରକିଙ୍ଗ୍ସ ୧୯.୧ ଓଭରରେ ୧୫୮/୧୦୦ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା । ଚେନ୍ନାଇକୁ ବିଜୟୀ କରିବାରେ ଓପନର ରଚିନ ରବିନ୍ଦ୍ର ଓ ଅଧିନାୟକ ରିତୁରାଜ ଗାଏକ୍ୱାର୍ଡଙ୍କ ଅର୍ଦ୍ଧଶତକ କାମ ଦେଇଥିଲା ।

ଟସ୍ ଜିତି ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ରିତୁରାଜ ଗାଏକ୍ୱାର୍ଡ ମୁମ୍ବାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲେ । ଭଲ ଫର୍ମକୁ ଫେରିଥିବା ରୋହିତ ଶର୍ମା ଆଇପିଏଲ୍ ଆରମ୍ଭରୁ ଫେଲ୍ ମାରିଛନ୍ତି । ସେ ୪ଟି ବଲର ସମ୍ମୁଖୀନ ହୋଇ ବିନା ସ୍କୋରରେ ପାଭିଲିୟନ୍ ଫେରିଥିଲେ । ତାଙ୍କ ପରେ ପରେ ରିଆନ୍ ରିକେଲଟନ୍ ୧୩ ରନ୍, ୱିଲ ଜ୍ୟାକ୍ସ ୧୧ ରନ୍, ସୂର୍ଯ୍ୟ କୁମାର ଯାଦବ ୨୯ ରନ୍, ତିଲକ ବର୍ମା ୩୧ ରନ୍, ନମନ ଧିର ୧୭ ରନ୍, ମିଚେଲ ସାଣ୍ଟନର ୧୧ ଓ ଦୀପକ ଚହର ୨୮ ରନ୍ କରିଥିଲେ । ତେଣୁ ମୁମ୍ବାଇ ଅତିରିକ୍ତ ୧୦ ରନ୍ ସହ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା । ବୋଲିଂରେ ଚେନ୍ନାଇର ନୁର ଅହମ୍ମଦଙ୍କୁ ସର୍ବାଧିକ ୪ଟି, ଖଲିଲ ଅହମ୍ମଦ ୩ଟି, ନାଥନ ଏଲିସ୍ ଓ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୧୫୬ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ଚେନ୍ନାଇର ପ୍ରଥମ ୱିକେଟ୍ ୧୧ ରନ୍‌ରେ ଝଡିଥିଲା । ରାହୁଲ ତ୍ରିପାଠୀ ୨ ରନ୍ କରି ପାଭିଲିୟନ୍ ଫେରିଥିଲେ । ଏହାପରେ ରଚିନ ରବିନ୍ଦ୍ର ଓ ଅଧିନାୟକ ରିତୁରାଜ ଗାଏକ୍ୱାର୍ଡ ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ରୁତୁରାଜ ୨୬ ବଲ୍‌ରୁ ୬ଟି ଚୌକା ଓ ୩ଟି ଛକା ସହାୟତାରେ ୫୩ ରନ୍ କରି ଆଉଟ୍ ହୋଇଥିଲେ । ତାଙ୍କ ପରେ ଶିବମ ଦୁବେ, ଦୀପକ ହୁଦା ୩ ଓ ସାମ କୁରନ୍ ୪ ରନ୍ କରି ଆଉଟ୍ ହୋଇଥିଲେ । ରବିନ୍ଦ୍ର ଜାଡେଜା ୧୭ ରନ୍ କରି ରନ୍‌ଆଉଟ୍ ହୋଇଥିଲେ । ଏକଦା ମ୍ୟାଚ ଶେଷ ବଲ୍ ପର୍ଯ୍ୟନ୍ତ ଯିବ ବୋଲି ଆଶା କରାଯାଉଥିଲା । କିନ୍ତୁ ୨୦ତମ ଓଭରର ପ୍ରଥମ ବଲରେ ରଚିନ ରବିନ୍ଦ୍ର ଛକା ମ୍ୟାଚ ଫିନିସ୍ କରିଥିଲେ । ମହେନ୍ଦ୍ର ସିଂ ଧୋନି ୨ଟି ବଲ୍‌ର ସମ୍ମୁଖୀନ ହୋଇ ରନ ଖାତା ଖୋଲିନଥିଲେ । ମୁମ୍ବାଇ ପକ୍ଷରୁ ବିଘ୍ନେଶ ପୁଥୁରଙ୍କୁ ସର୍ବାଧିକ ୩ ୱିକେଟ୍ ସଫଳତା ମିଳିଥିଲା ।

## ଆଇପିଏଲ୍ ମହାସମର

# ଇଶାନଙ୍କ ଶତକ, ସନ୍‌ରାଇଜର୍ସ ବିଜୟୀ

ହାଇଦ୍ରାବାଦ,୨୩।୩ (ଏଜେନ୍ସି): ହାଇଦ୍ରାବାଦର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ରବିବାର ରନ୍ ବର୍ଷା ହୋଇଛି । ଉଭୟ ଇନିଂସର ୪୦ ଓଭର ଖେଳରେ ୫୨୮ ରନ୍ ସ୍କୋର ହୋଇଛି । କେବଳ ୧୨ ୱିକେଟ୍ ଝଡିଛି । ତା ସାଙ୍ଗକୁ ଚୌକା ଓ ଛକାର ବର୍ଷା ମାହୋଲକୁ ସରଗରମ ରଖିଥିଲା । ୪୭ ବଲ୍‌ରୁ ୧୦୬ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିବା ଇଶାନ କିଷାନଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ମ୍ୟାଚରେ ସନ୍‌ରାଇଜର୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୮୬ ରନ୍ କରିଥିଲା । ଆଇପିଏଲରେ ମଧ୍ୟ ଏହା ଦଳଗତ ରେକର୍ଡ ରନ୍ । ଏହାର ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୪୨ ରନ୍ କରିଥିଲା । ତେଣୁ ସନରାଇଜର୍ସ ୪୪ ରନ୍ ବ୍ୟବଧାନରେ ରାଜସ୍ଥାନକୁ ପଛରେ ପକାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି । ଉଭୟ ଇନିଂସରେ ମୋଟ୍ ୩୦ଟି ଛକା ହୋଇଛି । ସନ୍‌ରାଇଜର୍ସ ବ୍ୟାଟରୁ ୧୨ଟି ଓ ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୮ଟି ଛକା ଦେଖିବାକୁ ମିଳିଥିଲା । ବିଜୟ ସହ ସନ୍‌ରାଇଜର୍ସ ୨ ପଏଣ୍ଟ ଲାଭ କରି ଟେବୁଲର ଶୀର୍ଷରେ ରହିଛି । ଟସ୍ ଜିତି ରାଜସ୍ଥାନ ବୋଲିଂ ନିଷ୍ପତ୍ତି ନେଇଥିଲା । ତେଣୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା ସନରାଇଜର୍ସ ହାଇଦ୍ରାବାଦ ।



## ହାଇଦ୍ରାବାଦରେ ରନ ବର୍ଷା
## ଉଭୟ ଇନିଂସରେ ୫୨୮ ରନ୍

ଅଭିଶେଖ ଶର୍ମାଙ୍କ ସହ ଟ୍ରେଭିସ ହେଡ ଇନିଂସ ଓପନ କରିଥିଲେ । ଦୁହେଁ ଏପରି ବ୍ୟାଟିଂ କଲେ ଯେ, ଦଳୀୟ ସ୍କୋର ୩.୧ ଓଭରରେ ୪୫ ରନ୍‌ରେ ପହଞ୍ଚି ଯାଇଥିଲା । କିନ୍ତୁ ଅଭିଶେଖ ଶର୍ମା ୧୧ ବଲ୍‌ରୁ ୨୪ ରନ୍ କରି ହେକସାନାଙ୍କ ବଲରେ ଜୟଶ୍ୱାଲଙ୍କ ହାତରେ ଧରାପଡିଥିଲେ । ଏହାପରେ ଆହୁରି ମ୍ୟାଚର ରୋଚକତା ବଢ଼ିଥିଲା । ଆଶାଠୁ ଭଲ ଖେଳିଥିଲେ ହାଇଦ୍ରାବାଦ ବ୍ୟାଟର । ଟ୍ରେଭିସ୍ ହେଡ ୩୧ ବଲ୍‌ରୁ ୯ ଚୌକା ଓ ୩ ଛକା ସହାୟତାରେ ୬୭ ରନ କରିଥିଲେ । ୯.୩ ଓଭରରେ ଦଳୀୟ ସ୍କୋର ୧୩୦ ରନ୍ ବେଳେ ହେଟ୍ ଆଉଟ୍ ହୋଇଥିଲେ । କିନ୍ତୁ ସବୁଠୁ ପ୍ରଶଂସନୀୟ ଥିଲା ଇଶାନ କିଷାନଙ୍କ ଇନିଂସ । ନଂ.୩ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଇଶାନ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୪୭ ବଲ୍‌ରୁ ୬ ଛକା ଓ ୧୧ ଚୌକା ସହାୟତାରେ ୧୦୬ ରନ କରିଥିଲେ । ତାଙ୍କ ବ୍ୟତୀତ ନୀତିଶ କୁମାର ରେଡ୍ଡୀ ୧୫ ବଲ୍‌ରୁ ୩୦, ହେନରିଚ କ୍ଲାସେନ୍ ୧୪ ବଲ୍‌ରୁ ୩୪ ଓ ଅନିକେତ ବର୍ମା ୩ ବଲ୍‌ରୁ ୭ ରନ୍ କରିବାରୁ ଦଳୀୟ ସ୍କୋର ୨୦ ଓଭରରେ ୨୮୬/୬ ରନ୍‌ରେ ପହଞ୍ଚିଥିଲା । ହାଇଦ୍ରାବାଦ ଇନିଂସରେ ମୋଟ୍ ୧୨ଟି ଛକା ହୋଇଥିଲା । ବୋଲିଂରେ ତୁଷାର ଦେଶପାଣ୍ଡେଙ୍କୁ ୩ଟି, ମହେଶ ଥେକଶାନା ୨ଟି ଓ ସନ୍ଦୀପ ଶର୍ମା ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୨୮୭ ରନ୍‌ର ବିଜୟଲକ୍ଷ୍ୟ ରାଜସ୍ଥାନ ରୟାଲ୍ସ ପାଇଁ ଅସମ୍ଭବ ଥିଲା । ବିଶାଳ ରନ୍ ପାହାଡକୁ ପିଛା କରି ଆରମ୍ଭରୁ ଝୁଣ୍ଟି ଥିଲା ରାଜସ୍ଥାନ । ଓପନର ଯଶସ୍ୱୀ ଜୟଶ୍ୱାଲ ୧ ରନ୍ କରି ଆଉଟ୍ ହୋଇଥିଲେ । ପରେ ପରେ ଅଧିନାୟକ ରିଆନ୍ ପରାଗ ୪ ରନ୍ କରି ଆଉଟ୍ ହେବାରୁ ୨୪ ରନ୍‌ରେ ଦୁଇ ୱିକେଟ୍ ହରାଇଥିଲା । ରାଜସ୍ଥାନ । ସଞ୍ଜୁ ସାମସନ ୩୭ ବଲ୍‌ରୁ ୭ଟି ଚୌକା ଓ ୪ଟି ଛକା ସହାୟତାରେ ୬୬ ରନ୍ କରିଥିବା ବେଳେ ନୀତିଶ ରାଣା ୮, ଧ୍ରୁବ ଜୁରେଲ ୩୫ ବଲ୍‌ରୁ ୭୦, ସିମରନ୍ ହେଟମେୟାର ୨୩ ବଲ୍‌ରୁ ୪୨ ତଥା ଶୁଭମ ଦୁବେ ୧୧ ବଲ୍‌ରୁ ୩୪ ରନ୍ କରିବାରୁ ରାଜସ୍ଥାନର ଦଳୀୟ ସ୍କୋର ୨୦ ଓଭରରେ ୨୪୨/୬ ରନରେ ପହଞ୍ଚିଥିଲା । ରାଜସ୍ଥାନ ଇନିଂସରେ ୧୮ଟି ଛକା ହୋଇଥିଲା । ଏହା ସତ୍ତ୍ୱେ ରାଜସ୍ଥାନ ବିଜୟଲକ୍ଷ୍ୟଠାରୁ ୪୪ ରନ୍ ପଛରେ ରହିଯାଇଥିଲା ।

### ଆଜିର ମ୍ୟାଚ

ଦିଲ୍ଲୀ–ଲକ୍ଷ୍ନୌ
ସମୟ: ରାତି ୭.୩୦
ସ୍ଥାନ: ବିଶାଖାପଟନମ୍
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

# ଧୋନିଙ୍କ ଅବସର ପ୍ରଶ୍ନରେ ଚିଡିଗଲେ ଗାଭାସ୍କର

କୋଲକାତା,୨୩।୩ (ଏଜେନ୍ସି): ଆଇପିଏଲ୍ ୧୮ତମ ସଂସ୍କରଣ ଆରମ୍ଭ ହୋଇସାରିଛି । ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ମହେନ୍ଦ୍ର ସିଂ ଧୋନି ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳୁଛନ୍ତି । ଏକ ଆଲୋଚନା ଚକ୍ରରେ ଧୋନିଙ୍କ ଅବସର ନେଇ ପୁଣି ପ୍ରଶ୍ନ କରାଯାଇଥିଲା । ଯାହା ଶୁଣିବା ପରେ ରାଗି ଯାଇଥିଲେ ସୁନୀଲ ଗାଭାସ୍କର । ଆପଣମାନେ କାହିଁକି ବାରମ୍ବାର ଧୋନିଙ୍କ ଅବସର ସମ୍ପର୍କରେ ଆଲୋଚନା କରୁଛନ୍ତି । ଏହା ଦ୍ୱାରା ସେ ଚାପଗ୍ରସ୍ତ ହେବେ । ଧୋନି ପ୍ରଦର୍ଶନ ଉପରେ ଧ୍ୟାନ ଦିଅନ୍ତୁ । ସେ କେତେ ବୟସର ହେଲେଣି ସେଥିରେ ଆମକୁ କଣ ମିଳିବ । ଏବେ ବି ଚେନ୍ନାଇ କ୍ରିଜରେ ଛିଡା ହୋଇ ଛକା ମାରୁଛନ୍ତି । ତାଙ୍କ ଦକ୍ଷତା ଉପରେ ସନ୍ଦେହ କରନ୍ତୁ ନାହିଁ ବୋଲି ଗାଭାସ୍କର କହିଛନ୍ତି । ଧୋନିଙ୍କ କେବେ ଅବସର ନେବେ ସେ ନିଷ୍ପତ୍ତି ତାଙ୍କ ଉପରେ ଛାଡି ଦିଅ । ଆମେ ତାଙ୍କ ଖେଳ ଦେଖିବା ପାଇଁ ଆସିଛେ, ଅବସର ବିଷୟରେ ଆଲୋଚନା କରିବା ପାଇଁ ନୁହେଁ ବୋଲି ଗାଭାସ୍କର କହିଛନ୍ତି । ଆଇପିଏଲ୍‌ରେ ଧୋନି ୨୫୨ ଛକା ମାରି ଚତୁର୍ଥ ସ୍ଥାନରେ ରହିଛନ୍ତି । ଏପର୍ଯ୍ୟନ୍ତ ସେ ୨୬୪ ମ୍ୟାଚ ଖେଳି ୫୨୪୩ ରନ୍ କରିଛନ୍ତି । ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି । ସେ ୱିକେଟ୍‌କିପର ଭାବେ ୧୫୨ କ୍ୟାଚ ଓ ୪୨ ଡିସ୍‌ମିସାଲ କରିଛନ୍ତି ।



# ଖେଲୋ ଇଣ୍ଡିଆ ପାରାଗେମ୍ସ: ରୌପ୍ୟ ଜିତିଲେ ପାୟଲ

ଭୁବନେଶ୍ୱର,୨୩।୩ (ସବ୍ୟୁ): ଓଡ଼ିଶାର ପାରା ଆଚର ପାୟଲ ନାଗ ମର୍ଯ୍ୟାଦାଜନକ ଖେଲୋ ଇଣ୍ଡିଆ ପାରା ଗେମ୍ସର ମହିଳା କମ୍ପାଉଣ୍ଡ ଓପନ ବର୍ଗରେ ରୌପ୍ୟ ପଦକ ଜିତିଛନ୍ତି । ସେ ୧୨୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଜମ୍ମୁ-କାଶ୍ମୀରର ଶୀତଳ ଦେବୀ ୧୩୭ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ଏବଂ ଉତ୍ତରପ୍ରଦେଶର ଜ୍ୟୋତି ୧୨୬ ପଏଣ୍ଟ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ପୁରୁଷ ୨୦୦ ମିଟର ଟି-୩୭ ବର୍ଗରେ ସ୍ୱସ୍ତିକ ସାହୁ ବ୍ରୋଞ୍ଜ ପଦକ ଜିତିଛନ୍ତି । ସେ ଫିନିସିଂ ଲାଇନ୍‌କୁ ୨୬.୪୪ ସେକେଣ୍ଡରେ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ । ଏହି ବର୍ଗରେ ଗୁଜରାଟର ରାକେଶ ଭଟ୍ଟ ୨୪.୫୨ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଦିଲ୍ଲୀର ଧାୱନ ୨୬.୩୬ ସେକେଣ୍ଡ ସହ ରୌପ୍ୟ ପଦକ ଜିତିଛନ୍ତି ।

ପୁରୁଷ ଟି-୪୬ ଜାଭେଲିନ୍ ଥ୍ରୋରେ ଓଡ଼ିଶାର ରଣଜିତ ଚାନ୍ଦ ବ୍ରୋଞ୍ଜ ପଦକ ହାତେଇଛନ୍ତି । ସେ ମୋଟ୍ ୫୫.୧୨ ମିଟର ଜାଭେଲିନ୍ ଫିଙ୍ଗି ଥିଲେ । ଏହି ବର୍ଗରେ ହରିୟାଣାର ରିଙ୍କୁ ୬୦.୯୬ ମିଟର ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ରାଜସ୍ଥାନର ମହେନ୍ଦ୍ର କୁମାର ଶର୍ମା ୫୬.୪୦ ମିଟର ସହ ରୌପ୍ୟ ପଦକ ହାତେଇଥିଲେ ।



# ରାଜ୍ୟ ଓପନ ଚେସ୍: ରବିନ୍ଦ୍ର କୁମାର ବିଜେତା

ଭୁବନେଶ୍ୱର,୨୩।୩ (ସବ୍ୟୁ): ପ୍ରଥମ ଲକ୍ଷ୍ମୀଧର ଶତପଥୀ ସ୍ମାରକୀ ରାଜ୍ୟ ଓପନ ଚେସ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । କେଶୁରା ସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ଦିନିକିଆ ପ୍ରତିଯୋଗିତାରେ କଟକର ରବିନ୍ଦ୍ର କୁମାର ଓଝା ୫ ପଏଣ୍ଟ ସହ ଚାମ୍ପିଅନ୍ ହୋଇଛନ୍ତି । କନ୍ଧମାଳର ଲେରେନ୍ସ ପ୍ରଧାନ ଦ୍ୱିତୀୟ, କଟକର ପ୍ରତ୍ୟୁଷ ମହାପାତ୍ର ତୃତୀୟ, ଲଳିତ ରଞ୍ଜନ ସାହୁ ଚତୁର୍ଥ, ଯାଜପୁରର ଦୀପ୍ତି ରଞ୍ଜନ ନାୟକ, ଖୋର୍ଦ୍ଧା ଜଟଣୀର ଆୟନ ଅଙ୍କିତ ସ୍ୱାଇଁ ତଥା ଭୁବନେଶ୍ୱରର ପ୍ରାନସୁ ଦାସ ଯଥାକ୍ରମେ ଚତୁର୍ଥରୁ ସପ୍ତମ ସ୍ଥାନ ମଧ୍ୟରେ ରହିଛନ୍ତି । ସେହିଭଳି ବିଭିନ୍ନ ବୟସ ବର୍ଗରେ ଦୁଇ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମାନସ ଶତପଥୀ, ଦେବାଶିଷ ପାଣିଗ୍ରାହୀ, ସତ୍ୟ ମାଧବ ଶତପଥୀ ଓ ସୟମ୍ ପ୍ରକାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।



# ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର

ଆଇପିଏଲ୍ ଇତିହାସରେ ଦ୍ୱିତୀୟ ସର୍ବୋଚ୍ଚ ସ୍କୋର କରିଛି ସନ୍‌ରାଇଜର୍ସ ହାଇଦ୍ରାବାଦ । ଇଶାନ କିଷାନଙ୍କ ଶତକ ବଳରେ ହାଇଦ୍ରାବାଦ ୬ ୱିକେଟ୍ ହରାଇ ୨୮୬ ରନ୍ କରିଥିଲା । ପୂର୍ବରୁ ଆଇପିଏଲ୍‌ରେ ହାଇଦ୍ରାବାଦ ୨୮୭ ରନ୍ କରିଥିଲା । ଅର୍ଥାତ୍ ନିଜ ରେକର୍ଡକୁ ଭାଙ୍ଗିବାରେ ବଞ୍ଚିତ ହୋଇଛି ହାଇଦ୍ରାବାଦ । ଆଇପିଏଲ୍‌ରେ ହାଇଦ୍ରାବାଦ ୪ଥର ୨୫୦ରୁ ଅଧିକ ରନ୍ କରିଛି । ୨୦୨୪ ସଂସ୍କରଣରୁ ହିଁ ହାଇଦ୍ରାବାଦ ଏପରି ବିସ୍ଫୋରକ ଖେଳୁଛି । ଗୋଟିଏ ଇନିଂସରେ ହାଇଦ୍ରାବାଦ ବ୍ୟାଟର ୩୪ଟି ଚୌକା ମାରିଛନ୍ତି । ରାଜସ୍ଥାନ ବିପକ୍ଷରେ ହାଇଦ୍ରାବାଦ ଚୌକା ଓ ଛକାରୁ ୨୦୮ ରନ୍ ସଂଗ୍ରହ କରିଛି । ୪ ଓଭରରେ ୭୬ ରନ୍ ବ୍ୟୟ କରି ଆଇପିଏଲ୍‌ରେ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି ବୋଲର ଜୋଫ୍ରା ଆଚର । ତାଙ୍କ ପଛକୁ ଅଛନ୍ତି ମୋହିତ ଶର୍ମା । ସେ ୪ ଓଭରରେ ୭୩ ରନ୍ ବ୍ୟୟ କରିଥିଲେ । ରବିବାର ମ୍ୟାଚରେ ହାଇଦ୍ରାବାଦ ୧୪.୧ ଓଭରରେ ୨୦୦ ରନ୍ ପୂରଣ କରିଥିଲା । ୨୦୧୬ରେ ବାଙ୍ଗାଲୋର ଦଳ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷରେ ଏହି କୀର୍ତ୍ତିମାନ ହାସଲ କରିଥିଲା । ସେହିଭଳି ପାୱାର ପ୍ଲେରେ ୯୪ ରନ୍ ସଂଗ୍ରହ କରି ହାଇଦ୍ରାବାଦ ସବୁଠୁ ଆଗରେ ରହିଛି ।

## ରାଜ୍ୟ ସିନିୟର ଭଲିବଲ ଚାମ୍ପିଅନ୍‌ସିପ୍

# ଉଭୟ ବର୍ଗରେ କିଟ୍ ବିଜେତା




ଭୁବନେଶ୍ୱର,୨୩।୩ (ସବ୍ୟୁ): ୭୧ତମ ରାଜ୍ୟ ସିନିୟର ଭଲିବଲ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବର୍ଗରେ କିଟ୍ ଚାମ୍ପିଅନ୍ ହୋଇଛି । ଉଭୟ ପୁରୁଷ ଓ ମହିଳା ବର୍ଗରେ କିଟ୍ ପ୍ରତିଯୋଗୀ ଜମାଣିଆ ପ୍ରଦର୍ଶନ ଦେଖାଇଛନ୍ତି । କ୍ୟାମ୍ପସ-୧୩ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମହିଳା ବର୍ଗର ଫାଇନାଲରେ କିଟ୍ ୩-୦ ସେଟ୍‌ରେ ଓଡ଼ିଶା ପୋଲିସ୍‌କୁ ହରାଇଥିଲା । ସେହିଭଳି କିଟ୍ ପୁରୁଷ ଦଳ ୩-୧ ସେଟ୍‌ରେ ପୂର୍ବତଟ ରେଳବାଇକୁ ହରାଇ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗନେନ୍ଦୁ ଦାସ, ବିଜୟ କୁମାର ଧଳ, ଶିବ କୁମାର ତ୍ରିପାଠୀ, ରବିନ୍ଦ୍ର କୁମାର ଦାସ, ବ୍ରହ୍ମାନନ୍ଦ ସାମନ୍ତରାୟ, ମନୋରଞ୍ଜନ ଜୀୟୁ ଓ ଆଦିତ୍ୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପ୍ରତିଯୋଗିତାର ମହିଳା ବର୍ଗରେ କିଟ୍ ଚାମ୍ପିଅନ୍ ହୋଇଥିବା ବେଳେ ଓଡ଼ିଶା ପୋଲିସ୍ ରନର୍ସ ଅପ୍ ଓ ଜଗତସିଂହପୁର ତୃତୀୟ ସ୍ଥାନ ହାସଲ କରିଛି । ପୁରୁଷ ବର୍ଗରେ କିଟ୍ ଚାମ୍ପିଅନ୍ ହୋଇଥିବା ବେଳେ ପୂର୍ବତଟ ରେଳବାଇ ରନର୍ସ ଅପ୍ ଓ କେନ୍ଦୁଝର ତୃତୀୟ ସ୍ଥାନ ଦଖଲ କରିଛି ।

# ଡ୍ରିମ୍‌ସରେ ଆନ୍ତଃ ଉଇଙ୍ଗ କବାଡି ଟୁର୍ଣ୍ଣାମେଣ୍ଟ

କଟକ,୨୩।୩ (ସବ୍ୟୁ): ଡ୍ରିମ୍‌ସରେ ଆନ୍ତଃ ଉଇଙ୍ଗ କବାଡି ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଦୁଇଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ବର୍ଗରେ ବିଭିନ୍ନ ଉଇଙ୍ଗର ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି କ୍ରୀଡା ଦକ୍ଷତା ପ୍ରଦର୍ଶନ କରିଥିଲେ । ବାଳିକା ବର୍ଗରେ ସ୍କୁଲ ଅଫ ନର୍ସିଂ ଦଳ ୨୫ ପଏଣ୍ଟରେ ସ୍କୁଲ ଅଫ ଇଂଜନିୟରିଂ ଓ ଟେକ୍‌ନୋଲୋଜିକୁ ହରାଇ ଚମ୍ପିଆନ୍ ହୋଇଥିଲା । ନର୍ସିଂର ଛାତ୍ରୀ ବିଜୟଲକ୍ଷ୍ମୀ ମିଶ୍ର ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଗୌରବ ହାସଲ କରିଥିଲେ । ସେହିପରି ବାଳକ ବର୍ଗରେ ପଲିଟେକ୍‌ନିକ ଉଇଙ୍ଗ ୭ପଏଣ୍ଟରେ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍‌ନୋଲୋଜି-୧କୁ ପରାସ୍ତ କରି ଚମ୍ପିଆନ ଟ୍ରଫି ହାସଲ କରିଥିଲା । ପଲିଟେକ୍‌ନିକର ଛାତ୍ର ମୋହିତ୍ କୁମାର ଶ୍ରେଷ୍ଠ ଖେଳାଳୀ ଘୋଷିତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୟୀ ଓ ରନର୍ସସପ ଦଳାକୁ ଟ୍ରଫି ପ୍ରଦାନ କରିବା ସହ ରାଜ୍ୟ ତଥା ଜାତୀୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ପାଠ ସହିତ ଖେଳ କୁଦର ନିତାନ୍ତ ଜରୁରୀ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ପ୍ରଶାସନିକ ଅଧିକାର ଆଶୁତୋଷ ଦ୍ୱିବେଦୀ, ରଞ୍ଜିତ୍ ସାହୁ ପ୍ରମୁଖ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସ୍ପୋର୍ଟ୍ସ କମ୍ପ୍ଲେକ୍ସର କ୍ରୀଡା ପ୍ରଶିକ୍ଷକମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।



ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541